RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -112 | ସଂଖ୍ୟା-୧୧୨
ଭୁବନେଶ୍ୱର, ଶନିବାର ୧୧ ଜୁଲାଇ ୨୦୨୬
Bhubaneswar, Saturday 11 July, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ରଥଯାତ୍ରା ପାଇଁ ପୁରୀରେ ୮ ଅସ୍ଥାୟୀ ଚିକିତ୍ସାଳୟ, ୧୭୦୦ ଶୌଚାଳୟ

ଭୁବନେଶ୍ୱର,୧୦।୭(ନି.ପ୍ର.): ପ୍ରସିଦ୍ଧ ପୁରୀ ରଥଯାତ୍ରା ନିମନ୍ତେ ପୁରୀରେ ଭକ୍ତଙ୍କ ନିମନ୍ତେ ୮ଟି ଅସ୍ଥାୟୀ ଚିକିତ୍ସାଳୟ, ୧୭ଶହଟି ଶୌଚାଳୟ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆଜି (ଶୁକ୍ରବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ, ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ

## ଉଚ୍ଚସ୍ତରୀୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, 'କମ୍ୟୁନିକେସନ୍ ଗ୍ୟାପ୍' ରଖନି

ସୁରକ୍ଷା, ଭିଡ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ପ୍ରତ୍ୟେକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ତଥା ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାପାଇଁ ନିରନ୍ତର ସୂଚନା ପ୍ରଦାନର ବ୍ୟବସ୍ଥା ରହିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଯେପରି ଯୋଗଯୋଗ ବିଚ୍ଛିନ୍ନ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ।ସେହିପରି



୪୭୩ ସିସିଟିଭି କ୍ୟାମେରା ସହିତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ ଏଲ୍ଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଓଡିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ସୂଚନା ପ୍ରଦାନ ପାଇଁ ଏଥରକ ଅଧିକ ବାର୍ତ୍ତା (ବଲ୍କ ମେସେଜ୍)ର ବ୍ୟବସ୍ଥା ମଧ୍ୟ କରାଯାଇଛି। ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଙ୍ଗ୍, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି।

ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ସହାୟତା କେନ୍ଦ୍ରର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ଅନେକ ନିର୍ଗମନ ଦ୍ୱାରର ବ୍ୟବସ୍ଥା କରାଯାଇଛି। ସମସ୍ତ ସୁରକ୍ଷା କାର୍ଯ୍ୟର ନିୟନ୍ତ୍ରଣ ପାଇଁ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢୀ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବିଭିନ୍ନ ବିଭାଗର ସଚିବ ଓ ପୋଲିସ ଉଚ୍ଚ ପଦାଧିକାରୀ ଏବଂ ପୁରୀ ଜିଲ୍ଲାପାଳ ଓ ଏସ୍.ପି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପାରେ ଆଜି ଆଉଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି।

# ଟିଏମସି ଛାଡ଼ିଥିବା ସୁସ୍ମିତା, ସୁଖେନ୍ଦୁ ଓ ପ୍ରକାଶଙ୍କୁ ଟିକେଟ ଦେଲା ବିଜେପି

କୋଲକାତା,୧୦।୭: ପୂର୍ବତନ ତୃଣମୂଳ କଂଗ୍ରେସ (ଟିଏମସି) ରାଜ୍ୟସଭା ସାଂସଦ ସୁସ୍ମିତା ଦେବ, ସୁଖେନ୍ଦୁ ଶେଖର ରାୟ ଏବଂ ପ୍ରକାଶ ଚିକ ବଡ଼ାଇକଙ୍କୁ ପଶ୍ଚିମବଙ୍ଗରେ ଜୁଲାଇ ୨୪ ରେ ହେବାକୁ ଥିବା ରାଜ୍ୟସଭା ଉପ-ନିର୍ବାଚନ ପାଇଁ ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି ବିଜେପି। ଏହି ତିନି ନେତା ଦଳରେ ଯୋଗ ଦେବାର କିଛି ଦିନ ପରେ ବିଜେପି ଏହି ନିଷ୍ପତ୍ତି ନେଇଛି। ଗତ ମାସରେ ରାଜ୍ୟସଭାରୁ ଇସ୍ତଫା ଦେଇ ଟିଏମସି ଛାଡ଼ିଥିବା ଏହି ତିନି ନେତାଙ୍କୁ, ସଲ୍ଟଲେକ୍ ସ୍ଥିତ ବିଜେପିର ପଶ୍ଚିମବଙ୍ଗ ମୁଖ୍ୟାଳୟରେ ରାଜ୍ୟ ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରିଥିଲେ। ଗୁରୁବାର ଦିନର ପ୍ରାରମ୍ଭରେ, ଏହି ତିନିଜଣଙ୍କୁ ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ କରାଯିବ କି ନାହିଁ, ସେ ନେଇ ଭଟ୍ଟାଚାର୍ଯ୍ୟ ସ୍ପଷ୍ଟ କରିବାକୁ ମନା କରିଦେଇଥିଲେ। ସେ



ସ୍ମିତହାସ୍ୟ ସହ କହିଥିଲେ, 'ଆଲୋଚନା ଚାଲୁ ରହୁ।' ଟିଏମସିର ନେତାମାନଙ୍କୁ ଦଳରେ ସାମିଲ ନ କରିବା ପାଇଁ ବିଜେପିର ପୂର୍ବ ଆଭିମୁଖ୍ୟ ସତ୍ତ୍ୱେ ଏହି ନେତାମାନଙ୍କୁ ଦଳରେ ସାମିଲ କରିବା ନିଷ୍ପତ୍ତିକୁ ସମର୍ଥନ କରି ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଏହା ଏକ 'ବ୍ୟତିକ୍ରମ'।

ସେ କହିଥିଲେ, ଆମେ କହିଥିଲୁ ଯେ ତୃଣମୂଳ ନେତାମାନଙ୍କ ପାଇଁ ଦ୍ୱାର ବନ୍ଦ ରହିଛି। ଆମେ ସେହି କଥାରେ କାଏମ ଅଛୁ। କିନ୍ତୁ ଯେଉଁମାନେ ଦୁର୍ନୀତିରେ ଲିପ୍ତ ନାହାନ୍ତି, ଲୋକଙ୍କୁ ଅତ୍ୟାଚାର କରିନାହାନ୍ତି, ଚାକିରି ବିକ୍ରି କରିନାହାନ୍ତି କିମ୍ବା ଲୋକଙ୍କ ଅଧିକାର ଛଡ଼ାଇ ନେଇନାହାନ୍ତି, ଟିଏମସି ବିରୋଧରେ ଲଢେଇରେ ଆମ ସହ ସାମିଲ ହେବା ପାଇଁ ସେମାନଙ୍କୁ ସଦାସର୍ବଦା ସ୍ୱାଗତ। ଏହି ନିଷ୍ପତ୍ତି ଠିକ୍ ବୋଲି ଯୁକ୍ତି ବାଢ଼ି ସେ କହିଛନ୍ତି ଯେ ଏହି ତିନି ପୂର୍ବତନ ସାଂସଦଙ୍କ ଅଭିଜ୍ଞତା ପଶ୍ଚିମବଙ୍ଗରେ ବିଜେପିକୁ ଅଧିକ ଶକ୍ତିଶାଳୀ କରିବ।

## ଏନକାଉଣ୍ଟରରେ ୪ ଗ୍ୟାଙ୍ଗଷ୍ଟର ନିହତ

ନୂଆଦିଲ୍ଲୀ,୧୦।୭(ନି.ପ୍ର.): ଗୁରୁଗ୍ରାମର ସୁଶାନ୍ତ ଲୋକ ଫେଜ୍-୨ ଠାରେ ସଶସ୍ତ୍ର ଗ୍ୟାଙ୍ଗଷ୍ଟରମାନଙ୍କ ସହ ହୋଇଥିବା ଏକ ହାଇ-ଭୋଲ୍ଟେଜ୍ ଏନକାଉଣ୍ଟର (ଗୁଳି ବିନିମୟ) ବେଳେ ଚାରି ଜଣ ଅପରାଧୀ ନିହତ ହୋଇଛନ୍ତି ଏବଂ ଗୁରୁଗ୍ରାମ ପୋଲିସ କ୍ରାଇମ ବ୍ରାଞ୍ଚର ତିନି ଜଣ କର୍ମଚାରୀ ଗୁଳିମାଡ଼ରେ ଆହତ ହୋଇଛନ୍ତି। ଗୁରୁଗ୍ରାମ ପୋଲିସ କମିଶନରଙ୍କ ଅନୁଯାୟୀ, ଏହି ଅପରାଧୀମାନେ ଗ୍ୟାଙ୍ଗଷ୍ଟର ଦୀପକ ନନ୍ଦଲଙ୍କ ସହ ଜଡ଼ିତ ଶୁଟର ଥିଲେ, ଯିଏ କି ବର୍ତ୍ତମାନ ବିଦେଶରୁ ନିଜର ଗ୍ୟାଙ୍ଗ୍ ଚଳାଉଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ପାଞ୍ଚଟି ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର (ଅଟୋମେଟିକ୍ ୱେପନ୍ସ) ମଧ୍ୟ ଜବତ କରିଛି।

# ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୦।୭(ନି.ପ୍ର.): ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଆଉ ଏକ ଲଘୁଚାପ। ଏହି ଆକଳନ କରିଛି ବିଭିନ୍ନ ପାଣିପାଗ ମଡେଲ୍। ପାଣିପାଗ ବିଜ୍ଞାନୀଙ୍କ ଆକଳନ ଅନୁସାରେ, ଆସନ୍ତା ୧୪ କିମ୍ବା ୧୫ ତାରିଖରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ, ଯାହାକି ଲଘୁଚାପର ରୂପ ନେଇପାରେ । ଏହା ପ୍ରଭାବରେ ରାଜ୍ୟରେ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।



ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଓଡିଶା ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପର ସୃଷ୍ଟି ହୋଇପାରେ । ଘୂର୍ଣ୍ଣିବଳୟ ସକ୍ରିୟ ହେବା ପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିଛି । ଏଭଳି ହେଲେ ଆସନ୍ତା ୧୩ ତାରିଖରୁ ରାଜ୍ୟରେ ବର୍ଷା ବଢ଼ିପାରେ। ତେବେ ଆସନ୍ତା ତିନି ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଦେଖିବାକୁ ମିଳିବ । କିଛି ସ୍ଥାନରେ ଘଡଘଡି ବିଜୁଳି ସହିତ ବର୍ଷା ପବନ ହେବାନେଇ ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

ଅନ୍ୟପକ୍ଷରେ ହୀରାକୁଦରୁ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି । କୌଣସି ଅଞ୍ଚଳକୁ ବନ୍ୟା ଭୟ ନଥିବାବେଳେ ପ୍ରାୟ ୩୬ ଘଣ୍ଟା ଭିତରେ ମୁଣ୍ଡଳୀରେ ହୀରାକୁଦ ପାଣି ପହଞ୍ଚିବ । ବର୍ଷା ନଥିବାରୁ ବିଭିନ୍ନ ନଦୀର ଜଳସ୍ତର ମଧ୍ୟ ହ୍ରାସ ଘଟୁଛି ।

# ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଠପ୍ !

ଦୁବାଇ,୧୦।୭(ନି.ପ୍ର.): ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ସଂଘର୍ଷ ତୀବ୍ର ହେବା ପରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରାୟ ଠପ୍ ହୋଇଯାଇଛି। ଏହାର ପ୍ରଭାବରେ ବିଶ୍ୱ ଇନ୍ଧନ ବଜାରରେ ନୂଆ ଅନିଶ୍ଚିତତା ସୃଷ୍ଟି ହୋଇଛି। ପୂର୍ବରୁ ଯୁଦ୍ଧ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ବର୍ତ୍ତମାନ ଜାହାଜ ଚଳାଚଳ ହ୍ରାସ ପରିସ୍ଥିତିକୁ ଆହୁରି ଜଟିଳ କରିଛି।



ସାମୁଦ୍ରିକ ତଥ୍ୟ ସଂସ୍ଥା ଲଏଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ ଅନୁସାରେ, ଜୁଲାଇ ୭ ପରଠାରୁ ୧୦ ହଜାର ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ କୌଣସି ବଡ଼ ଜାହାଜ ଜଳପଥ ଦେଇ ଯାତାୟାତ କରିନାହିଁ। ଯଦିଓ ଅତିକମ୍‌ରେ ଦୁଇଟି ଜାହାଜ ପରିଚୟ ବ୍ୟବସ୍ଥା ବନ୍ଦ ରଖି ଏହି ପଥ ଅତିକ୍ରମ କରିଥିବା ଅନୁମାନ କରାଯାଉଛି। ସାମୁଦ୍ରିକ ଗୁଇନ୍ଦା ସଂସ୍ଥା ୱିଣ୍ଡୱାର୍ଡ କହିଛି, ବୁଧବାର ଓ ଗୁରୁବାର ସକାଳ ସୁଦ୍ଧା ମାତ୍ର ପାଞ୍ଚଟି ଜାହାଜ ଏହି ପ୍ରଣାଳୀ ଦେଇ ଯାଇଥିବା ରେକର୍ଡ ହୋଇଛି। ସୋମବାର ଏହି ସଂଖ୍ୟା ୪୫ ଥିଲା। ଯୁଦ୍ଧ ଆରମ୍ଭ ପୂର୍ବରୁ ପ୍ରତିଦିନ ପ୍ରାୟ ୧୩୦ଟି ଜାହାଜ ଏହି ପଥ ବ୍ୟବହାର କରୁଥିଲେ।ବ୍ରିଟେନର ୟୁକେ ମାରିଟାଇମ୍ ଟ୍ରେଡ୍ ଅପରେସନ୍ସ କହିଛି, ଉଚ୍ଚ ବିପଜ୍ଜନକ ପରିସ୍ଥିତି ଯୋଗୁ ଜାହାଜ ଚଳାଚଳ କମ୍ପାନିଗୁଡ଼ିକ ସତର୍କ ନୀତି ଆପଣାଇଛନ୍ତି। ଯୋକୋସୁକା କାଉନସିଲ୍ ଅନ୍ ଏସିଆ ପାସିଫିକ୍ ଷ୍ଟଡିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜନ୍ ବ୍ରାଡଫୋର୍ଡ କହିଛନ୍ତି, ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ଜାହାଜ କମ୍ପାନିଗୁଡ଼ିକ ବିକଳ୍ପ ବନ୍ଦର ଓ ସମୁଦ୍ରପଥକୁ ଅଧିକ ଗୁରୁତ୍ୱ ଦେଇପାରନ୍ତି। ଇରାନ ପାରସ୍ୟ ଉପସାଗର, ହର୍ମୁଜ ପ୍ରଣାଳୀ ଓ ଓମାନ ଉପସାଗରରେ ଜାହାଜ ଉପରେ ଆକ୍ରମଣ କରିବାର କ୍ଷମତା ରଖିଥିବାରୁ ସମଗ୍ର ଅଞ୍ଚଳର ଜାହାଜ ଚଳାଚଳ ବିପଦରେ ରହିଛି।

ଏପଟେ ଆମେରିକା ପକ୍ଷରୁ ଇରାନର ବିଭିନ୍ନ ଠିକଣା ଉପରେ ଆକ୍ରମଣ ପରେ ଦକ୍ଷିଣ ଇରାନରେ ଏକାଧିକ ବିସ୍ଫୋରଣ ଘଟିଛି। ତେବେ ଏହି ସଦ୍ୟତମ ଆକ୍ରମଣ ସହ ଆମେରିକାର ସମ୍ପୃକ୍ତି ନ ଥିବା ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଦାବି କରିଛି ଯେ, ଆମେରିକାର ଆକ୍ରମଣର ପ୍ରତିଶୋଧ ସ୍ୱରୂପ ବାହାରିନ, କୁଏତ୍, କତର, ଜୋର୍ଡାନ ଓ ଇରାକରେ ଥିବା ଆମେରିକୀୟ ସାମରିକ ଠିକଣାକୁ ନିଶାଣ କରାଯାଇଛି।

ଏହି ଉତ୍ତେଜନା ସତ୍ତ୍ୱେ ଅନ୍ତର୍ଜାତୀୟ ତୈଳ ବଜାରରେ ବଡ଼ ଧରଣର ଅସ୍ଥିରତା ଦେଖାଯାଇନାହିଁ। ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୬.୫୮ ଡଲାରରେ ସ୍ଥିର ରହିଛି। ତେବେ ବିଶେଷଜ୍ଞମାନେ କହିଛନ୍ତି, ତୈଳ ଭଣ୍ଡାର କମିବା ସହ ଆଗାମୀ କିଛି ସପ୍ତାହରେ ଯୋଗାଣ ଉପରେ ଚାପ ବଢ଼ିବ ଏବଂ ବ୍ରେଣ୍ଟ ତୈଳ ଦର ଆହୁରି ୧୦ରୁ ୧୫ ଡଲାର ପର୍ଯ୍ୟନ୍ତ ବଢ଼ିପାରେ। ବିଶେଷକରି ମଧ୍ୟପ୍ରାଚ୍ୟ ଓ ରୁଷିଆର ବିଶୋଧନାଗାରରେ ଉତ୍ପାଦନ ବାଧାପ୍ରାପ୍ତ ହେବାରୁ ଡିଜେଲ ଦର ଉପରେ ଅଧିକ ଚାପ ପଡୁଛି।

# ପୌରାଞ୍ଚଳରେ ପାଳନ ହେବ 'ନମସ୍ତେ ଦିବସ'

ଭୁବନେଶ୍ୱର୧୦।୭(ନି.ପ୍ର.): ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୧୪ ତାରିଖରେ ରାଜ୍ୟର ସମସ୍ତ ପେ ?ରାଞ୍ଚଳରେ (ୟୁଏଲ୍‌ବି)ରେ 'ନମସ୍ତେ ଦିବସ' ପାଳନ କରାଯିବ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି ।

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର 'ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍' କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି ।ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସମସ୍ତ ମହାନଗର ନିଗମ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ସ୍ତରରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଆଇଇ ସି ପାଣ୍ଠିର ଉପଯୋଗ ଅନୁମୋଦିତ ଆର୍ଥିକ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭାଗ ଅନୁମୋଦନ କରିଛି । ସ୍ୱଚ୍ଛତା କର୍ମୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୟୁନିଫର୍ମ ପିନ୍ଧି ଏକତ୍ରିତ ହେବେ, ଯେଉଁଥିରେ ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ ଏବଂ ସ୍ୱଚ୍ଛ ଭାରତ ମିଶନର ଲୋଗୋ ଥିବା ବ୍ୟାନର ପ୍ରଦର୍ଶିତ ହେବ । ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣକାରୀ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ । ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ ।

## ରାଜପାଲଙ୍କୁ ୩ ମାସ ଜେଲ୍ ଦଣ୍ଡାଦେଶ

ମୁମ୍ବାଇ,୧୦।୭:ଏକାଧିକ ଚେକ୍ ବାଉନ୍ସ ମାମଲାରେ ଅଭିନେତା ରାଜପାଲ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ରାୟକୁ ଶୁକ୍ରବାର କାଏମ ରଖିଛନ୍ତି ଦିଲ୍ଲୀ ହାଇକୋର୍ଟ। ଏହି ବିବାଦର ସମାଧାନ ପାଇଁ ସେ ବାରମ୍ବାର ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଥିବା କୋର୍ଟ କହିବା ସହ ଏହି ରାୟ ଦେଇଛନ୍ତି। ଏହା ସହିତ କୋର୍ଟ ତାଙ୍କୁ ୭ଟି ମାମଲାରୁ ପ୍ରତ୍ୟେକରେ ୩ ମାସର କାରାଦଣ୍ଡାଦେଶ ଦେଇଛନ୍ତି। ଏହି ସମସ୍ତ ସଜା ଏକାସଙ୍ଗେ ଚାଲିବ ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା ଅଭିନେତା ରାଜପାଲ ଯାଦବଙ୍କ ଆଚରଣକୁ 'ସନ୍ଦେହଜନକ' ବୋଲି ଅଭିହିତ କରିଥିଲେ ଓ କହିଥିଲେ ଯେ ତାଙ୍କୁ ଅର୍ଥଫେରସ୍ତ କରିବା ପାଇଁ ଅନେକ ସୁଯୋଗ ଦିଆଯାଇଥିଲା, କିନ୍ତୁ ସେ ନିଜ ପ୍ରତିଶ୍ରୁତି ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

# ୨୦୨୫-୨୬ରେ ପ୍ରତିଦିନ ବନ୍ଦ ହୋଇଛି ୧୩ ସ୍କୁଲ୍

ନୂଆଦିଲ୍ଲୀ,୧୦।୭(ନି.ପ୍ର.):: ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ସଦ୍ୟତମ 'ୟୁନିଫାଇଡ୍ ଡିଷ୍ଟ୍ରିକ୍ଟ ଇନଫରମେସନ ସିଷ୍ଟମ ଫର ଏଜୁକେସନ ପ୍ଲସ' (UDISE+) ରିପୋର୍ଟ ଅନୁଯାୟୀ, ୨୦୨୫-୨୬ ଶିକ୍ଷାବର୍ଷରେ ସାରା ଭାରତରେ ଦୈନିକ ହାରାହାରି ୧୩ଟି ସ୍କୁଲ୍ ବନ୍ଦ ହୋଇଛି। ଆଉ ଏଥିରେ ମଧ୍ୟପ୍ରଦେଶ ଆଗରେ ରହିଛି। ଏଠାରେ ସବୁଠୁ ଅଧିକ ସ୍କୁଲ ବନ୍ଦ ହୋଇଛି।ରିପୋର୍ଟରୁ ଜଣାପଡ଼ିଛି ଯେ ଏହି ଶିକ୍ଷା ବର୍ଷ ମଧ୍ୟରେ ଦେଶବ୍ୟାପୀ ୪,୭୯୧ଟି ସ୍କୁଲ୍ ବନ୍ଦ ହୋଇଯାଇଛି। ସେଥିମଧ୍ୟରୁ କେବଳ ମଧ୍ୟପ୍ରଦେଶରେ ୨,୪୨୬ଟି ସ୍କୁଲ୍ ବନ୍ଦ ହୋଇଛି।

ଭାରତରେ ମୋଟ ସ୍କୁଲ୍ ସଂଖ୍ୟା ୨୦୨୪-୨୫ରେ ୧୪ ଲକ୍ଷ ୭୧ ହଜାର ୪୭୩ ଥିବାବେଳେ ୨୦୨୫-୨୬ରେ ଏହା ହ୍ରାସ ପାଇ ୧୪ ଲକ୍ଷ ୬୬ ହଜାର ୬୮୨ ହୋଇଛି। ମଧ୍ୟପ୍ରଦେଶ ବ୍ୟତୀତ ତେଲେଙ୍ଗାନାରେ ୧,୩୯୨ଟି ସ୍କୁଲ୍ ବନ୍ଦ ହୋଇଥିବା ବେଳେ ଏହା ପଛକୁ ପଶ୍ଚିମବଙ୍ଗ (୫୬୮), ଆନ୍ଧ୍ରପ୍ରଦେଶ (୪୭୪), ତାମିଲନାଡୁ (୩୬୯), କର୍ଣ୍ଣାଟକା (୨୮୧) ଓ ହିମାଚଳ ପ୍ରଦେଶ (୨୬୬) ରହିଛନ୍ତି।

ଅନେକ ରାଜ୍ୟରେ ସ୍କୁଲ୍ ସଂଖ୍ୟା ହ୍ରାସ ପାଇଥିବା ବେଳେ ଅନ୍ୟ କେତେକ ରାଜ୍ୟରେ ଏହା ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ



ବିହାରରେ ୯୪୬ଟି ନୂଆ ସ୍କୁଲ୍ ଯୋଡ଼ି ହୋଇଥିବା ବେଳେ ଛତିଶଗଡ଼ ଓ ଦିଲ୍ଲୀରେ ଯଥାକ୍ରମେ ୨୩୪ ଏବଂ ୮୭ଟି ନୂଆ ସ୍କୁଲ୍ ଖୋଲିଛି। ତେବେ ଏହି ତିନୋଟି ଯାକ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ନାମଲେଖା (ଏନରୋଲମେଣ୍ଟ) ହ୍ରାସ ପାଇଛି। ବିହାରରେ ନାମଲେଖା ସବୁଠାରୁ ଅଧିକ ହ୍ରାସ ପାଇଛି। ଏଠାରେ ଗତ ବର୍ଷ ତୁଳନାରେ ୪ ଲକ୍ଷ ୩୭ ହଜାର ୩୭ କମ୍ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ସେହିପରି ଛତିଶଗଡ଼ରେ ୪୯,୪୫୯ ଏବଂ ଦିଲ୍ଲୀରେ ୪୫,୨୫୦ ଜଣ କମ୍ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି।

ଏହି ରିପୋର୍ଟରେ ପ୍ରଥମ ଥର ପାଇଁ ଶୂନ୍ୟ-ନାମଲେଖା (ଜଣେ ବି ଛାତ୍ରଛାତ୍ରୀ ନଥିବା) ସ୍କୁଲ୍ ସଂଖ୍ୟାରେ ହ୍ରାସ ଘଟିଥିବା ରେକର୍ଡ କରାଯାଇଛି। ସେଗୁଡ଼ିକର ସଂଖ୍ୟା ୨୦୨୪-୨୫ରେ ୭,୯୯୩ ଥିବାବେଳେ ୨୦୨୫-୨୬ରେ ୫,୬୬୩କୁ ହ୍ରାସ ପାଇଛି। ଜଣେ ବି ଛାତ୍ରଛାତ୍ରୀ ନଥିବା ସତ୍ତ୍ୱେ, ଏହି ସ୍କୁଲଗୁଡ଼ିକରେ ସାରା ଦେଶରେ ୨୦,୬୬୭ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି।ପଶ୍ଚିମବଙ୍ଗରେ ୨୦୨୫-୨୬ ଶିକ୍ଷାବର୍ଷରେ ଶୂନ୍ୟ-ନାମଲେଖା ସ୍କୁଲ୍ ସଂଖ୍ୟାରେ ୩୨୧ଟିର ବୃଦ୍ଧି ଘଟିଛି। ରାଜ୍ୟରେ ବର୍ତ୍ତମାନ ୪,୧୩୩ଟି ଏଭଳି ସ୍କୁଲ୍ ଅଛି ଯେଉଁଠାରେ ଜଣେ ହେଲେ ବି ଛାତ୍ରଛାତ୍ରୀ ନାହାନ୍ତି। କିନ୍ତୁ ପଢ଼ାଇବାକୁ ସେଠାରେ ୧୯,୫୦୨ ଜଣ ଶିକ୍ଷକ ନିୟୋଜିତ ହୋଇ ରହିଛନ୍ତି।

ଉତ୍ତରପ୍ରଦେଶରେ ଶୂନ୍ୟ-ନାମଲେଖା ସ୍କୁଲ୍ ସଂଖ୍ୟା ୨୦୨୪-୨୫ରେ ୮୧ ଥିବାବେଳେ ୨୦୨୫-୨୬ରେ ଏହା ୩୧୩କୁ ବୃଦ୍ଧି ପାଇଛି। ଏହି ସ୍କୁଲଗୁଡ଼ିକରେ ନିୟୋଜିତ ଶିକ୍ଷକଙ୍କ ସଂଖ୍ୟା ମଧ୍ୟ ୫୬ରୁ ବଢ଼ି ୧୭୭ ହୋଇଛି।

ଛତିଶଗଡ଼ରେ ୨୦୨୪-୨୫ରେ ଗୋଟିଏ ହେଲେ ବି ଶୂନ୍ୟ-ନାମଲେଖା ସ୍କୁଲ୍ ନଥିବା ବେଳେ ୨୦୨୫-୨୬ରେ ଏଭଳି ୧୪୯ଟି ସ୍କୁଲ୍ ସାମ୍ନାକୁ ଆସିଛି। ଆଉ ଏହି ସ୍କୁଲରେ ୧୪୦ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି।



# ବନ ମହୋତ୍ସବ ପାଳିତ,ପରିବେଶ ପାଇଁ ବୃକ୍ଷର ଯତ୍ନ ନେବାକୁ ଆହ୍ୱାନ

ଖୋର୍ଦ୍ଧା,୧୦।୭:(ମନ୍ଥନ) ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ରେ ବନ ମହୋତ୍ସବ ଏବଂ ବ୍ୟାଙ୍କ୍ ସାଇବର କ୍ରାଇମ ସଚେତନତା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି । ଗତ ଜୁଲାଇ ୧ ତାରିଖ ରୁ ଜୁଲାଇ ୭ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳନ ଅବସର ରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟ ରେ ବୃକ୍ଷ ରୋପଣ , ଯତ୍ନ , ପରିବେଶ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ୍, ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଯ ସିନିୟର୍ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ବିଷ୍ଣୁ ପ୍ରସାଦ ସେଠୀ, ଦ୍ୱିତୀୟ କ୍ରିଷ୍ଣ କାନ୍ତ ସାମନ୍ତରାୟ, ତୃତୀୟ ପ୍ରତ୍ୟୁଷ ରଞ୍ଜନ ସାହୁ, ଜୁନିଅର ବିଭାଗ ରେ ଶୁଭଲକ୍ଷ୍ମୀ ଦାସ, ସୁଜ୍ଞାନି ପ୍ରିୟଦର୍ଶନୀ, ସାଇ ସାସ୍ୱତୀ ବେହେରା, ଚିତ୍ରାଙ୍କନ ରେ ରୂତ୍ୟୁପୁନମ୍ ସିଂ, ଯୋଷିକା ଜାଗୃତି ପ୍ରଧାନ, ସାଇ ସମ୍ପୂର୍ଣ୍ଣ ସାହୁ, ଶୁଭାଙ୍ଗି ବିଶ୍ୱାଳ, ପଦ୍ମିନୀ ଜେନା, ଅଭିଲିପସା ଲେଙ୍କା ପ୍ରମୁଖ ଯୋଗ୍ୟ ବିବେଚିତ ହୋଇ ମୁଖ୍ୟ ଅତିଥି ଙ୍କ ଠାରୁ ପ୍ରମାଣ ପତ୍ର, ଟ୍ରଫି ପୁରସ୍କାର ଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟ ରେ ବୃକ୍ଷ ରୋପଣ ଏବଂ ପରିବେଶ ସୁରକ୍ଷା ସଚେତନ ଟା ସମ୍ପର୍କିତ ଏକ ଗୋଷ୍ଠୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ସାତଦିନ ଧରି ଚାଲୁଥିବା ଏହି ଉତ୍ସବ ର ଉଦ୍ଯାପନି ଦିବସରେ ଆକ୍ସିସ ବ୍ୟାଙ୍କ୍ ତରଫ ରୁ ସାଇବର୍ ବ୍ୟାଙ୍କ୍ ଠକେଇ ସଚେତନତା ସମ୍ପର୍କ ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ରେ ଖୋର୍ଦ୍ଧା ଏକ୍ସସ ବ୍ୟାଙ୍କ୍ ଶାଖା ପରିଚାଳକ ରାଜେନ୍ଦ୍ର ଖଣ୍ଡୁଆଳ, ସ୍କୁଲ ଚେୟାରମେନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଏବଂଯ ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ ଏବଂ ଯତ୍ନ ସରେ ଛାତ୍ର ଛାତ୍ରୀ ଙ୍କ ମୁଖ୍ୟ ଭୂମିକା କୁ ବର୍ଣ୍ଣନା କରିଥିଲେ । ଆଜିର ଛାତ୍ର ଆଗାମୀ କାଲି ର ଭବିଷ୍ୟତ । ଭବିଷ୍ୟତ ରେ ସୁସ୍ଥ ପରିବେଶ, ଏବଂ ଉତ୍ତମ ଜଳବାୟୁ ଅନୁଭୂତ ପାଇଁ ସମସ୍ତେ ଖାଲି ସ୍ଥାନ ରେ ବୃକ୍ଷ ରୋପଣ ଏବଂ ଯତ୍ନ ପାଇଁ ଆହ୍ୱାନ ଦେଇଥିଲେ । ସମସ୍ତ ପିଲାମାନଙ୍କୁ ତାଙ୍କ ପିତାମାତା ଙ୍କ ପରିଶ୍ରମ ର ଅର୍ଥ କୁ ବ୍ୟାଙ୍କ୍ ସାଇବର୍ ଠକେଇ ରୁ ନିବୃତ୍ତ ରଖିବାକୁ ସଚେତନ କରାଯାଇଥିଲା । ସ୍କୁଲ ର ଉପାଧ୍ୟକ୍ଷ ତୁଷାର କାନ୍ତ ମହାନ୍ତି, ଏକାଡେମିକ ଡିନ୍ ବନଦୁର୍ଗା ଶାହା, ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା, ମାନସ ରଞ୍ଜନ ମହାପାତ୍ର , କରସିମା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ମାଳପଡା ନାଗରିକ କମିଟିର ବୈଠକ

ବଲାଙ୍ଗିର,୧୦।୭:(ମନ୍ଥନ)ମାଳପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ପଡାର କେତେକ ଲୋକ ଇହଧାମ ତ୍ୟାଗ କରିଥିବାରୁ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ପରିବେଶ ସୁରକ୍ଷା ପାଇଁ ପଡାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବାକୁ ସ୍ଥିର କରାଗଲା । ଅନ୍ୟ ଏକ ଆଲୋଚନା କ୍ରମେ ମାଳପଡାର ବର୍ଷା ବିତ୍ପାତ ଯୋଗୁଁ ସ୍କୁଲ ଘର ଓ ପାଚେରୀ ଭାଙ୍ଗି ଯାଇଥିବାରୁ ଏହାକୁ ନୂତନ ଭାବରେ ନିର୍ମାଣ କରାଯିବା ପାଇଁ ପୌର ପାଳିକାକୁ ଅନୁରୋଧ କରାଯାଇଥିଲା । ଏହାର ସ୍ଥିତି



ଅନୁଧ୍ୟାନ କରି ପୌରାଧକ୍ଷା ଲିକା ସାହୁ ଏହି କାର୍ଯ୍ୟ ତ୍ୱରାନ୍ୱିତ କରି କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ସଂଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସହରରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେଉଛି ଏବଂ ଗାଇ ଗୋରୁ ପଲିଥିନ ଖାଇ ମୃତ୍ୟୁବରଣ କରୁଛନ୍ତି । ଏଥି ପାଇଁ ଜିଲ୍ଲାପାଳ ଓ ପୌରପାଳିକାକୁ ପଲିଥିନ ମୁକ୍ତ କରିବା ପାଇଁ ପତ୍ରାଳାପ କରିବାକୁ ସ୍ଥିର କରାଗଲା । ସଭ୍ୟ ଦୟାସାଗର ବଗର୍ତ୍ତି, ବିନୋଦ ପାଣିଗ୍ରାହୀ ଓ ନିମାଇଁ ଚରଣ ଦାଶଙ୍କୁ ସମ୍ମାନିତ କରାଗଲା । ଏହି ସଭାରେ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ସହ-ସଂପାଦକ ଅଶୋକ କୁମାର ଚନ୍ଦ, କୋଷାଧକ୍ଷ ଦିବାକର ହୋତା, ସଭ୍ୟ ଅମିୟ କୁମାର ମିଶ୍ର, ସୂର୍ଯ୍ୟଭାନୁ ମିଶ୍ର, ଦେବଜିତ ଯୋଷୀ, ଶିବ ପ୍ରସାଦ ଶତପଥି, ସୁବାଷ ଚନ୍ଦ୍ର ପାତ୍ର ଓ ସନ୍ତୋଷ କୁମାର ସାହୁ ଆଦି ଆଲୋଚନାରେ ଭାଗ ନେଇଥିଲେ ।

# ବ୍ରହ୍ମା କୁମାରୀ ସେବାକେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ସଭା

ଖୋରଧା,୧୦।୭:(ମନ୍ଥନ) ଗୁରୁବାର ବ୍ରହ୍ମା କୁମାରୀ ସେବାକେନ୍ଦ୍ର ଗୋଡ଼ିପୋଖରୀଠାରେ ଏହି ବିଦ୍ୟାଳୟର ସହଯୋଗୀ ଈଶ୍ୱରୀୟ ବିଦ୍ୟାର୍ଥୀ ସ୍ୱର୍ଗତଃ ପୁଷ୍ପା ଅଗ୍ରୱାଲଙ୍କର ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବରେ ପତଞ୍ଜଳୀ ଯୋଗ ସମିତି ଖୋର୍ଦ୍ଧା ଜିଲ୍ଲାର ସଭାପତି ଶ୍ରୀ ସୀତାକାନ୍ତ ପଣ୍ଡା ଓ ଖୋର୍ଦ୍ଧା ପତଞ୍ଜଳୀ ଯୋଗ ପୀଠର ସଭାପତି ଶ୍ରୀ ଦୁଃଶାସନ ସ୍ୱାଇଁ ଯୋଗଦାନ କରି ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ଶ୍ରୀମତ



ଭାଗବତ ଗୀତାର ଶ୍ଳୋକ ଆବୃତ୍ତି କରି ଆତ୍ମା ଅଜର, ଅମର ବୋଲି କହିଥିଲେ । ସେବାକେନ୍ଦ୍ର ସଂଚାଳିକା ଅନୁରାଧା ଭଉଣୀ ଧ୍ୟାନଯୋଗର ଅଭ୍ୟାସ କରାଇଥିଲେ । ବିଭିନ୍ନ ବ୍ରହ୍ମାକୁମାରୀ ପାଠଶାଳାରୁ ଶତାଧିକ ଭାଇ ଭଉଣୀ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା ସଭାରେ ଯୋଗଦାନ କରିଥିଲେ । ଶ୍ରୀ ସନ୍ତୋଷ କୁମାର ଅଗ୍ରୱାଲ ଓ ପରିବାର ଏଥିରେ ସହଯୋଗ କରିଥିଲେ ।

## କୂଳ ଲଂଘିବା ଓ ବେଳାଭୂମି ଅବକ୍ଷୟ ପ୍ରସଙ୍ଗ

# ସମୁଦ୍ର ଉପକୂଳ ଅଞ୍ଚଳ ବୁଲି ଦେଖିଲେ ବିଜେଡି ନେତା

ଗଞ୍ଜାମ,୦।୭:(ମନ୍ଥନ)ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ଦିନ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି । ବିଶେଷ କରି ସମୁଦ୍ର ଉଚ୍ଚ ଜୁଆର ମାଡ଼ରେ ପୋଡ଼ମପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଘର ସମୁଦ୍ର ଗର୍ଭକୁ ଚାଲି ଯାଉଛି । ଆଉ କିଛି ଦିନ ମଧ୍ୟରେ ସମୁଦ୍ର ଲହଡି ଜନ ବସତି ଆଡକୁ ମାଡି ଆସିବକ୍ଷ ସଂକେତ ମିଳି ସାରିଲାଣି । ତାହା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନର ତତ୍ପରତା ପାଇବା ସହ ସ୍ଥିତି ଅନୁଧ୍ୟାନ ପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି । ଏନେଇ ଗୁରୁବାର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ପୋଡ଼ମପେଟା ଯାଇ ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିବା ସହ ସମୁଦ୍ର ଉପକୂଳ ବର୍ତ୍ତୀ ଲୋକଙ୍କ ଆଲୋଚନା କରିଛନ୍ତି । ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ବ୍ଲକ ସଭାପତି ରଞ୍ଜନ ପଲାଇ, ଏନଏସି ଯୁବ



ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ, ବିଜେଡି ବରିଷ୍ଠ ନେତା ସୁଦାମ ଚରଣ ଜେନା, ଏନଏସି ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ଯୁବନେତା ରଞ୍ଜିତ ପଲାଇ, ବ୍ଲକ ସମ୍ପାଦକ ଉମା ସ୍ୱାଇଁ, ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ । ଏସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପକୂଳ ଅଧିବାସୀଙ୍କ ଜନ ଜୀବନ ସୁରକ୍ଷା ନେଇ ଜିଲ୍ଲାପାଳଙ୍କ ଆଲୋଚନା କରିବେ ବୋଲି ପୂର୍ବତନ ବିଧାୟକ ସୁବାସ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରକାଶ ଯୋଗ୍ୟ ଦିନ କୁ ଦିନ ସମୁଦ୍ର ଉଗ୍ର ରୂପ ଧାରଣ କରିବା ସହ ଉଚ୍ଚ ଜୁଆରରେ ପୁରୁଣା ପୋଡମପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଘର ସମୁଦ୍ର ଗର୍ଭରେ ଲୀନ ହେଉଥିବା ଜଣା ପାଇବା ପରେ ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଉଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୋଡ଼ମ ପେଟା ଗ୍ରାମକୁ ପ୍ରଶାସନ ପକ୍ଷରୁ ସିଲ କରାଯିବା ସହ ରାସ୍ତା ଖୋଲି ଦିଆଯାଇଥିଲେ ମଧ୍ୟ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ, ପର୍ଯ୍ୟଟକଙ୍କ ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ବିଶେଷ କରି ଗୋଖରକୁଦା ଠାରୁ ବଟେଶ୍ୱର ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି । ଯାହାଫଳରେ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତାବି ଉଚ୍ଚ ଜୁଆର ମାଡ଼ ରେ ଭାଙ୍ଗି ଗଲାଣି । ଏଥିପାଇଁ ସମୁଦ୍ର ଉପକୂଳ ତଟବର୍ତ୍ତୀ ଅଂଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି ।

# କାକଟପୁର ରୁ ନିଖୋଜ ଦୁଇ ନା ବାଳିକା ଭୁବନେଶ୍ୱରରୁ ଉଦ୍ଧାର

ଗୋପ/କାକଟପୁର, ୧୦।୭:(ମନ୍ଥନ) କାକଟପୁର ଅଞ୍ଚଳ ରୁ ନିଖୋଜ ଦୁଇ ନା ବାଳିକା ଙ୍କୁ କାକଟପୁର ଥାନା ପୋଲିସ ଭୁବନେଶ୍ୱର ରୁ ଉଦ୍ଧାର କରି ନା ବାଳିକା ଦୁଇ ଜଣକୁ ତାଙ୍କ ପରିବାର କୁ ହସ୍ତାନ୍ତର କରିଛି । ଗତ କିଛି ଦିନ ତଳେ ଦୁଇ ନା ବାଳିକା ଘରୁ କେଉଁଆଡେ ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ତ୍ୱରିତ ପଦକ୍ଷେପ ନେଇ ପୋଲିସ ଫୋର୍ସ ସହ ବିଭିନ୍ନ ସ୍ଥାନ ଖୋଜା ଖୋଜି କରିବାପରେ ନା ବାଳିକା ଦୁଇ ଜଣଙ୍କୁ ଭୁବନେଶ୍ୱର ରୁ ଉଦ୍ଧାର କରିଥିଲେ । ଶ୍ରୀ ସାହୁଙ୍କର ଏହି ତ୍ୱରିତ ପଦକ୍ଷେପ କୁ କାକଟପୁର ଅଞ୍ଚଳର ବୁଦ୍ଧିଜୀବୀ ମାନେ ପ୍ରଂଶସା କରିଛନ୍ତି ।

# ଗଞ୍ଜାମ କଲେଜରେ ବନ ମହୋତ୍ସବ ପାଳିତ, ୧୦୦ ଚାରା ରୋପଣ

ଗଞ୍ଜାମ, ୧୦।୭:(ମନ୍ଥନ)ଗଞ୍ଜାମ କଲେଜରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ର ଆନୁକୂଲ୍ୟରେ ଶୁକ୍ରବାର ବନ ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି । ଏହି ଅବସରରେ କଲେଜ ପରିସରରେ ୧୦୦ଟି ବିଭିନ୍ନ ପ୍ରଜାତିର ଦେଶଜ ବୃକ୍ଷ ଚାରା ରୋପଣ କରାଯାଇ ପରିବେଶ ସଂରକ୍ଷଣ ଓ ବନୀକରଣର ବାର୍ତ୍ତା ପ୍ରଦାନ କରାଯାଇଥିଲା । କଲେଜର ଅଧ୍ୟକ୍ଷା ଡ଼. ସ୍ମରଣିକା ହୋତାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଣଅଧ୍ୟାପକ କର୍ମଚାରୀ, ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ସ୍ୱେଚ୍ଛାସେବୀଙ୍କ ସହ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ଉତ୍ସାହର ସହ ବୃକ୍ଷରୋପଣ କରିଥିଲେ । ଛତ୍ରପୁର



ବନ ବିଭାଗ ପକ୍ଷରୁ ଚାରାଗୁଡ଼ିକ ଯୋଗାଇ ଦିଆଯାଇଥିବା ବେଳେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼. ସୁଶାନ୍ତ କୁମାର ସେଠୀ ଏବଂ ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ସମନ୍ୱୟରେ ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବକ୍ତାମାନେ ବୃକ୍ଷରୋପଣକୁ କେବଳ ଏକଦିନିଆ କାର୍ଯ୍ୟକ୍ରମ ନ କରି ରୋପଣ କରାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ନେବା ଓ ପରିବେଶ ସୁରକ୍ଷା ପ୍ରତି ସଚେତନ ରହିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ବନ ମହୋତ୍ସବ ପାଳନ ମାଧ୍ୟମରେ ଗଞ୍ଜାମ କଲେଜ ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଓ ସବୁଜ କ୍ୟାମ୍ପସ ଗଠନ ପ୍ରତି ନିଜର ଦୃଢ଼ ଅଙ୍ଗୀକାରର ପୁନର୍ବ୍ୟକ୍ତି କରିଛି ।

# ମାଙ୍କଡ଼ କାମୁଡାରେ ପାଞ୍ଚ ଆହତ

ଗଞ୍ଜାମ,୧୦।୭:(ମନ୍ଥନ)ହୁମ୍ମା ଓ ଆଖପାଖ ଅଞ୍ଚଳରେ ପାତି ମାଙ୍କଡ଼ଙ୍କ ଦୌରାତ୍ମ ଦିନ କୁ ଦିନ ବୃଦ୍ଧି ପାଉଛି । ଘର ଉପକରଣ ପାଇଁ ଜଙ୍ଗଲ ସଫା ଏବଂ ପଥର କୁଆଁରି ନିମନ୍ତେ ପାହାଡ଼କୁ କାଟିବା ଦ୍ୱାରା ପ୍ରଚଣ୍ଡ ଶବ୍ଦ ଯୋଗୁଁ ମାଙ୍କଡ଼ ମାନେ ଜଙ୍ଗଲ ଛାଡି ଜନବସତି ଆଡକୁ ଚାଲି ଆସୁଛନ୍ତି । ମାଙ୍କଡ଼ ମାନେ ତାଙ୍କ ଭୋକ ମେଣ୍ଟାଇବା ଲୋକଙ୍କୁ କାମୁଡି ବାକୁ ପଛାଉ ନାହାନ୍ତି । ଗତକାଲି ମାଙ୍କଡ଼ କାମୁଡ଼ାରେ ହୁମ୍ମା ଅଞ୍ଚଳର ପାଞ୍ଚ ଜଣ ଗୁରୁତର ଆହତ ହୋଇଛନ୍ତି । ତୁଳସୀ ରେଡି, ରୀନା ବେହେରା ଲଳିତ ସାହୁ, ପିହୁ ସାହୁ ଓ ପ୍ରଶାନ୍ତ ପରିଡା ପ୍ରମୁଖଙ୍କୁ ମାଙ୍କଡ଼ କାମୁଡ଼ାରେ ଆହତ ହୋଇଥିବା ଜଣା ପଡିଛି । ଏନେଇ ଭାଜପା ମଣ୍ଡଳ ସଭାପତି ତଥା ହୁମ୍ମା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ବନ ବିଭାଗକୁ ଚିଠି ଲେଖିବା ପରେ ବନ ବିଭାଗର ଏକ ଟିମ ହୁମ୍ମା ଅଞ୍ଚଳରେ ପହଂଚି ମାଙ୍କଡ଼ ମାନଙ୍କୁ କାବୁ କରିବାକୁ ଉଦ୍ୟମ ଆରମ୍ଭ କରିଛି । ଏଥିସହ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁକୁର ଓ ମାଙ୍କଡ଼ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବାକୁ ପ୍ରଶାସନ ଠାରେ ଦାବୀ କରିଛନ୍ତି ସମିତି ସଭ୍ୟ ଧ୍ରୁବ ।

# ଡେଲାଙ୍ଗ ବ୍ଲକରେ ପଂଚାୟତ ବିକାଶ ପ୍ଲାନିଂ କର୍ମଶାଳା ଉଦଘାଟିତ

ଖୋର୍ଦ୍ଧା,୧୦।୭:(ମନ୍ଥନ) ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ରଥକୁ ସମସ୍ତ ବର୍ଗର ଲୋକେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ମିଳିତ ଭାବରେ ଟାଣିବା ଭଳି ବିକାଶ ରଥ କୁ ଆଗକୁ ବଢ଼ାଇବା ପାଇଁ ଦଳ, ମତ ନିର୍ବିଶେଷରେ ସମସ୍ତଙ୍କ ମିଳିତ ପ୍ରୟାସ ହିଁ ସଫଳତା ର ମୂଳ ଚାବିକାଠି । ସାଧାରଣ ଜନତା ଙ୍କ ଠାରୁ ଆରମ୍ଭ କରି ଗ୍ରାମ,ପଞ୍ଚାୟତ,ବ୍ଲକ,ବିଧାନସଭା କ୍ଷେତ୍ର ,ସଂସଦୀୟ କ୍ଷେତ୍ର ର ପ୍ରତିନିଧି ଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୟାସ ବିକାଶ ର ଗତି କୁ ତ୍ୱରାନ୍ୱିତ କରୁଛି । ପଞ୍ଚାୟତ ସ୍ତରୀୟ ଛୋଟ ମିଟିଂ ରୁ ଆରମ୍ଭ କରି ଅଭିଯୋଗ ଶୁଣାଣି ରେ ଜନସାଧାରଣଙ୍କ ଅଭିଯୋଗ ଓ ଦାବୀ ଶୁଣି ତାହାର ସମାଧାନ ର ବାଟ ବାହାର କରିବା ହିଁ ସେବା ଓ ବିକାଶ ର ରାଜନୀତି । ଏକ ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନା ଅବସରରେ ଏଭଳି କିଛି କହିଛନ୍ତି ,ନିଜ ସଂସଦୀୟ କ୍ଷେତ୍ରର ଲଗାତାର ଭାବେ ବିକାଶ ଧାରାରେ ଗୋଟେ ପରେ ଗୋଟେ ବିକାଶ କାର୍ଯ୍ୟ ଯୋଡ଼ି ଚାଲିଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।ଯମଙ୍ଗଳବାର ଦିନ,ବେଗୁନିଆ । ନିର୍ବାଚନ ମଣ୍ଡଳୀ, ବେଗୁନିଆ । ବ୍ଲକ ଅନ୍ତର୍ଗତ ବେଗୁନିଆ । ଗ୍ରାମ ପଞ୍ଚାୟତର କୁସୁପଲ୍ଲୀ ଗ୍ରାମରେ ପ୍ରାୟ ୧୨ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରାୟ ୮.୫ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ଆଧୁନିକ ଷ୍ଟାଡିୟମ୍‌ରେ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ ସମେତ ବିଭିନ୍ନ କ୍ରୀଡ଼ାର ସୁବିଧା ସହ ଏକ ଇଣ୍ଡୋର ଷ୍ଟାଡିୟମ୍ ମଧ୍ୟ ରହିବ।ଯଦୀର୍ଘ ଦିନ ଧରି ବେଗୁନିଆ । ଅଞ୍ଚଳର ଯୁବକ-ଯୁବତୀ ଓ କ୍ରୀଡ଼ାପ୍ରେମୀ ମାନଙ୍କର ଏକ ଉନ୍ନତ ଷ୍ଟାଡିୟମ୍ ପାଇଁ ଦାବି ରହିଥିଲା । ସେହି ଦାବିକୁ ଗୁରୁତ୍ୱର ସହ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ପରେ ପ୍ରକଳ୍ପଟି ଅନୁମୋଦନ ପାଇଥିଲା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଯାହାର ଶିଳାନ୍ୟାସ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଷ୍ଟାଡିୟମ୍ ନିର୍ମାଣ ପରେ ବେଗୁନିଆର ଯୁବ ପ୍ରତିଭାମାନେ ନିଜ ଅଞ୍ଚଳରେ ଉନ୍ନତ କ୍ରୀଡ଼ା ସୁବିଧା ପାଇବେ ଏବଂ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି ହେବ ବୋଲି କହିଛନ୍ତି ସାଂସଦ।ଯ ପ୍ରକଳ୍ପଟି ଆସନ୍ତା ଦେଢ଼ ବର୍ଷ ଅର୍ଥା ୨୦୨୭ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି । ଯାହାକୁ କି ବେଗୁନିଆର କ୍ରୀଡ଼ା ଭିତ୍ତିଭୂମି ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି ।

ଏହି ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମ ଅବସରରେ ବେଗୁନିଆ । ଅଞ୍ଚଳର ବିକାଶ କୁ ତ୍ୱରାନ୍ୱିତ କରିବା ସହିତ ଭିତ୍ତିଭୂମିର ବିକାଶ ଓ ସ୍ଥାନୀୟ ଲୋକଙ୍କୁ ରୋଜଗାରକ୍ଷମ କରିବା ପାଇଁ ଲୋକଙ୍କ ଦାବୀ ଏବଂ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ମିଳିତ ପ୍ରୟାସ ରେ ହେଉଥିବା ବିଭିନ୍ନ ପ୍ରକଳ୍ପ ବାବଦରେ ଅବଗତ କରାଇଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ଲୋକଙ୍କ ଦାବୀ କୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ବାରମ୍ବାର ଆଲୋଚନା କରିବା ପରେ ବେଗୁନିଆ । ଠାରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେବାକୁ ଯାଉଥିବା ସୂଚନା ଦେଇଛନ୍ତି ସାଂସଦ । ଯାହା ମଧ୍ୟରେ ରହିଛି କାଲ୍ଟ୍ରେରିଜ ଦ୍ୱାରା ୭୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଭାରତ ବର୍ଷର ସବୁଠାରୁ ବଡ଼ ରିଫ୍ରାକ୍ଟରି , ଗଇଝ କମ୍ପାନୀ ର କପଡ଼ା ପ୍ରସ୍ତୁତି କାରଖାନା ଇତ୍ୟାଦି । ଯାହା ଆଗାମୀ ଦିନରେ ସ୍ଥାନୀୟ ନିଯୁକ୍ତି କୁ ବେଶ୍ ପ୍ରୋତ୍ସାହନ ଦେବ । ନିକଟସ୍ଥ ଜଟଣୀ ଅଞ୍ଚଳରେ ଆରମ୍ଭ ହେଉଥିବା କପଡ଼ା କାରଖାନା ଓ ବେଗୁନିଆ । କପଡ଼ା କାରଖାନା ଆଦିରେ ପାଖାପାଖି ୭୦୦୦୦ ମହିଳା ଓ ପୁରୁଷ ନିଯୋଜିତ ହେବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ।

# କୁଚିଣ୍ଡା ବିଡ଼ିଓ ବକ୍ସମା ପଞ୍ଚାୟତ ଅଧିନ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଦୋଭାୟା ଗ୍ରାମକୁ ଗସ୍ତ

କୁଚିଣ୍ଡା,୧୦।୭:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଗ୍ରାମ ପଞ୍ଚାୟତର ଏକ ଦୁର୍ଗମ ପାହାଡ଼ିଆ । ଅଞ୍ଚଳ ଦୋଭାୟା ଗ୍ରାମ କୁ ବିଭିନ୍ନ ପ୍ରକାରର ସମସ୍ୟା ତଥା ଲୋକମାନଙ୍କର ଅସୁବିଧା ର ତଦାରଖ ନିମନ୍ତେ ଶୁକ୍ରବାର ଦିନ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ଗସ୍ତ କରିଥିଲେ । ଏଥିରେ ପାନୀୟ ଜଳ ଯୋଗାଣ,ବିଜିଜି ରାମଜୀ, ପୋଖରୀ ଉନ୍ନତି କରଣ, ନୂଆ । କମ୍ୟୁନିଟୀ ସେଣ୍ଟର,ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାମ ତଦାରଖ,ଷ୍ଟ୍ରିଟ ଲାଇଟ୍



ସୁବିଧା, ରାସନ୍ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ତଥା ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ସରକାରୀ ସହାୟତା ତଥା ବିଭିନ୍ନ ଯୋଜନାରେ ସାମିଲ କରିବା ସହିତ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଙ୍କ ସହିତ ଉକ୍ତ ସମସ୍ୟା ବିଷୟରେ ଆଲୋଚନା କରି ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ବକ୍ସମା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ରଶ୍ମୀ କୁସୁମ,ଏବିଡିଓ,ବକ୍ସମା ଏଇଇ ଦୁଷ୍ମନ୍ତ କିସାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାକେଶ ପଟେଲ,ଏଡିଓ ସରୋଜ ଆଚାର୍ଯ୍ୟ,ନେତ୍ରାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ପ୍ରକାର ସମସ୍ୟାର ତଦାରଖ ସହିତ ସେ ଦିଗରେ ସମାଧାନ ପାଇଁ ଆଲୋଚନା କରିଥିଲେ ।

## ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ାଉ

# ୧୦୬ ବୋତଲ, କଫ ସିରପ, କାର ଓ ମୋବାଇଲ ଜବତ, ୨ ଗିରଫ ଓ ୨ ଅଟକ

ଖୋର୍ଦ୍ଧା,୧୦।୭:(ମନ୍ଥନ)ଖୋର୍ଦ୍ଧାରେ ନିଶା କାରବାର ବିରୋଧରେ ପୋଲିସର କଡ଼ା ଅଭିଯାନ ମଧ୍ୟରେ ପୁଣିଥରେ କୋଡିନ ମିଶ୍ରିତ କଫ ସିରପର ଅବୈଧ ଚୋରା ଚାଲାଣ ରାକେଟର ପର୍ଦ୍ଦାଫାସ ହୋଇଛି । ମଙ୍ଗଳବାର ପୂର୍ବାହ୍ନରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୁଲିସ ଗଡ଼ଖୋର୍ଦ୍ଧା-ପୁରୀ ରାସ୍ତାର ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ାଉ କରି ୧୦୬ ବୋତଲ ଏସକଫ କଫ ସିରପ୍ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରିଛି । ଏହି ଘଟଣାରେ ଜଡ଼ିତ ଥିବା ଦୁଇଜଣ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି । ଜବତ ସିରପରେ ନିଶାଦ୍ରବ୍ୟ ଭାବେ ବ୍ୟବହୃତ କୋଡିନ ଥିବାରୁ ଏହାକୁ ଏନ.ଡି.ପି.ଏସ.ଆଇନ ଅଧୀନରେ ଗୁରୁତର ଅପରାଧ ଭାବେ ଗ୍ରହଣ କରାଯାଇଛି । ଆଜି ଏସମ୍ପର୍କ ରେ ଏସ.ଡି.ପି. ଓ ଙ୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ. ଡି. ପି. ଓ ପଙ୍କଜ କୁମାର ମାଝି ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି , ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଆଇ.ଆଇ.ସି ଉମେଶ କୁମାର ସାହୁଙ୍କୁ ନିର୍ଭରଯୋଗ୍ୟ ସୂଚନା ମିଳିଥିଲା ଯେ, ଏକ କଳା ରଙ୍ଗର ସୁଜୁକି ଫ୍ରଙ୍କ୍ସ କାରରେ ଚାରିଜଣ ବ୍ୟକ୍ତି ବହୁ ପରିମାଣର ଏସ.କଫ କଫ ସିରପ ନେଇ ଯାଉଛନ୍ତି । ସୂଚନା ପାଇବା ମାତ୍ରେ ଖୋର୍ଦ୍ଧା ଏସ.ପି ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ପୂର୍ବ ଯୋଜନା ଅନୁସାରେ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ନାକାବନ୍ଦୀ କରାଯାଇ ସନ୍ଦିଗ୍ଧ କାରକୁ ଅଟକାଯାଇଥିଲା । ତଲାସି ସମୟରେ କାର ଭିତରୁ ୧୦୬ ବୋତଲ ଏସକଫ କଫ ସିରପ୍, ଚାରିଟି ମୋବାଇଲ ଫୋନ୍ ଏବଂ ଚୋରା ଚାଲାଣରେ ବ୍ୟବହୃତ ସୁଜୁକି ଫ୍ରଙ୍କ୍ସ କାର (ଓଡି-୦୨-ଡିକେ-୪୮୦୨) ଜବତ କରାଯାଇଛି । ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ଅଞ୍ଚଳର ମୁନା ଦାସ (୨୨) ଏବଂ ବଉଳସାହିର ସୋମନାଥ ନିଶଙ୍କ (୨୨)ଯ ଏହାସହ ଘଟଣାରେ ସମ୍ପୃକ୍ତ ଦୁଇଜଣ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି । ପ୍ରାରମ୍ଭିକ ପଚରାଉଚରା ବେଳେ ଅଭିଯୁକ୍ତମାନେ କଫ ସିରପର ଉତ୍ସ କିମ୍ବା ଏହା କେଉଁଠାକୁ ଚାଲାଣ ହେଉଥିଲା ସେନେଇ ସନ୍ତୋଷଜନକ ସୂଚନା ଦେଇନଥିବାରୁ ପୋଲିସ ଏହାର ପଛରେ କାର୍ଯ୍ୟ କରୁଥିବା ନେଟ ୱାର୍କ ସନ୍ଧାନ ଚଳାଇଛି । ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖରେ ଖୋର୍ଦ୍ଧା ପୋଲିସ ଏକ ଆନ୍ତଃଜିଲ୍ଲା କୋଡିନ କଫ ସିରପ ଚୋରା ଚାଲାଣ ପର୍ଦ୍ଦାଫାସ କରି ୮୫୦ ବୋତଲ ଏସକଫ କଫ ସିରପ୍ ଜବତ କରିଥିଲା । ସେହି ମାମଲାରେ ଚାରିଜଣଙ୍କୁ ଗିରଫ କରାଯାଇ ବର୍ତ୍ତମାନ ସେମାନେ ବିଚାରାଧୀନ ହେପାଜତରେ ରହିଛନ୍ତି । ସେହି ଘଟଣା ପରଠାରୁ ପୁଲିସ ଏହି ଅବୈଧ କାରବାର ସହ ଜଡ଼ିତ ବ୍ୟକ୍ତି ଓ ନେଟୱର୍କ ଉପରେ ନିରନ୍ତର ନଜର ରଖିଥିଲା । ମଙ୍ଗଳବାରର ଏହି ସଫଳ ଚଢ଼ାଉ ସେହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ପୁଲିସ କହିଛି । ତଦନ୍ତକାରୀ ଅଧିକାରୀମାନଙ୍କ ଅନୁମାନ, ଜବତ ହୋଇଥିବା କଫ ସିରପ କେବଳ ସ୍ଥାନୀୟ ଅଞ୍ଚଳ ରେ କାରବାର ନୁହେଁ; ଏହା ପଛରେ ଏକ ସଂଗଠିତ ଚୋରା ଚାଲାଣ ନେଟୱର୍କ କାର୍ଯ୍ୟ କରୁଥାଇପାରେ । ମୋବାଇଲ ଫୋନର କଲ ଡିଟେଲ, ଡିଜିଟାଲ ତଥ୍ୟ ଓ ଅନ୍ୟାନ୍ୟ ସୂତ୍ରକୁ ଆଧାର କରି ଏହି ନେଟୱର୍କରେ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ପୁଲିସ ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ଶିଳ୍ପାଞ୍ଚଳ ଥାନାରେ କେସ୍ ନଂ-୨୦୧/୨୦୨୬ ଅନୁଯାୟୀ ଏନ୍ଡିପିଏସ୍ ଆଇନର ଧାରା ୨୧(ସି) ଓ ୨୯ରେ ମାମଲା ରୁଜୁ କରାଯାଇଛି । ଉପ-ନିରୀକ୍ଷକ ସ୍ୱର୍ଣ୍ଣଲତିକା ଦାସ ମାମଲାର ତଦନ୍ତ କରୁଛନ୍ତି । ପୋଲିସର କହିବା ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ନିଶାଦ୍ରବ୍ୟ ଓ କୋଡିନ ମିଶ୍ରିତ କଫ ସିରପର ଅବୈଧ ବେପାର ବିରୋଧରେ ଆଗାମୀ ଦିନରେ ଆହୁରି ବ୍ୟାପକ ଅଭିଯାନ ଜାରି ରହିବ ।

# ଜଳସମ୍ପଦ ବିଭାଗର ମନମାନିକୁ ନେଇ ଗ୍ରାମବାସୀଙ୍କ ବିରୋଧ

ତିର୍ତ୍ତୋଲ,୧୦।୭:(ମନ୍ଥନ)ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ର ତୁଳଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୋରିଷ ପୋଖରୀ ଗ୍ରାମରେ ଗୋଚର ଜମିରେ ପୋଲ ନିର୍ମାଣକୁ ନେଇ ତୀବ୍ର ବିବାଦ ଦେଖାଦେଇଛି । ଶତାଧିକ ଗ୍ରାମବାସୀ କାମକୁ ବିରୋଧ କରିବା ସହ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ , ଉପଖଣ୍ଡ ଅଧିକାରୀ ଏବଂ ଠିକାଦାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଘଟଣା ସ୍ଥଳରେ ଗ୍ରାମବାସୀ, ଠିକାଦାର ଓ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିବା ଜଣାପଡ଼ିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେନାଲ ପ୍ଲଟ ନଂ - ୧୧୨ ଏବଂ ପୋଲ କରାଯାଉଛି ପ୍ଲଟ ନଂ - ୧୦୯, (ଗୋଚର କିସମ )ରେ । ଏବଂ ସେମାନଙ୍କ ଚାଷ ଜମିକୁ ଟ୍ରାକ୍ଟର ଓ ହଳ ଯିବା ପାଇଁ ଦୀର୍ଘ ଦିନ ଧରି ଅଧା ରେ ପଡ଼ି ରହିଥିବା ପୋଲ କାମ ଉଦେଶ୍ୟ ମୂଳକ ଭାବେ ସମ୍ପୂର୍ଣ୍ଣ କରା ଯାଉନାହିଁ । ଜାଣିଶୁଣି ଚାଷୀଙ୍କୁ ଅଣଦେଖା କରା ଯାଇଛି । ଏହା ପରିବର୍ତ୍ତେ ଗ୍ରାମର ଗୋଚର ଜମି, ଯେଉଁଠାରେ ବଣ ଜଙ୍ଗଲ ରହିଛି, ସେ ଯାଗାରେ କୌଣସି ବାସଗୃହ ନାହିଁ ଏବଂ ସାଧାରଣ ଲୋକଙ୍କର କୌଣସି ପ୍ରତ୍ୟକ୍ଷ ଉପକାର ନାହିଁ, ସେହି ସ୍ଥାନରେ ପୋଲ ନିର୍ମାଣ କରାଜିବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯଉଛି । ଗ୍ରାମବାସୀଙ୍କ ଅଭିଯୋଗ ଯେ, ଗ୍ରାମର କିଛି ପ୍ରଭାବଶାଳୀ ଓ ଅସାମାଜିକ ବ୍ୟକ୍ତିଙ୍କ କଥାରେ ଠିକାଦାର, କନିଷ୍ଠ ଯନ୍ତ୍ରୀ ଓ ଉପଖଣ୍ଡ ଅଧିକାରୀ ଯୋଜନାବଦ୍ଧ ଭାବେ



ଲୋକସ୍ୱାର୍ଥ ବିରୋଧୀ ସ୍ଥାନରେ ପୋଲ ନିର୍ମାଣ କରୁଛନ୍ତି । ଏ ନେଇ ବାରମ୍ବାର ବିରୋଧ କରାଯାଇଥିଲେ ମଧ୍ୟ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯାଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ବାବଦରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି । ଆଜି ପୋଲର ଛାତ ପକାଇବା କାମ ଆରମ୍ଭ ହେବାକୁ ଥିବାବେଳେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି କାମକୁ ଅଟକାଇ ତୀବ୍ର ପ୍ରତିବାଦ କରିଥିଲେ । ଏହି ସମୟରେ ଠିକାଦାର ଓ ତାଙ୍କୁ ସମର୍ଥନ କରୁଥିବା କିଛି ସ୍ଥାନୀୟ ବ୍ୟକ୍ତିଙ୍କ ସହ ଗ୍ରାମବାସୀଙ୍କ ବଚସା ହୋଇଥିଲା । ପରିସ୍ଥିତି କିଛି ସମୟ ପାଇଁ ଉତ୍ତେଜନା ପୂର୍ଣ୍ଣ ହୋଇଯାଇଥିଲା । ଏହି ଘଟଣା ସମ୍ପର୍କରେ ଜଗନ୍ନାଥପୁର ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାଷ ଚନ୍ଦ୍ର ପଢ଼ିଆରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଠିକାଦାର ଓ ଗ୍ରାମବାସୀ ଏକାଧିକ ଥର ଫୋନ ଯୋଗେ ଯୋଗାଯୋଗ କରିଥିଲେ । ତେବେ ସେ ଫୋନ ରିସିଭ୍ କରିନଥିବା ଅଭିଯୋଗ ହୋଇଛି । ତେବେ ଗ୍ରାମବାସୀଙ୍କ ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ । ତେଣୁ ଅଭିଯୋଗ ଗୁଡ଼ିକର ସ୍ୱାଧୀନ ଯାଞ୍ଚ ହେବା ପରେ ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ ବୋଲି ଗ୍ରାମବାସୀ ମାନେ ଦାବି କରିଛନ୍ତି ।



# ଏଟିଏମ୍‌ରେ ଆବଶ୍ୟକ ମୁତାବକ ଟଙ୍କା ଯୋଗାଣ ପାଇଁ ବଲାଙ୍ଗିର ନାଗରିକ କମିଟିର ପଦକ୍ଷେପ

**ବଲାଙ୍ଗିର,୧୦।୭:(ମନ୍ଥନ)** ବଲାଙ୍ଗିର ଷ୍ଟେଟ ବ୍ୟାଙ୍କ ପରିଚାଳିତ ଏଟିଏମ୍ ମାନଙ୍କରେ ଆବଶ୍ୟକ ମୁତାବକ ଟଙ୍କା ନ ଥିବାରୁ ଗ୍ରାହକମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟା ଉଣା ଅଧିକେ ତିନି ମାସ ହେବ ଲାଗି ରହିଛି ଓ ଗତ ୧୦ ଦିନ ହେବ ସମସ୍ୟା ଟି ଉତ୍କଟ ଅବସ୍ଥା ଧାରଣ କରିଛି । ସମସ୍ୟାର ସମାଧାନ ଦିଗରେ ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କମିଟି ସଦସ୍ୟ ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ତ୍ରିନାଥ ସାହୁ, ସଦସ୍ୟ ରମେଶ ଚନ୍ଦ୍ର ନାଥ, ସଲିମ ଖାନ, ଲଳିତ କୁମାର ବହିଦାର ପ୍ରମୁଖ ନାଗରିକ କମିଟିର ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ର ମୁଖ୍ୟାଳୟକୁ ଯାଇ କର୍ତ୍ତୃପକ୍ଷଙ୍କ



ସହ ଆଲୋଚନା କରିଥିଲେ । ଚିଫ୍ ମେନେଜର ସୁରେନ୍ଦ୍ର ମିଶ୍ର ଦର୍ଶାଇଥିଲେ ଆରବିଆଇ ଆବଶ୍ୟକ ମୁତାବକ ଟଙ୍କା ଯୋଗାଇ ଦେଉନାହାନ୍ତି । ପ୍ରତି ସପ୍ତାହରେ ରିକ୍ୟାରମେଣ୍ଟ ଦିଆଯାଉଛି ମାତ୍ର ଆରବିଆଇ ମଧ୍ୟ ଟଙ୍କା ସଟେଜ ଥିବାରୁ ଯୋଗାଣ ହୋଇ ପାରୁନାହିଁ ବୋଲି ହତାଶବାଣୀ ଦେଉଛି । ଆଶା କରାଯାଏ ଏ ସମସ୍ୟାର ସମାଧାନ ୧୦ ଦିନ ମଧ୍ୟରେ ହୋଇପାରେ । ମାସକୁ ହାରାହାରି ୨୩୦ କୋଟି ଟଙ୍କା ଆବଶ୍ୟକ ଥିବା ବେଳେ ଆମ ପାଖରେ ୨୮ କୋଟି ଟଙ୍କା ରହିଛି । ଗ୍ରାହକମାନଙ୍କୁ ଡିପୋଜିଟ ଉପରେ ଏବେ ବଡ ଭରସା ହୋଇଛି । ଆମେ ଆମର ସାଧ ଏବଂ କ୍ଷମତା ମତେ ପଦକ୍ଷେପ ଗ୍ରହଣ କରିଚାଲିଛୁଁ । ଆପଣମାନେ ବି ଚାହିଲେ ପଦକ୍ଷେପ ନେଇ ପାରନ୍ତି । ନାଗରିକ କମିଟି ବଲାଙ୍ଗିର ସମସ୍ୟାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରି ରିଜର୍ଭ ବ୍ୟାଙ୍କ ଇଣ୍ଡିଆକୁ ପତ୍ର ପ୍ରେରଣ କରିଛି ।

# ପାଲଲହଡାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭୂମି ପୂଜନ ଅନୁଷ୍ଠିତ

**ଅନୁଗୋଳ,୧୦।୭:(ମନ୍ଥନ)**ପାଲଲହଡ଼ା ଉପଖଣ୍ଡରେ ଓଡ଼ିଶାର ୭୭ତମ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଅଟ୍ଟାଳିକାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହା ସହ ପାଲଲହଡ଼ାରେ ଅବସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ କ୍ୟାମ୍ପସ ଉନ୍ମୋଚନ କରିଥିଲେ ଏବଂ ନୂତନ ଅଟ୍ଟାଳିକା ପାଇଁ ଭୂମି ପୂଜନ କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଅଟ୍ଟାଳିକା ନିର୍ମାଣ ପାଇଁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି । ଏହା ଦ୍ୱାରା ପାଲଲହଡ଼ା ଅଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇବାର ସୁଯୋଗ ପାଇବେ। ଏହା ସହ ପାଲଲହଡ଼ାରେ ପ୍ରାୟ ୩.୬୫ କୋଟିର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭୂମି ପୂଜନ କରାଯାଇଥିଲା। ସମାଜର ଶେଷ ଧାଡ଼ିରେ ଥିବା ବିଦ୍ୟାର୍ଥୀମାନଙ୍କୁ ରୋଜଗାରଭିତ୍ତିକ, ଦକ୍ଷତା ଆଧାରିତ ଏବଂ ବ୍ୟବସାୟ ଭିତ୍ତିକ ପାଠପଢା ପ୍ରଦାନ କରିବାକୁ ସମସ୍ତେ ମିଳିତ ପ୍ରୟାସ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର




ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ରନାରାୟଣ ପାଣି, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତର, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଜଏଣ୍ଟ କମିଶନର ପି.ବି.ଏସ୍ ଉଷା, ଡେପୁଟି କମିଶନର ଶ୍ରୀ ସର୍ଦ୍ଦାର ସିଂହ ଚୌହାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ପାଲଲହଡ଼ା ଉପଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନିଶାନ ମିଶ୍ର ଏବଂ ତହସିଲଦାର ଆକାଂକ୍ଷା ମହାପାତ୍ର ପ୍ରମୁଖ ।

# ପ୍ରକୃତି ବନ୍ଧୁ ଅସୀମଙ୍କ ଅଭିନବ ପ୍ରୟାସ

**ବଲାଙ୍ଗିର,୧୦।୭:(ମନ୍ଥନ)**ବଲାଙ୍ଗିର ବ୍ଲକ ପଂଚାୟତ ହାଇସ୍କୁଲ ପରିସରରେ ପ୍ରକୃତି ବନ୍ଧୁଙ୍କ ତରଫରୁ ଏକ ଅଭିନବ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତି ବନ୍ଧୁ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ୫୦ଟି ମୂଲ୍ୟବାନ ବୃକ୍ଷରୋପଣ କରାଯାଇଛି । ଏହି ଗ୍ରୀନ ଡ୍ରାଇଭ



କାର୍ଯ୍ୟକ୍ରମରେ ହର୍ଡାଟାଲ ବନରକ୍ଷୀ ସଂଜିବ ନାଏକ ଓ କଲରାପିଟା ବନରକ୍ଷୀ ମହେନ୍ଦ୍ର କାଲସାଏ ଯୋଗ ଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ବରଗାଁ ପଂଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଏବଂ ପ୍ରକୃତିବନ୍ଧୁ ସଂଗଠନର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରି ବୃକ୍ଷ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସଂକଳ୍ପ ନେଇଥିଲେ । ପରିବେଶ କୁ ସବୁଜ ସୁନ୍ଦର କରିବା ପାଇଁ ପ୍ରକୃତି ବନ୍ଧୁ ଅସୀମ ଭୋଇଙ୍କର ଏହି ପ୍ରୟାସ କୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରାଯାଇଛି । ପ୍ରକାଶ ଥାଉ କି ଶ୍ରୀ ଭୋଇ ନିଜ ଉଦ୍ୟମରେ ୫୦ଟି ଚାରା ପ୍ରଦାନ କରିଥିଲେ ।

# କେନ୍ଦ୍ରାପଡାରେ ୫୩ନମ୍ବର ଜାତୀୟ ରାଜପଥ କାମ ନିମ୍ନମାନର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲା ଯୁବ ସ୍ୱାଭିମାନ ମଞ୍ଚ

**କେନ୍ଦ୍ରାପଡ଼ା,୧୦।୭:(ମନ୍ଥନ)**ଚଣ୍ଡିଖୋଲରୁ ପାରାଦ୍ୱୀପ ପର୍ଯ୍ୟନ୍ତ ନିର୍ମାଣ ଚାଲିଥିବା ୫୩ ନଂ. ଜାତୀୟ ରାଜପଥ କାମ ନିମ୍ନମାନର ହେଉଥିବା ନେଇ କେନ୍ଦ୍ରାପଡ଼ାର ସାମାଜିକ ଅନୁଷ୍ଠାନ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଅନୁଷ୍ଠାନ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ ରାଜପଥ ନିର୍ମାଣ କରିବା ପାଇଁ ଯେଉଁ ଠିକା ସଂସ୍ଥା ଦାୟିତ୍ୱ ନେଇଛି ସେ ନିମ୍ନମାନର କାର୍ଯ୍ୟ କରୁଛି। ଯାହା ଫଳରେ ରାସ୍ତାରେ ଫାଟ ସୃଷ୍ଟି ହେଲାଣି। ଏହାଦ୍ୱାରା ଜନସାଧାରଣଙ୍କ ଠାରୁ ଟିକସ ଆକାରରେ ଆଦାୟ ହେଉଥିବା ଅର୍ଥ ଅପଚୟ ହେଉଛି। ତେଣୁ ଏହାର ସ୍ୱାଧୀନ ଭାବେ ତଦନ୍ତ କରିବା ପାଇଁ ସ୍ୱାଭିମାନ ମଞ୍ଚର ସଭାପତି ଇଂ ସ୍ମୃତି ରଞ୍ଜନ ଜେନା ଦାବି କରିଛନ୍ତି। ସୂଚନା ଥାଉକି ଚଣ୍ଡିଖୋଲରୁ ପାରାଦ୍ୱୀପ ମଧ୍ୟରେ ୮ ଥାକିଆ ରାସ୍ତା ନିର୍ମାଣ ପାଇଁ ୩୬୦୦ କୋଟି ଟଙ୍କା ଅଟକଳ କରାଯାଇଛି। ହେଲେ ଯେଉଁ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ସେ ମନ ଇଚ୍ଛା କାର୍ଯ୍ୟ କରୁଛି। ଫଳରେ ଗତ କିଛି ମାସ ତଳେ ଶ୍ୟାମସୁନ୍ଦରପୁର ଠାରେ ରାସ୍ତାର ଏକ ବିରାଟ ଅଂଶ ଧସି ଯାଇଥିଲା। ତେଣୁ ସଂପୃକ୍ତ ଠିକାସଂସ୍ଥାକୁ ତାଗିଦ କରି ସଠିକ ମାନର କାର୍ଯ୍ୟ କରିବା ପାଇଁ କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଓ ଜାତୀୟ ରାଜପଥ ସଚିବଙ୍କ ନିକଟରେ ଅନୁଷ୍ଠାନର ସଭାପତି ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଏହି ନିର୍ମାଣାଧିନ ଜାତୀୟ ରାଜପଥ ରାସ୍ତାର ବିଭିନ୍ନ ସ୍ଥାନରେ ନମ୍ନମାନର କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଆସୁଛି। କିନ୍ତୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସଂପୃକ୍ତ ଠିକାସଂସ୍ଥା ସେହି ତ୍ରୁଟୀକୁ ବାରମ୍ବାର ଦୋହରାଉଥିବା ଦେଖିବାକୁ ମିଳିଛି। ଏଦିଗରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା ଦାବିରେ ବିକ୍ଷୋଭ

**ଅନୁଗୋଳ,୧୦।୭:(ମନ୍ଥନ)** ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣାଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା,ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦ କୁ ସଂପୂର୍ଣ୍ଣ ବାତିଲ କରିବା,ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ଥିବା ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା,ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ନୂତନ ବହି ମୁଦ୍ରଣ କରିବା ଆଦି ଦାବିରେ ଏଆଇଡିଏସଓ ଅନୁଗୋଳ ଆଞ୍ଚଳିକ କମିଟି ଉଦ୍ୟୋଗରେ ଗୋପବନ୍ଧୁ ପାର୍କ ଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବିଭିନ୍ନ ସ୍ଲୋଗାନମାନ ଦେଇ ଅନୁଗୋଳ ଗୋଷ୍ଠି ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଏଆଇଡିଏସଓ ଜିଲ୍ଲା ଉପସଭାପତି ସରୋଜିନୀ ବେହେରା ଙ୍କ ସଭାପତିତ୍ୱ ରେ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ ପ୍ରମୁଖ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଛନ୍ତି ଯେ, ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି ନ ନେଇ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ




ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି । ବର୍ତ୍ତମାନ ସୁଦ୍ଧା ୨୬୦୦ ରୁ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରାପଡ଼ି ସାରିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି ଏବଂ ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବାର ସମ୍ଭାବନା ରହିଛି । ତ୍ରୁଟିକୁ ସୁଧାରିବା ପାଇଁ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ 'ସଂଶୋଧନ ଦଲିଲ' ପ୍ରସ୍ତୁତ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ୍ୟ ବ୍ୟାପକ ତ୍ରୁଟି ରହିଛି । ସଂଶୋଧନ ଦଲିଲରେ ଯେତିକି ଭୁଲ୍ ଦର୍ଶାଯାଇଛି ତା' ଠାରୁ ବହୁ ଅଧିକ ଭୁଲ୍ ସାମ୍ନାକୁ ଆସୁଛି । ଯେଉଁ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ । ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ, ଯଦ୍ଦ୍ୱାରା ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ ତାହା ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶୀକାର ହେବେ ଏବଂ ଏହା ଦ୍ୱାରା ବିଜ୍ଞାନ ସମ୍ମତ ଶିକ୍ଷା ବାଧାପ୍ରାପ୍ତ ହେବ । ବର୍ତ୍ତମାନ ଜୁଲାଇ ମାସ ଶେଷ ହେବାକୁ ଯାଉଛି, ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି । ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଯୋଗୁଁ ବିଦ୍ୟାଳୟଗୁଡ଼ିକରେ ଏପର୍ଯ୍ୟନ୍ତ ପଢା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ ତେଣୁ ବିଜ୍ଞାନସମ୍ମତ ଓ ଯୁକ୍ତିଭିତ୍ତିକ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇ ବଣ୍ଟନ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା ପାଇଁ ଏ.ଆଇ.ଡି.ଏସ.ଓ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଗୋଷ୍ଠି ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଅବିଳମ୍ବେ ଏହି ସମସ୍ୟାର ସମାଧାନ ଯଦି ସରକାର ନକରନ୍ତି ତେବେ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ଆନ୍ଦୋଳନ ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି ।

## ସବରେଜିଷ୍ଟର ସମ୍ମୁଖରେ ଦିନ ଦ୍ୱିପହରରେ ଗାଡି ଡ଼ିକି ଭାଙ୍ଗି ଦେଢ଼ଲକ୍ଷଟଙ୍କା ଲୁଟିନେଲେ ଦୁର୍ବୃତ୍ତ : ପୋଲିସର ତଦନ୍ତ ଜାରି

**ଛତ୍ରପୁର,୧୦।୭:(ମନ୍ଥନ)**ଦିନ ଦ୍ୱିପହରରେ ଗାଡି ଡ଼ିକି ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ । ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ସବ ରେଜିଷ୍ଟର ଅଫିସ ସମ୍ମୁଖରେ ଘଟିଛି ଘଟଣା । ଛତ୍ରପୁର ନ୍ୟୁ ପୋଲିସ ଲାଇନର ପୂର୍ଣ୍ଣ ଚନ୍ଦ୍ର ସେନାପତି ନିଜ ଗାଡ଼ି ଡ଼ିକି ରେ ୨ ଲକ୍ଷ ୫୦ ହଜାର ଟଙ୍କା, ବ୍ୟାଙ୍କ ଅଫ ବୋରଦା ବ୍ୟାଙ୍କ ଖାତା ଓ ଚେକ ବୁକ ରଖିଥିଲେ । ସେ ଜଣେ ଜମି ବ୍ୟବସାୟୀ କରବାର କରୁଥିବାରୁ ଜଣେ ବ୍ୟକ୍ତି ତାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ ପରେ ସେ କିଛି ସମୟ ତଳେ ସେହି ଟଙ୍କାରୁ ୧ ଲକ୍ଷ ଟଙ୍କା ଅନ୍ୟ ଜଣଙ୍କୁ ଦେବାସହ ଗାଡି ଡ଼ିକି ରେ ବଳକା ଟଙ୍କା ରଖି ସେ ସବ ରେଜିଷ୍ଟର ଅଫିସ ଭିତରକୁ ଯାଇଥିବା ବେଳେ ପରେ ଗାଡି ଡ଼ିକିରେ ଥିବା ଦେଢ଼ ଲକ୍ଷ ଟଙ୍କା ସମେତ ବ୍ୟାଙ୍କ ଖାତା ଓ ଚେକ କୁ କେହି ଦୁର୍ବୃତ୍ତ ଲୁଟି ନେଇଥିବା ଜଣା ପଡିଛି । ଏହାର ଖବର ପାଇ ଛତ୍ରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ଗୁଜରାଟର ସୁରଟରେ ବନ୍ୟା ପାଣିରେ ଓଡ଼ିଆ ଯୁବକ ନିଖୋଜ, ଉଦ୍ଧାର ପାଇଁ ଓଡ଼ିଶା ସରକାରଙ୍କୁ ପରିବାରର ନିବେଦନ

**କବିସୂର୍ଯ୍ୟନଗ.୧୦।୭:(ମନ୍ଥନ)**ଗୁଜରାଟର ସୁରତ ସହରରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ମଧ୍ୟରେ ଜଣେ ଓଡ଼ିଆ। ଯୁବକ ନିଖୋଜ ହୋଇଥିବା ଅଭିଯୋଗ ଆସିଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଗୁଡ଼ିଆଲି ଗ୍ରାମର ସ୍ୱରାଜ୍ୟ କୁମାର ଜେନା ତିନି ଦିନ ହେଲା ନିଖୋଜ ଥିବା ବେଳେ ପରିବାର ଲୋକେ ତାଙ୍କ ଉଦ୍ଧାର ପାଇଁ ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡ଼ିଆଲି ଗ୍ରାମର ସ୍ୱରାଜ୍ୟ କୁମାର ଜେନା ପ୍ରାୟ ଦୁଇ ମାସ ତଳେ କାମ କରିବା ପାଇଁ ଗୁଜରାଟର ସୁରତ ଯାଇଥିଲେ ।ପରିବାରର କହିବା ଅନୁଯାୟୀ, ତିନି ଦିନ ତଳେ ସେ ଶେଷଥର ପାଇଁ ଫୋନରେ କଥା ହୋଇଥିଲେ। ୮୦ବର୍ଷ ମା ପୁଅ କୁ ଝୁରି ଝୁରିକାନ୍ଦୁଥିବା ବେଳେ ସରକାର ଙ୍କ ନେହୁରା ହୋଇ ନିବେଦନ କରିଛି ପୁଅ ସ୍ୱରାଜ୍ୟ



ର ସନ୍ଧାନ ପାଇବା ପାଇଁ।କାମ ସାରି ଘରକୁ ଫେରୁଥିବା ବେଳେ ବନ୍ୟା ପାଣିରେ ଭରିଯାଇଥିବା ଏକ ଗଟରରେ ସେ ଫସିଯାଇଥିବା ସୂଚନା ମିଳିଥିଲା । ପରେ ତାଙ୍କ ମଝିଆ। ଭାଇ ଓ ସହକର୍ମୀମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ୱରାଜ୍ୟଙ୍କର କୌଣସି ସନ୍ଧାନ ମିଳିନାହିଁ।ତିନି ଦିନ ଧରି ଭୋକ ଉପବାସ ରେ ସ୍ୱରାଜ୍ୟ ଙ୍କ ପରିବାର। ଏହି ଘଟଣାକୁ ନେଇ ସୁରତର ବାମ୍ବରୋଲି ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ ହୋଇଥିବା ସୂଚନା ରହିଛି। ଅନ୍ୟପଟେ, ପୁଅର ସୁରକ୍ଷିତ ଉଦ୍ଧାର ଏବଂ ଖୋଜାଖୋଜି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପରିବାର ଲୋକେ ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ନିବେଦନ କରିଛନ୍ତି ।

# ଅତ୍ୟାଚାର ନିବାରଣ ଆଇନର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ: କନ୍ଧମାଳରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

**କନ୍ଧମାଳ,୧୦।୭:(ମନ୍ଥନ)**ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ର ପ୍ରଭାବୀ କାର୍ଯ୍ୟକାରିତା, ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ଏବଂ ସରକାରୀ ସହାୟତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗୁରୁବାର ଫୁଲବାଣୀସ୍ଥିତ ସଦ୍ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ବୈଠକରେ ଅଧ୍ୟକ୍ଷତା କରିଥିଲେ ।ବୈଠକରେ ଜିଲ୍ଲାରେ ରୁଜୁ ହୋଇଥିବା ଅତ୍ୟାଚାର ସମ୍ବନ୍ଧୀୟ ମାମଲାର ତଦନ୍ତ, ବିଚାର ପ୍ରକ୍ରିୟା, ପୀଡ଼ିତଙ୍କୁ ଆର୍ଥିକ ସହାୟତା, ପୁନର୍ବାସ ବ୍ୟବସ୍ଥା ଓ ଆନ୍ତଃଜାତି ବିବାହ ପ୍ରୋତ୍ସାହନ ଯୋଜନାର ଅଗ୍ରଗତି ସମୀକ୍ଷା




କରାଯାଇଥିଲା । ପ୍ରତ୍ୟେକ ମାମଲାର ତ୍ୱରିତ ତଦନ୍ତ, ସମୟବଦ୍ଧ ଚାର୍ଜସିଟ୍ ଦାଖଲ ଏବଂ ପୀଡ଼ିତଙ୍କୁ ବିନା ବିଳମ୍ବରେ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ କହିଥିଲେ ଯେ, ଏହି ଆଇନର ଉଦ୍ଦେଶ୍ୟ କେବଳ ଅପରାଧୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ନୁହେଁ, ବରଂ ପୀଡ଼ିତଙ୍କୁ ସୁରକ୍ଷା, ନ୍ୟାୟ ଓ ସମ୍ମାନ ସହ ପୁନର୍ବାସ ସୁନିଶ୍ଚିତ କରିବା । ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ ।ବୈଠକରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜି. ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାଏକ, ପି.ଏ. ଆଇଟିଡିଏ ଯୁଧିଷ୍ଠିର ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ଆଇନର ସୁଫଳକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ପୀଡ଼ିତମାନଙ୍କୁ ଯଥାସମୟରେ ନ୍ୟାୟ ପ୍ରଦାନ ପାଇଁ ସମନ୍ୱିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଲୁଣା ନଦୀର ପ୍ରସ୍ତାବିତ ଆନିକଟ ପୁନଃ କ୍ଷେତ୍ରୀୟ ଅନୁଧ୍ୟାନ

**ଡେଲାଙ୍ଗ,୧୦।୭:(ମନ୍ଥନ)**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଲୁଣା ନଦୀର ପ୍ରସ୍ତାବିତ ଆନିକଟ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀମାନେ ବୁଧବାର ପୁନଃ ଅନୁଧ୍ୟାନ କରିଛନ୍ତି । ଲୁଣା ନଦୀରେ ମୁନିନ୍ଦା ପଂଚାୟତ ପୋଲିଅ। ଶଙ୍ଖର ନିମ୍ନ ସ୍ରୋତରେ ଏକ ଆନିକଟ ନିର୍ମାଣ ପୂର୍ବକ ସନ୍ନିକଟ ମୁନିନ୍ଦା, ଧାନକେରା, ଗୁଆଲିପଡ଼ା, ଶ୍ରୀପୁରୁଷୋତ୍ତମପୁର, କଲ୍ୟାଣପୁର, ସିରେଇ ଆଦି ପଂଚାୟତର ଚାଷ କ୍ଷେତକୁ ଜଳ ପ୍ରବାହ ସୁବିଧା ପାଇଁ ଦୀର୍ଘ କୋଡିଏ ବର୍ଷ ଧରି ସ୍ଥାନୀୟ ଚାଷୀ, ପଂଚାୟତିରାଜ ପ୍ରତିନିଧି, ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାବି ହୋଇ ଆସୁଥିଲା ବେଳେ ଜଳ ସମ୍ପଦ ବିଭାଗ ଅଧୀନସ୍ଥ ପ୍ଲାନିଂ ଉପ ବିଭାଗର ମୁଖ୍ୟ ଯନ୍ତ୍ରୀ ତାଙ୍କ ତା ୨୫. ୩. ୨୬ରେ ଅନୁଧ୍ୟାନ ରିପୋର୍ଟରେ ଜଳ ନିଷ୍କାସନ ସମସ୍ୟାର ପ୍ରସ୍ତାବିତ ସ୍ଥାନର ଉପର ସ୍ରୋତର କିଛି ଦୂରରେ ଏହି ଆନିକଟ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ଫଳରେ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ନେଇ ଚାଷୀମାନଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଛି । ଦୟା ଓ ଲୁଣା ନଦୀ ସୁରକ୍ଷା ସଂଗଠନର ଆବାହକ ଡ଼ଃ ଦେବାଶିଷ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତ ମଇ ୧ ତାରିଖରେ ସାକ୍ଷାତ କରି ଆନିକଟ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା




ପାଇଁ ନିବେଦନ କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ବେହେରା, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର ତାଙ୍କ ବୈଷୟିକ ଟିମ ସହ ପ୍ରସ୍ତାବିତ ଆନିକଟ ସ୍ଥାନ ବୁଧବାର ପୁନଃ ଅନୁଧ୍ୟାନ କରିଛନ୍ତି ଜଳ ନିଷ୍କାସନ ପଥ ଅବରୋଧ ଆଶଙ୍କାରେ ଲୁଣା ନଦୀର ବାମ ପାର୍ଶ୍ୱ ପୋଲିଅ। ଶଙ୍ଖ ର ଉପର ସ୍ରୋତରେ ଆନିକଟ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ପ୍ଲାନିଂ ଉପ ବିଭାଗ ଯେଉଁ ରିପୋର୍ଟ ଦେଇଛନ୍ତି, ତାହାକୁ ସ୍ଥାନୀୟ ଚାଷୀମାନେ ନାପସନ୍ଦ କରିଛନ୍ତି ବରଂ ପୋଲିଅ। ଶଙ୍ଖର ନିମ୍ନ ସ୍ରୋତର ଶହେ ମିଟର ମଧ୍ୟରେ ଆନିକଟ ନିର୍ମାଣ ହେଲେ ଜଳ ଭଣ୍ଡାର କ୍ଷମତା ବୃଦ୍ଧି ହେବା ସହ ପୋଲିଅ। ଶଙ୍ଖ ରେ ଜଳ ପ୍ରବାହ ସୁବିଧାଜନକ ହେବ ବୋଲି ଚାଷୀମାନେ ଯନ୍ତ୍ରୀ ଦ୍ୱୟଙ୍କୁ ଅବଗତ କରାଇଥିଲେ ଉପର ସ୍ରୋତର ଶହେ ମିଟର ମଧ୍ୟରେ ଆନିକଟ ନିର୍ମାଣ ହେଲେ ଲୁଣା ବାମ ପାର୍ଶ୍ୱନଦୀ ବନ୍ଧରେ ଆଉ ଏକ ଶଙ୍ଖ ନିର୍ମାଣ କରିବା ସହ ପାର୍ଶ୍ୱରେ ସରକାରୀ ଜମି ନଥିବାରୁ ବ୍ୟକ୍ତିଗତ ଚାଷୀଙ୍କ ଜମି ଆହରଣ କରିବା ଓ ନାଳ ଖୋଳିବା ପାଇଁ ବ୍ୟୟ ଭାର ବୃଦ୍ଧି ପାଇବା ଆଶଙ୍କା ରହିଛି ଅନ୍ୟପକ୍ଷରେ ବର୍ଷା ଋତୁରେ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଆନିକଟର କବାଟ ଖୋଲି ଦିଆଯାଇ ନିଷ୍କାସନ ପଥ ସୁଗମ ହୋଇପାରିବ ଓ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଅଭିଜ୍ଞ ଚାଷୀମାନେ ଦୃଢ଼ ମତ ବ୍ୟକ୍ତ କରିଥିଲେ, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏ ସମ୍ପର୍କରେ ସମୁଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଡ଼ଃ ନାୟକଙ୍କ ସହ ଚାଷୀମାନେ ନିବେଦନ କରିଛନ୍ତି ।

# ଚନ୍ଦନଭାଟିରେ ନରସିଂହଙ୍କ ସାଧାରଣ ସଭା

**ବଲାଙ୍ଗିର,୧୦।୭:(ମନ୍ଥନ)** ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଠାରେ ଥିବା ମେହେରପଡା କଲ୍ୟାଣ ମଣ୍ଡପ ଠାରେ ସାଧାରଣ ଜନତାଙ୍କୁ ନେଇ ଏକ ସାଧାରଣ ସଭାରେ ଲୋକଙ୍କ ଅଭିଯୋଗ କୁ ନେଇ ଆଲୋଚନା କରିଛନ୍ତି । ଚନ୍ଦନଭାଟିରେ ଥିବା ସରକାରୀ ହାଇସ୍କୁଲ ରେ ଅନେକ ବର୍ଷ ହେଲା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ସ୍କୁଲ ଚାଲୁଛି । ଏହାକୁ ନେଇ ଧିରେ ଧିରେ ଏହି ଅଂଚଳର ନାଗରିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ନିୟମିତ ପ୍ରଧାନ ଶିକ୍ଷକ ପଦ ଖାଲି ରହୁଥିବା ଏବଂ ଏହି ହାଇସ୍କୁଲ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ କୁ ଉନ୍ନତି ହୋଇଥିବା ଦ୍ୱାରା ଏଠାରେ ଶିକ୍ଷାକୁ ନେଇ ସରକାରଙ୍କ ଅନେକ ସବୁ ଯୋଜନା ଲାଗୁ ହୋଇଛି କିନ୍ତୁ ନିୟମିତ ପ୍ରଧାନ ଶିକ୍ଷକ ବିନା ଏହି ସବୁ କାର୍ଯ୍ୟ ସହ ଶିକ୍ଷାଦାନ କୁ ନେଇ ଚାଲିଥିବା କାର୍ଯ୍ୟକ୍ରମ ମଧ୍ୟ ଅନେକାଂଶରେ ବ୍ୟାଘାତ ହେବା ଦେଖାଦେଇଥାଏ ତେଣୁ ଏଠାରେ ଏକ ନିୟମିତ ପ୍ରଧାନ ଶିକ୍ଷକ ପ୍ରଦାନ କରିବାର ବ୍ୟବସ୍ଥା କରେଇବାକୁ ଶ୍ରୀ ମିଶ୍ରଙ୍କ ଆଗରେ ଚନ୍ଦନଭାଟିର ବୁଦ୍ଧିଜିବିମାନେ ଅନୁରୋଧ କରିଥିଲେ । ତା ସହ ଚନ୍ଦନଭାଟି



ବାଦିଘୋର ଏବଂ ଆଖପାଖ ଅଂଚଳର ଗ୍ରାମ୍ୟ ରାସ୍ତା ଗୁଡିକର ରକ୍ଷଣାବେକ୍ଷଣରେ ଧ୍ୟାନ ଦେବାକୁ , କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତାଗୁଡିକର ଅନିୟମିତତା, ଗ୍ରାମାଞ୍ଚଳରେ ରହୁଥିବା ଆବାସ ଗୃହରେ ରହୁଥିବା ଯୋଗ୍ୟ ହିତାଧିକାରୀଙ୍କ ନାଁ କଟିଯିବାକୁ ନେଇ ଗାଁ ଲୋକଙ୍କ ଭିତରେ ଧିରେ ଧିରେ ଅସନ୍ତୋଷ ତେଜୁଛି । ଏ ସବୁ ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଶ୍ରୀ ମିଶ୍ର ଆଲୋଚନା କରି ଏ ସବୁ ସମାଧାନର ବାଟ ଫିଟାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ବର୍ଷ ପଂଚାୟତ ସ୍ତରୀୟ ନିର୍ବାଚନ ହେବାକୁ ଥିବା ବେଳେ ପଂଚାୟତ ସ୍ତରୀୟ ପ୍ରତିନିଧି ବାଛିବା ବେଳକୁ ବିକାଶର ମନୋବୃତ୍ତି ଥିବା ସ୍ଥାନୀୟ ଲୋକଙ୍କୁ ବାଛିବାକୁ ଶ୍ରୀ ମିଶ୍ର ଅନୁରୋଧ କରିଥିଲେ । ଯେଉଁ ସ୍ଥାନୀୟ ନେତା ଲୋକଙ୍କର ଛୋଟ ଛୋଟ ସମସ୍ୟା ସହିତ ଜଡିତ ହୋଇ ସମ୍ବେଦନ ଶିଳତା ସହ ଲୋକଙ୍କ ସହ ଅଛି ସେଭଳିଆ ଲୋକଙ୍କୁ ଗୁରୁତ୍ୱ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ଅନୁରୋଧ କରିଥିଲେ । ଆଜିର ଏହି ଆଲୋଚନା ସମୟରେ ଲିଙ୍ଗରାଜ ମେହେର, କପିଳେଶ୍ୱର ମେହେର, ଶିବ ମେହେର, ନରେନ୍ଦ୍ର ମେହେର, ଶ୍ୟାମ ମେହେର, ରାମ ପ୍ରସାଦ ମିଶ୍ର, ପ୍ରକାଶ ବରେଇ, ସଂକିର୍ତ୍ତନ ମେହେର ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଶନିବାର ୧୧, ଜୁଲାଇ ୨୦୨୬, ଭୁବନେଶ୍ୱର
Saturday, 11 July 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଅଭାନବୀୟ

କେନ୍ଦୁଝର ଜିଲ୍ଲାରେ ନିକଟରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଯାହା ସଭ୍ୟ ସମାଜ ପ୍ରତି ଏକ କଳଙ୍କ ଏବଂ ଅତ୍ୟନ୍ତ ଲଜ୍ଜାକର। ଜିତୁ ମୁଣ୍ଡା ନାମକ ଜଣେ ଆସିବାସୀ ସମ୍ପ୍ରଦାର ବ୍ୟକ୍ତି ନିଜ କୃତ ଭଉଣୀର ଆଇନଗତ ଉତ୍ତରାଧିକାରୀ ଭାବେ ବ୍ୟାଙ୍କରେ ଥିବା ଟଙ୍କା ଉଠାଇବାକୁ ଯାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁ ମୁଣ୍ଡାଙ୍କୁ ତାଙ୍କ ଭଉଣୀର ମୃତ୍ୟୁ ସାର୍ଟିଫିକେଟ ଏବଂ ଉତ୍ତରାଧିକାରୀ ପ୍ରମାଣପତ୍ର ବା ଲିଗାଲ ହେୟାର ଆଣିବାକୁ କହିଥିଲେ। ଆଇନଗତ ଦୃଷ୍ଟିରୁ ଏହା ଠିକ। ବିନା ପ୍ରମାଣପତ୍ରରେ ଜଣେ ମୃତକଙ୍କ ଟଙ୍କାକୁ ଆଉ ଜଣଙ୍କୁ କିପରି ଦିଆଯାଇପାରିବ ? ଜିତୁ ମୁଣ୍ଡା ଜଣେ ମୂର୍ଖ ଲୋକ ଏବଂ ସେ ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର କିପରି କେଉଁଠୁ ଆଣିବ ତାହା ଜାଣିନି। ତେଣୁ ନିଜ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ଭାବେ ସେ ମାଟି ତଳେ ଖୋଳଯାଇଥିବା ତାଙ୍କ ଭଉଣୀର ଶବକୁ କାନ୍ଧରେ ଆଣି ବ୍ୟାଙ୍କ ଶାଖାକୁ ଆଣିଥିଲା। ଏହାଠାରୁ ଅଧିକ ବଡ଼ ଗ୍ରହଣଯୋଗ୍ୟ ପ୍ରମାଣପତ୍ର ତା ନିକଟରେ ଆଉ କିଛି ନଥିଲା। ଏହା ପୂର୍ବରୁ ସେ ବ୍ୟାଙ୍କ ଶାଖାକୁ ଯାଇ ବ୍ୟାଙ୍କ ଅଧିକାରୀଙ୍କୁ ନିଜ ଦାବି ଏବଂ ଅଭିଯୋଗ ସମ୍ପର୍କରେ ନେହୁରା ହୋଇଥିଲେ ମଧ୍ୟ କେହି ତା କଥାକୁ ଗୁରୁତ୍ୱ ଦେଇନଥିଲେ ବା ସହାୟତା କରିନଥିଲେ। ଦାରୀଦ୍ର୍ୟ ହେତୁ ହେଉ ବା ଅନ୍ୟ କାରଣରୁ ଜିତୁ ନିଜ ଭଉଣୀର ଶବକୁ ପୋଡ଼ିନଥିଲା, ପୋତି ଦେଇଥିଲା। ତାହା ପୁଣି ବେଶୀ ଦିନ ହୋଇନଥିଲା। ତେଣୁ ସେ ନିଜ ଭଉଣୀର ଶବ ବା କଙ୍କାଳକୁ ଉଦ୍ଧାର କରି ବ୍ୟାଙ୍କକୁ ନେଇ ଆସିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଆସିଥିଲା । ବୁଝାସୁଝା ପରେ ଶେଷରେ ଜିତୁ ନିଜ ଭଉଣୀର ଶବକୁ ପୁଣି ୪ କିମି ବାଟ କାନ୍ଧରେ ବୋହି ଫେରିଯାଇଥିଲା। କେହି ବ୍ୟକ୍ତି, ପୋଲିସ ବା ବ୍ୟାଙ୍କ କର୍ତ୍ତୃପକ୍ଷ ଅନ୍ତତଃ ପକ୍ଷେ ଜିତୁ ମୁଣ୍ଡାକୁ ନିଜ ଭଉଣୀର ଶବ ଫେରାଇନେବାରେ ସହାୟତା ମଧ୍ୟ କରିନଥିଲେ। କେହି ମାନବିକତାର ସାମାନ୍ୟତମ ପରିଚୟ ମଧ୍ୟ ଦେଇନଥିଲେ। ଧନ୍ୟବାଦ ଦେବାକୁ ପଡ଼ିବ ଗଣମାଧ୍ୟମକୁ। ଏହି ଘଟଣାର ବିସ୍ତୃତ ବିବରଣୀ ଫଟୋ ସହ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଲା। ଟିଭିରେ ମଧ୍ୟ ଏହାର ଦୃଶ୍ୟ ପ୍ରଦର୍ଶିତ ହେଲା ଟିଆରପି ପାଇଁ ଘରୋଇ ଟିଭି ଚାନେଲଗୁଡ଼ିକ ଏହାକୁ ବେଶ ବଢ଼ାଇ ଚଢ଼ାଇ ପ୍ରସାର କଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ଗଣମାଧ୍ୟମ ଏ ସମ୍ପର୍କରେ ସୂଚନା ପାଇଲା କେମିତି ? ଯାହା ବି ହେଉ ଗଣମାଧ୍ୟମ ତା କାମ କରିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା। ଦାନ ମାଝୀ ଘଟଣାରେ ଓଡ଼ିଶା ଯେପରି ଚର୍ଚ୍ଚିତ ଏବଂ ବଦନାମ ହୋଇଥିଲା ଏବେ ଜିତୁମୁଣ୍ଡା ଘଟଣାରେ ଓଡ଼ିଶା ପୁଣି ବଦନାମ ହେଲା। ଓଡ଼ିଶା ଏକ ଗରିବ ଏବଂ ପଛୁଆ ରାଜ୍ୟ ବୋଲି ସାରା ବିଶ୍ୱରେ ଧାରଣା। ଏଭଳି କିଛି ଘଟଣା ଓଡ଼ିଶାର ଭାବମୂର୍ତ୍ତୀକୁ ରସାତଳଗାମୀ କରିଛି। ବାସ୍ତବରେ ବର୍ତ୍ତମାନ ସମୟରେ ଭାରତରେ ଏଭଳି ଏକ ଘଟଣା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଆଫ୍ରିକାରେ ମଧ୍ୟ ଦେଖାଯାଉନି। ଏହି ଘଟଣା ପ୍ରଚାରିତ ହେବା ପରେ ଜିତୁ ମୁଣ୍ଡାଙ୍କ ନିକଟକୁ ସହାୟତାର ସୁଅ ଛୁଟୁଛି। ଉଭୟ ସରକାର ଏବଂ ବେସରକାରୀ ସ୍ତରରେ ଏହିସବୁ ସହାୟତା ମିଳୁଛି। ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭ୍ୟାସ ମୁତାବକ ବିରୋଧୀ ଦଳ ଗୁଡ଼ିକ ମଧ୍ୟ ଏହାକୁ ନେଇ ତୁମ୍ଭିତୁଫାନ ଆରମ୍ଭ କରି ଦେଇଛନ୍ତି। ଘଟଣାର ତଦନ୍ତ କରୁଥିବା ଆରଡିସି ତାଙ୍କ ରିପୋର୍ଟରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କିନ୍ତୁ ବ୍ୟାଙ୍କ ଅଫିସର ସଂଘ ଏହାକୁ ବିରୋଧ କରିଛି। ଏହି ଘଟଣାରେ ଆଇନଗତ ଦୃଷ୍ଟିରୁ ବ୍ୟାଙ୍କର କିଛି ଭୁଲ ନାହିଁ। କିନ୍ତୁ ମାନବିକତା ଦୃଷ୍ଟିରୁ ବିଚାର କଲେ ଜଣେ ଗରିବ, ଅସହାୟ ଓ ଅଶିକ୍ଷିତ ଲୋକଟିକୁ ସାହାଯ୍ୟ କରିବା କ'ଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ନଥିଲା। ବଡ଼ ବଡ଼ ସାର୍ଟିଫିକେଟ ହାସଲ କରିଥିବା ବ୍ୟାଙ୍କ କର୍ମଚାରୀମାନେ ନିଜକୁ ବେଶ ଜ୍ଞାନୀ ଗୁଣି ଦେଖାଉନ୍ତି। ନିଜ ପାଇଁ ବର୍ଦ୍ଧିତ ଦରମା, ଭତ୍ତା ଓ ଅନ୍ୟାନ୍ୟ ସହାୟତା ଦାବି କରିପାରୁଛନ୍ତି। କିନ୍ତୁ ମାନବିକତା କ'ଣ ସେମାନେ ପାଠ ବହିରୁ ସମ୍ଭବତଃ ଶିଖି ନାହାଁନ୍ତି। ତେଣୁ ଜଣେ ଗରିବ, ଅସହାୟ ଆଦିବାସୀ ବ୍ୟକ୍ତିଙ୍କ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଏଭଳି ଅମାନବୀୟ ଆଚରଣ ପ୍ରଦର୍ଶନ କରିଛନ୍ତି। ଏହା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହା ସହିତ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କର ମଧ୍ୟ ଦୋଷ ରହିଛି। ମୃତ୍ୟୁ ପ୍ରମାଣପତ୍ର ଏବଂ ଉତ୍ତରାଧିକାରୀ ପ୍ରମାଣପତ୍ର ଦେବାରେ ସରକାରୀ କର୍ମଚାରୀମାନେ କେତେ ଅସହଯୋଗ କରୁଛନ୍ତି, ସ୍ଥଳ ବିଶେଷରେ ଲାଞ୍ଚ ମାଗୁଛନ୍ତି ଏବଂ ସାଧାରଣ ଲୋକଟିକୁ କେତେ ହଇରାଣ କରୁଛନ୍ତି ତାହା ସମସ୍ତଙ୍କୁ ଜଣା। ଜିତୁ ମୁଣ୍ଡା ଘଟଣାରେ ବ୍ୟବସ୍ଥାରେ ତ୍ରୁଟି ସ୍ପଷ୍ଟ ହେଉଛି। ଯିଏ ଯେଉଁଠି ମରୁ ବା ଜନ୍ମ ହେଉ ସେ ସମ୍ପର୍କରେ ସ୍ଥାନୀୟ ୱାର୍ଡମେମ୍ବର ବା କାଉନସିଲରରଙ୍କରଯ କ'ଣ କିଛି ଦାୟିତ୍ୱ ନାହିଁ। ଗଣତନ୍ତ୍ରର ସବୁଠାରୁ ତଳ ସ୍ତରରେ ଥିବା ଜନପ୍ରତିନିଧିଟିଏ ଏହାକୁ ନିଜ ଦାୟିତ୍ୱ ବୋଲି ବିଚାର କରି ଜିତୁ ମୁଣ୍ଡାକୁ ସହାୟତାର ହାତ ବଢ଼ାଇବା ଉଚିତ ଥିଲା। ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପାଇବା ଲାଗି ବ୍ୟବସ୍ଥାକୁ ମଧ୍ୟ କୋହଳ କରାଯିବା ଉଚିତ। ଗରିବ, ଅଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ମୌଖିକ ସୂଚନାରେ ଏହି ପ୍ରମାଣପତ୍ର ମିଳିଯିବା ଉଚିତ। ସହରାଞ୍ଚଳରେ କାଉନସିଲର ବା କର୍ପୋରେଟର ଏବଂ ଗ୍ରାମାଞ୍ଚଳରେ ୱାର୍ଡ ମେମ୍ବରଟିଏ ତତ୍କାଳ ଏଥିଲାଗି ସୁପାରିଶ କରିବା ଉଚିତ। ତାଙ୍କ ସୁପାରିଶ ଆଧାରରେ ୪୮ ଘଣ୍ଟା ଭିତରେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ହେବା ଉଚିତ।

# ପ୍ରେସ୍ ସ୍ୱାଧୀନତା

**ଡ଼ଃ.ଅରୁନ୍ଧତୀ ଦେବୀ**

ଆଜି ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ। ଆନ୍ତର୍ଜାତିକ ସଙ୍ଗଠନ 'ରିପୋର୍ଟସ ଉଇଦାଉଟ ବଡ଼ର୍ସ'ର ସଦ୍ୟତମ ତଥ୍ୟ ଅନୁଯାୟୀ ଗତ ପଚିଶ ବର୍ଷ ମଧ୍ୟରେ ସାମ୍ବାଦିକତାର ସ୍ୱାଧୀନତା ବିଶ୍ୱରେ ସବୁଠାରୁ ନିମ୍ନସ୍ତରକୁ ଖସି ଆସିଛି। ଇତିହାସରେ ପ୍ରଥମଥର ପାଇଁ ବିଶ୍ୱର ପାଖାପାଖି ଅଧାରୁ ଅଧିକ ଦେଶରେ ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଗମ୍ଭୀର ଶ୍ରେଣୀଭୁକ୍ତ ହୋଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ପାଇଁ ଏହା ଅଶୁଭ ସଙ୍କେତ। ୨୦୨୬ ସୂଚକାଙ୍କରେ ଭାରତର ସ୍ଥିତି ସାରା ବିଶ୍ୱର ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୭ତମ ସ୍ଥାନରେ ରହିଛି। ସୂଚନାଥାଉକି ଫ୍ରାନ୍ସର ଏକ ସଙ୍ଗଠନ ରିପୋର୍ଟସ ଉଇଦାଉଟ ବଡ଼ର୍ସ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ୧୮୦ଟିଦେଶରେ ଗଣମାଧ୍ୟମ ସଂସ୍ଥାମାନେ କିଭଳି ସ୍ୱାଧିନୀତା ଉପଭୋଗ କରୁଛନ୍ତି ତାହାକୁ ନେଇ ଏକ ସୂଚକାଙ୍କ ପ୍ରକାଶ କରିଥାଏ। ୨୦୦୨ରୁ ଏହି ଗଣନା ଆରମ୍ଭ ହେବାପର ଠାରୁ ପ୍ରଥମଥର ପାଇଁ ବିଶ୍ୱର ଅଧାରୁ ଅଧିକ ଦେଶରେ ପ୍ରେସ ସ୍ୱାଧୀନତା ଅତ୍ୟନ୍ତ ଗମ୍ଭୀର ଶ୍ରେଣୀଭୁକ୍ତ ହୋଇଛି। ମାତ୍ର ସାତଟି ଦେଶରେ ସାମ୍ବାଦିକତା ପାଇଁ ଉତ୍ତମ ପରିବେଶ ରହିଛି। ସେ ଦେଶ ଭିତରୁ ଶୀର୍ଷରେ ରହିଛି ନେଦରଲ୍ୟାଣ୍ଡସ, ନରୱେ, ଇଷ୍ଟୋନିଆ। ଆମେରିକାର ସ୍ଥାନ ୬୪ରେ ରହିଛି। ପାକିସ୍ଥାନର ସ୍ଥାନ ୧୫୩ ରହିଥିବାବେଳେ ଋଷିଆର ସ୍ଥାନ ୧୭୨ ଓ ଇରାନର ସ୍ଥାନ ୧୭୭।

ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମର୍ଥବୋଧକ ଥିଲା । ସେବା ଥିଲା ସାମ୍ବାଦିକତାର ଭିତ୍ତି । ଦେଶକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ସାମ୍ବାଦିକତାର ଲକ୍ଷ୍ୟ । ଲକ୍ଷ୍ୟ ଥିଲା ଦେଶବାସୀଙ୍କୁ କେମିତି ଦେଶ ବିଷୟରେ, ସମାଜ ବିଷୟରେ ସଚେତନ କରାଇ ବିଭିନ୍ନ ବିଷୟରେ ଜ୍ଞାନ ପ୍ରଦାନ କରିବା । ଗଣମାଧ୍ୟମ ଗଣ ସାହିତ୍ୟ ଓ ଗଣତନ୍ତ୍ର ଏମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହି ଆସିଛି ଢ଼େର ବର୍ଷ ତଳୁ । ଖବର କାଗଜ ପିଠିରେ ଚଢ଼ି ପାଠକ ସଂଖ୍ୟାବୃଦ୍ଧି ହୋଇଗଲା ବୋଲି କହିଲେ ସାହିତ୍ୟ ଗଣ ସାହିତ୍ୟ ହୁଏନାହିଁ କି ଗଣତନ୍ତ୍ରରେ ତାର ପ୍ରକୃତ ଭୂମିକା ନିଭେଇ ପାରେ ନାହିଁ । ସଂପ୍ରତି ଅଧିକାଂଶ ଗଣତାନ୍ତ୍ରିକ ରାଷ୍ଟ୍ର ସନ୍ତ୍ରାସବାଦ ବିରୋଧରେ ସଂକଳ୍ପ ନେଉଥିବାବେଳେ ଆଭ୍ୟନ୍ତରୀଣସ୍ଥିତି ଦୃଷ୍ଟିରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗୀନ ବୋଲି କହିଲେ ଭୁଲ ହେବନାହିଁ । ଏହି ପରିସ୍ଥିତିରେ ସଂପୃକ୍ତି ରାଷ୍ଟ୍ରରେ ପ୍ରେସ୍ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି । ସମ୍ବାଦପତ୍ରର ଦାୟିତ୍ୱବୋଧତା ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠିଥାଏ ତାହା ବାସ୍ତବିକ ଜଟିଳ । ସମ୍ବାଦ ପତ୍ରର ସୃଷ୍ଟି ସମ୍ବନ୍ଧରେ କେବଳ ବ୍ୟବସାୟ ପାଇଁ କେହି ତତ୍‌କାଳୀନ ସମୟକୁ ଦେଖି ସମ୍ବାଦପତ୍ର କଥା ଚିନ୍ତା କରିନଥିଲେ । ରାଜନୈତିକ ପଥ ବା ସାମାଜିକ ପ୍ରତିବଦ୍ଧତା କିମ୍ବା ବୌଦ୍ଧିକ ଅଭିରୁଚି ହିଁ ଥିଲା ସମ୍ବାଦ ପ୍ରକାଶ ପ୍ରକାଶନ ଭୂମି । ଭାରତ କିମ୍ବା ଆମେରିକା ସ୍ୱାଧୀନତା ପାଇଁ ସଂଗ୍ରାମ ପରିପ୍ରେକ୍ଷୀରେ ସମ୍ବାଦପତ୍ର ପ୍ରକାଶନ ଅର୍ନିବାର୍ଯ୍ୟ ହୋଇପଡ଼ିଥିଲା । ନିଜର ରାଜନୈତିକ ଅଧିକାର ସାବ୍ୟସ୍ତ ପାଇଁ ଏହି ସମ୍ବାଦପତ୍ର ଗୁଡ଼ିକ ଗୋଟିଏ ଗୋଟିଏ ଦେଶର, ସମାଜର ମୁଖପତ୍ର ହୋଇଥିଲା । ଏବଂ ସମ୍ବାଦ ପତ୍ର ଆନ୍ଦୋଳନର ଏକ ଆୟୁଦ୍ଧ ହୋଇପଡ଼ିଥିଲା । ସମ୍ବାଦପତ୍ର ଗୁଡ଼ିକ ଥିଲା ଜନମତ ସାବ୍ୟସ୍ତର ମୁକ୍ତମଞ୍ଚ ।

ଆମ ସମ୍ବିଧାନର ୧୯ଧାରା (୧) ଉପଧାରା ସାତଟି ସ୍ୱାଧୀନତାକୁ ମୌଳିକ ଅଧିକାରର ସ୍ୱୀକୃତି ଦେଇଛି । କିନ୍ତୁ ତାହା ଉପରେ ପାଞ୍ଚଟି ସୀମା ରଖିଦେଇଛି । ସମ୍ବାଦପତ୍ରର ସ୍ୱାଧୀନତା ବୋଲି ଗୋଟିଏ କିଛି ଅଧିକାର ସିଧାସଳଖ ଲେଖାଯାଇ ନାହିଁ । ସାତଟି ଭିତରୁ ପ୍ରଥମ ଓ ଶେଷଟିକୁ ମିଶାଇଲେ ସମ୍ବାଦପତ୍ରର ସ୍ୱାଧୀନତା, ଫ୍ରିଡମ୍ ଅଫ୍ ଦ ପ୍ରେସ୍ ମିଳେ । ଧାରା ୧୯(ଏ-କ) ଦେଇଛି ଭାଷଣ ଦେବା ଓ କହିବାର ସ୍ୱାଧୀନତା ଓ ୧୯(୧୬) ବୃତ୍ତି ବେପାର, ବାଣିଜ୍ୟ ବା ବ୍ୟବସାୟର ସ୍ୱାଧୀନତା । ଦୁଇଟି ଯାକ ମିଶିଲେ ଆମେ ସାମ୍ବାଦିକତାର ପେଷା - ଖବର ନେଇ ଛପାଇବା ଓ ପ୍ରକାଶ କରିବାର ଅଧିକାର ପାଇବା । ତାହାହିଁ ଉଚ୍ଚତମ ବିଚାରାଳୟର ରାୟ । ୧୯ ଧାରାର ଉପଧାରା ୬ରେ ରାଷ୍ଟ୍ରର, ଅର୍ଥାତ୍ ସରକାରଙ୍କ ଅଧିକାର କଥା କୁହାଯାଇଛି । ସରକାରଙ୍କ ଯାହା ଅଧିକାର ସାମ୍ବାଦିକତାର ତାହା କର୍ତ୍ତବ୍ୟ, ଅର୍ଥାତ୍ ତାର ଅଧିକାରର ସୀମା । ଧାରା ୧୯ରେ ଉପଧାରା ୨ ଯେଉଁ କଟକଣା ରଖିଛି ତାହା ଯୁକ୍ତି ଯୁକ୍ତ ବା ରିଜନେବ୍‌ଲ ରେଷ୍ଟ୍ରିକ୍‌ସନ୍ ଭଳି ଲାଗୁ ହେବ ନାହିଁ । ବିଂଶ ଶତାବ୍ଦୀର ଶେଷ ଦଶକରେ ବିଶ୍ୱରେ ଶୀତଳ ଯୁଦ୍ଧର ଅବସାନ, ସୋଭିଏତ୍ ଋଷ ଓ ୱାରସ୍ ମେଣ୍ଟର ପତନ ତଥା ଏକ ଧ୍ରୁବୀୟ ବିଶ୍ୱର ଉତ୍‌ଥାନ ଓ ତହିଁରେ ଆମେରିକାର ସର୍ବଶକ୍ତିମାନ ସ୍ଥାନ ଗ୍ରହଣ ଫଳରେ ଯେଉଁ ସୂଚନା ପ୍ରଯୁକ୍ତିର ବୈପ୍ଳବିକ କ୍ରାନ୍ତି ସୃଷ୍ଟି ହେଲା ଠିକ୍ ସେହିଠି ହିଁ ଦୂର ସଂଚାର, ତଥ୍ୟ ଓ ସୂଚନା ଆଦାନପ୍ରଦାନର ପ୍ରେସ୍ ପାଇଁ ନୂଆ କ୍ରାନ୍ତି ସୃଷ୍ଟି ହେଲା ।

ସମ୍ବାଦପତ୍ରର ଦାୟିତ୍ୱବୋଧତା ସଂପର୍କରେ ବିଭିନ୍ନ ମଞ୍ଚରେ ଆଲୋଚନା ହୋଇଥାଏ । ଗୋଟିଏ ଗଣତନ୍ତ୍ରର କାର୍ଯ୍ୟକାରିତା ପାଇଁ ମୁକ୍ତ ଓ ଅବାଧ ସମ୍ବାଦପତ୍ରର ଭୂମିକା କଥା ପୃଥିବୀର ବହୁ ମହାନ୍ ନେତା ମୁକ୍ତ କଣ୍ଠରେ ସ୍ୱୀକାର କରି ଯାଇଛନ୍ତି । ମାତ୍ର ଭାରତ ପରିପ୍ରେକ୍ଷୀରେ ଏହି ସ୍ୱାଧୀନତା ଏପର୍ଯ୍ୟନ୍ତ ଏକ ଆପେକ୍ଷିକ ସ୍ୱାଧୀନତା ହୋଇ ହିଁ ରହିଯାଇଛି । ସମାଜର ପ୍ରତ୍ୟାଶା ହିଁ କର୍ତ୍ତବ୍ୟର ପରିଭାଷା ନିର୍ମାଣ କରିଥାଏ । ସମାଜର ଆଶାକୁ ମହାତ୍ମା ଗାନ୍ଧୀଙ୍କ ଭାଷାକୁ ନିମ୍ନ ମତେ ପ୍ରକାଶ କରାଯାଇ ପାରେ । ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ - 'ଙଭର କ୍ଟଲ ଷ୍ପଷର କ୍ଟଭହରମଷ୍ପଷ୍ପ କ୍ଟଲ ବ ଭରଙ୍ଗଷ୍ପକ୍ଟକ୍ଟବକ୍ଟରକ୍ସ ସଷ୍ପ ଷ୍ପକ୍ଟ ଙ୍କଭୟରକ୍ସଷ୍ପଷ୍ପବଭୟ ଷ୍ପଷର କ୍ଟକ୍ଟକ୍ଟଙ୍କଷବକ୍ସ ଲରରକ୍ଷସଭଶ ବଭୟ ଶସଙ୍ଗର ରଙ୍ଗକ୍ଟକ୍ସରଷ୍ପ-ଷ୍ପସକ୍ଟଭ ଷ୍ପକ୍ଟ ସଷ୍ପ, ବଭକ୍ଟଷ୍ପଷରକ୍ସ ସଷ୍ପ ଷ୍ପକ୍ଟ ବକ୍ସକ୍ଟଙ୍କଷ୍ପର ସଭ କ୍ଟରକ୍ଟକ୍ଟକ୍ଷର ମରକ୍ସଷ୍ପବସଭ ୟରଷ୍ପସକ୍ସବଭକ୍ଷର ଷ୍ପରଭଷ୍ପସଙ୍କରଭଷ୍ପଷ୍ପ, ଷ୍ପଷର ଷ୍ପଷସକ୍ସୟ ସଷ୍ପ ଷ୍ପକ୍ଟ ଲରବକ୍ସକ୍ଷରଷ୍ପଷ୍ପକ୍ଷଙ୍କ ରଙ୍ଗକ୍ଟକ୍ଟଷ୍ପର କ୍ଟକ୍ଟକ୍ଟଙ୍କ-କ୍ଷବକ୍ସ ୟରଲରମଷ୍ପଷ୍ପ.' ଯେଉଁମାନେ ସମ୍ବାଦପତ୍ରକୁ ଏକ ସ୍ୱାଧୀନ ଅନୁଷ୍ଠାନ ଭାବେ ଗ୍ରହଣ କରିନେଇଛନ୍ତି, ସେମାନେ ତା ପିଠି ଥାପୁଡେଇଲା ପରି ଆହୁରି କହିଛନ୍ତି, କୌଣସି ସମ୍ବାଦପତ୍ରର ସ୍ୱାଧୀନତା ସରକାର ଉପରେ ନିର୍ଭର କରେ ନାହିଁ । ଏହା ତାର ପାଠକବର୍ଗର ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରେ । ଆଗେଇ ଚାଲ । ମାତ୍ର ପ୍ରକୃତ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଭାରତର ସମ୍ବାଦପତ୍ର ଗୁଡ଼ିକ ଯେଉଁ କିଛି ସ୍ୱାଧୀନତା ଉପଭୋଗ କରୁଛନ୍ତି ସେଗୁଡ଼ିକ ନିୟନ୍ତ୍ରିତ ସ୍ୱାଧୀନତା । ସମ୍ବାଦପତ୍ର ଆଜି ଜନମତ ଅସ୍ତ୍ର ନୁହେଁ ବରଂ କ୍ଷମତାତନ୍ତ୍ରର ଆଉ ଗୋଟିଏ ଅଙ୍ଗ ହୋଇପଡ଼ିଲାଣି ବୋଲି ଆଶଙ୍କା ହେଉଛି । ସମ୍ବାଦପତ୍ରମାନେ ଗୋଟିଏ ଷ୍ଟାଣ୍ଡାର୍ଡ ନିର୍ଦ୍ଦିଷ୍ଟ କରିସାରିଲେଣି ଯେ, ଭଲ କରନ୍ତୁ ବା ଖରାପ କରନ୍ତୁ, ସେହିମାନେ ହିଁ ସମ୍ବାଦପତ୍ରର ଅଗ୍ରପୂଜ୍ୟ । ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ସମ୍ବାଦପତ୍ରର ସ୍ୱାଧୀନତା ନିଶ୍ଚିତ ଭାବେ ଏକ ବିତର୍କର ପ୍ରସଙ୍ଗ । ତେବେ ଯାହାହେଉନା କାହିଁକି ସମ୍ବାଦପତ୍ର ହିଁ ଗଣତନ୍ତ୍ରର ଭାବମୂର୍ତ୍ତିକୁ ସଠିକ ରାସ୍ତାରେ ପରିଚାଳିତ ହେବାପାଇଁ ମାର୍ଗ ଦେଖାଇଥାଏ ଏହା ଅତ୍ୟୁକ୍ତି ହେବନାହିଁ । ବିଶ୍ୱପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଗଣମାଧ୍ୟମ ପ୍ରତି ସମାଜର ସବୁକ୍ଷେତ୍ରରୁ ସହଯୋଗର ଅକୁଣ୍ଠ ଦାୟିତ୍ୱବୋଧତା ରହୁ ଏହା ହିଁ କାମନା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ପ୍ରତିନିଧିତ୍ୱରୁ ସଶକ୍ତିକରଣ ପର୍ଯ୍ୟନ୍ତ

**ଗୋପାଳ ମହାପାତ୍ର**

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ମହିଳାମାନଙ୍କ ସଂଖ୍ୟା ପାଖାପାଖି ଅଧା କିନ୍ତୁ ରାଜନୀତିରେ ସେମାନଙ୍କ ପ୍ରତିନିଧିତ୍ୱ ସୀମିତ ରହିଛି। ଏହି ଅସନ୍ତୁଳନକୁ ଦୁର କରିବା ପାଇଁ କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂସଦରେ ଆଗତ କରିଥିଲେ। ଏହି ଅଧିନିୟମ ବା ବିଧେୟକ ସଂସଦର ଉଭୟ ସଦନ (ରାଜ୍ୟସଭା ଓ ଲୋକସଭା)ରେ ଗୃହୀତ ହୋଇପାରିନାହିଁ। ଏହା ଏକ ଐତିହାସିକ ପଦକ୍ଷେପ ହୋଇଥା'। ନିଶ୍ଚୟ। ଏହି ଅଧିନିୟମରେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣର ପ୍ରାବଧାନ ରହିଥିଲା । ଏହି ଅଧିନିୟମ ଗୃହୀତ ହୋଇନଥିଲା ମଧ ୨୦୨୩ରେ ସଂସଦରେ ଗୃହୀତ ବିଧେୟକକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା କେବଳ ଆସନ ସଂରକ୍ଷଣ ନୁହେଁ ବରଂ ଗଣତନ୍ତ୍ରକୁ ଅଧିକ ସମାବେଶୀ କରିବା ଦିଗରେ ଏକ ମହତ୍ୱପୁର୍ଣ୍ଣ ପଦକ୍ଷେପ ହୋଇଥାନ୍ତା। ଯଦି ମହିଳାମାନେ ନୀତି ନିର୍ମାଣରେ ଅଧିକ ସଂଖ୍ୟାରେ ସାମିଲ ହେବେ ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଏବଂ ସାମାଜିକ ସୁରକ୍ଷା ଭଳି ପ୍ରସଙ୍ଗରେ ଅଧିକ ସମ୍ବେଦନ ଶୀଳ ଏବଂ ପ୍ରଭାବୀ ନିର୍ଣ୍ଣୟ ନିଆଯାଇ ପାରିବ। ଯଦିଓ ଏହି ଅଧିନିୟମ ସଂସଦର ଉଭୟ ସଦନରେ ଗୃହୀତ ହୋଇନାହିଁ କିନ୍ତୁ ଏହାର କାର୍ଯ୍ୟକାରୀତା ଜନଗଣନା ଏବଂ ପରିସୀମନର ପ୍ରକ୍ରିୟା ସହ ଯୋଡି ହୋଇ ରହିଛି। ଅର୍ଥାତ୍ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପାଇଁ ସମୟ ଲାଗିପାରେ। ଏହି ବିଳମ୍ବ କେଉଁଠି ନା କେଉଁଠି ଏହାର ତତ୍କାଳ ପ୍ରଭାବଶୀଳତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। କେବଳ ଆଇନ ପ୍ରଣୟନ ହୋଇଗଲେ ମହିଳା ମାନଙ୍କ ପ୍ରତିନିଧିତ୍ୱ ଯେ ବଢିଯିବ ତା ନୁହେଁ।

ଆଇନର ପ୍ରଣୟନ ହେଲେ ମଧ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ବାଧା ରହିଛି। ଏବେବି ସମାଜରେ ପିତୃସତ୍ତାତ୍ମକ ବିଚାର ଓ ମାନସିକତା ରହିଛି। ରାଜନୈତିକ ଦଳଙ୍କ ଟିକେଟ ବିତରଣରେ ଅସମାନତା, ନିର୍ବାଚନୀ ଖର୍ଚ୍ଚ ଭଳି ପ୍ରସଙ୍ଗ ମଧ ଏ ଦିଗରେ ବାଧକ ସାଜିପାରେ। ଏଣୁ ରାଜନୈତିକ ଦଳମାନେ ମହିଳା ମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ରାଜନୈତିକ ଦଳମାନଙ୍କ ବାସ୍ତବିକ ପ୍ରତିବଦ୍ଧତା ପାଇଁ ଏକ ପରିକ୍ଷାର ନିଶ୍ଚୟ। ରାଜନୈତିକ ଦଳ ମାନେ କ'ଣ କେବଳ ମହିଳାଙ୍କ ପାଇଁ ଆରକ୍ଷିତ ଆସନରେ ସୀମିତ ରହିଯିବେ ନା ସାଧାରଣ ଆସନରେ ମଧ ମହିଳା ମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବେ ? ଏହା ହିଁ ଆଇନ୍‌ର ସଫଳତାର ଅସଲ ପରୀକ୍ଷା ହେବ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ଗଣତନ୍ତ୍ରକୁ ଅଧିକ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ। କିଁ ଏହାର ସଫଳତା କେବଳ ଆଇନ୍ ପ୍ରଣୟନ ହେଲେ ସମ୍ଭବ ନୁହେଁ ଆଇନ୍‌ର ପ୍ରଭାବୀ କ୍ରିୟାନ୍ୱୟନ ଏବଂ ସାମାଜିକ ମାନସିକତାରେ ପରିବର୍ତ୍ତନ ଉପରେ ନିର୍ଭର କରେ। ଯଦି ଆଇନ୍ ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତେବେ ଏହା ଭାରତୀୟ ରାଜନୀତିରେ ମହିଳା ମାନଙ୍କ ଭୂମିକାକୁ ଶୀର୍ଷରେ ପହଞ୍ଚାଇ ପାରିବ।

ସଂସଦ ଏବଂ ରାଜ୍ୟ ମାନଙ୍କର ବିଧାନସଭା ମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ସିମୀତ ରହିବାକୁ କେବଳ ଅସମାନତା କୁହା ଯାଇ ପାରିବ ନାହିଁ ବରଂ ଏହା ଗଣତନ୍ତ୍ରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେତେବେଳେ ନିର୍ଣ୍ଣୟ ନେଉଥିବା ସଂସ୍ଥା ମାନଙ୍କରେ ମହିଳାଙ୍କ ଭାଗିଦାରୀ କମ୍ ହୋଇଥାଏ ସେତେବେଳେ ଆଇନ୍ ବା ନୀତିରେ ସେମାନଙ୍କ ଆବଶ୍ୟକତା ଏବଂ ଦୃଷ୍ଟିକୋଣର ସମୁଚିତ ପ୍ରତିବିମ୍ବ ଦେଖାଯିବ କିପରି ? ଭାରତରେ ମହିଳାମାନଙ୍କର ରାଜନୀତିରେ ଭାଗିଦାରୀର ଇତିହାସ ରହିଛି। ଅନେକ ସଂଘର୍ଷ ପରେ ଧିରେ ଧିରେ ମହିଳାଙ୍କ ଭାଗିଦାରୀ ବଢ଼ିବାରେ ଲାଗିଛି। ପଞ୍ଚାୟତ ଠାରୁ ନଗରନିଗମ ପର୍ଯ୍ୟନ୍ତ ୩୩ ପ୍ରତିଶତ ଆରକ୍ଷଣ ନିଶ୍ଚିତ ଭାବରେ ମହିଳାଙ୍କ ଭାଗିଦାରୀ ବଢ଼ାଇଛି। ଗ୍ରାମାଞ୍ଚଳରେ ମଧ ମହିଳାଙ୍କ ନେତୃତ୍ୱ ବଢ଼ିଛି ହେଲେ ରାଷ୍ଟ୍ରୀୟ ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ସ୍ଥିତି ବା ମହିଳାଙ୍କ ଭାଗିଦାରୀ ବଢିପାରିନାହିଁ। ସଂସଦରେ ମଧ ମହିଳାଙ୍କ ସଂଖ୍ୟା କମ। ଏଥିରୁ ସ୍ପଷ୍ଟ ଯେ ରାଜନୈତିକ ଦଳମାନେ ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାଁନ୍ତି।

ଏହି ଅସନ୍ତୁଳନ ପଛରେ ଅନେକ କାରଣ ରହିଛି ଯଥା - ସାମାଜିକ ରୁଢ଼ିବାଦୀତା, ଆର୍ଥୀକ ନିର୍ଭରତା, ଶିକ୍ଷା ଏବଂ ସୁବିଧା ସୁଯୋଗର ଅଭାବ ଓ ରାଜନୀତିରେ ଅପରାଧିକରଣ ବୃଦ୍ଧି ସାଙ୍ଗକୁ ଧନବଳ। ଅନେକ କ୍ଷେତ୍ରରେ ନିର୍ବାଚନ ଲଢିବା ପାଇଁ ମହିଳା ମାନଙ୍କୁ ଆବଶ୍ୟକ ସଂସାଧନ ଏବଂ ସମର୍ଥନ ମିଳି ନଥାଏ। ରାଜନୈତିକ ଦଳମାନେ ମଧ ମହିଳା ମାନଙ୍କୁ ୱିନିଙ୍ଗ କ୍ୟାଣ୍ଡିଡ଼େଟ ବା ନିଶ୍ଚିତ ଭାବେ ଜିତିବା ପ୍ରାର୍ଥୀ ବୋଲି ଭାବୁନାହାଁନ୍ତି। ଟିକେଟ ବଣ୍ଟନ କ୍ଷେତ୍ରରେ ମଧ ରାଜନୈତିକ ଦଳମାନେ ମହିଳାଙ୍କ ସହ ଭେଦଭାବ କରୁଛନ୍ତି। ଯାହାବି ହେଉ ଏବେ ୨୦୨୩ର ମହିଳା ଆରକ୍ଷଣ ଆଇନ୍ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହା ମହିଳା ମାନଙ୍କ ମନରେ ଆଶାର ସଞ୍ଚାର କରିଛି। ସଂସଦ ଓ ବିଧାନ ସଭାରେ ମହିଳାଙ୍କ ନେତୃତ୍ୱ ବଢ଼ିଲେ ନୀତି ନିର୍ମାଣରେ ସନ୍ତୁଳନ ଆସିବ। କେବଳ ଆରକ୍ଷଣ ସମାଧାନ ନୁହେଁ। ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶିକ୍ଷା, ଆର୍ଥୀକ ସ୍ୱାଧିନତା ଏବଂ ସାମାଜିକ ବିଚାରଧାରାର ପରିବର୍ତ୍ତନ ଆବଶ୍ୟକ। ସମାଜକୁ ମଧ ମହିଳାଙ୍କ ନେତୃତ୍ୱକୁ ସ୍ୱୀକାର କରିବାର ମାନସିକତା ଆପଣେଇବାକୁ ପଡିବ। ଏକ ସଶକ୍ତ ଗଣତନ୍ତ୍ର ତାକୁ କୁହାଯାଏ ଯେଉଁଠାରେ ସବୁବର୍ଗର ସ୍ୱରକୁ ସମାନ ଭାବରେ ଶୁଣାଯାଏ। ମହିଳାମାନଙ୍କ ଭାଗିଦାରୀ ବଢ଼ିବା କେବଳ ସେମାନଙ୍କ ଅଧିକାର ନୁହେଁ, ଏହା ସମଗ୍ର ବିକାଶ ଏବଂ ଉତ୍ତମ ଶାସନ ବ୍ୟବସ୍ଥା ପାଇଁ ଅନିବାର୍ଯ୍ୟତା।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଜନତା, ଜନଜାଗରଣ ଓ ଗଣମାଧ୍ୟମ

**ଗୋଲଖ ଚନ୍ଦ୍ର ଦାସ**

ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ ।

ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ। ଗତ କିଛି ଦଶନ୍ଧି ମଧ୍ୟରେ ଆମେ ସମୟ ସମୟରେ ଦେଖିଛୁ ଯେ ଦେଶର ଗଣମାଧ୍ୟମ ସାଧାରଣ ଲୋକଙ୍କ ଶକ୍ତି ପାଲଟିଛି। ତାଙ୍କୁ ଶୋଷଣ ଏବଂ ଅନ୍ୟାୟଚକ୍ରରୁ ମୁକ୍ତି ଦେଉଥିବାର ଦେଖିଛୁ । ଯେତେବେଳେ କୌଣସି ସରକାର ସାଧାରଣ ଲୋକଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରିଛନ୍ତି, ସେତେବେଳେ ଗଣମାଧ୍ୟମ ଏହାର ଜନବିରୋଧୀ ନୀତିରୁ ମୁକ୍ତି ପାଇବାରେ ଲୋକଙ୍କୁ ସାହାଯ୍ୟ କରିଛି। ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଗଣମାଧ୍ୟମ କେତେବେଳେ ଜନସାଧାରଣଙ୍କ ସ୍ୱର ପାଲଟିଛି, କେତେବେଳେ ଆଖି ପାଲଟିଛି, ଆଉ କେତେବେଳେ ମସ୍ତିଷ୍କ ପାଲଟିଛି ଏବଂ ସମସ୍ତଙ୍କୁ ସଠିକ୍ ପଥ ଦେଖାଇଛି। ସ୍ୱାଧୀନତାଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ, ଆନ୍ଦୋଳନଠାରୁ ଯୁଦ୍ଧ ସମୟ ପର୍ଯ୍ୟନ୍ତ, ଆଧୁନିକ ଯୁଗରେ ମଧ ଆମେ ଗଣମାଧ୍ୟମର ଏହି ଅବିଶ୍ୱସନୀୟ ଶକ୍ତିକୁ ବାରମ୍ବାର ଦେଖିଛୁ। ଭାରତୀୟ ଗଣମାଧ୍ୟମ ସବୁବେଳେ ସମାଜ ଏବଂ ଦେଶର ପ୍ରତ୍ୟେକ ଛୋଟ ୟୁନିଟର ଉନ୍ନତି ଏବଂ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଯଦି ଆଜି ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର, ତେବେ ଏଥିରେ ଗଣମାଧ୍ୟମର ମଧ ଏକ ବଡ଼ ଭୂମିକା ରହିଛି।

ପୂର୍ବରୁ ଆମେ ଆମର ଭୁଲରୁ ଶିଖୁଥିଲୁ, ଏବେ ଆମେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖି ଆଗକୁ ବଢୁଛୁ। ଯଦି ବିହାରର ଜଣେ ଚାଷୀ ଏକ ସ୍ୱତନ୍ତ୍ର କୌଶଳ ବ୍ୟବହାର କରି ତାଙ୍କର ଫସଲ ଅମଳକୁ ଚାରିଗୁଣ କରନ୍ତି, ତେବେ ଗଣମାଧ୍ୟମ ଦେଶର ପ୍ରତ୍ୟେକ କୋଣରେ ଥିବା ଚାଷୀମାନଙ୍କ ପାଖରେ ଏହି ଖବର ପହଁଚାଏ। ଯଦ୍ୱାରା ଚାଷୀମାନେ ଏଥିରୁ ପ୍ରେରଣା ପାଇପାରିବେ ଏବଂ ନିଜ ସ୍ତରରେ ସମାନ ପରୀକ୍ଷଣ କରିପାରିବେ। ଧୀରେ ଧୀରେ ଜଣେ ବ୍ୟକ୍ତିଙ୍କ ସଫଳତା ସମଗ୍ର ଜାତିର ସଫଳତାରେ ପରିଣତ ହୁଏ।

ଏକବିଂଶ ଶତାବ୍ଦୀର ଆରମ୍ଭରୁ ବିଶ୍ୱ, ସମାଜ ଏବଂ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଗଣମାଧ୍ୟମ ମଧ ଏହି ପରିବର୍ତ୍ତନର ପ୍ରଭାବରୁ ଅସ୍ପୃଶ୍ୟ ରହିନାହିଁ। ଗଣମାଧ୍ୟମର ଭୂମିକା ମଧ ପରିବର୍ତ୍ତନ ହେଉଛି। ଏହି ନୂତନ ଭୂମିକା ତାଙ୍କୁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରୁ ବିଚଳିତ କରୁଛି। ତେଣୁ ଲୋକମାନେ ଏବେ ଗଣମାଧ୍ୟମ ଉପରୁ ବିଶ୍ୱାସ ହରାଉଛନ୍ତି।

ଆଜିରଯୁଗ ସୂଚନା ବିପ୍ଳବର ଯୁଗ ହୋଇଥିବାରୁ ଏହା ଗଣମାଧ୍ୟମର ଶକ୍ତି ଏବଂ ଗତି ଉଭୟକୁ ବୃଦ୍ଧି କରିଛି। ଏବେ ଆମେ ପୂର୍ବ ଅପେକ୍ଷା ବହୁତ ଶୀଘ୍ର ସୂଚନା ପାଇପାରୁଛୁ, ଏବଂ ସେହି ସୂଚନାକୁ ଆହୁରି ଦ୍ରୁତ ଗତିରେ ଜନସାଧାରଣଙ୍କ ନିକଟରେ ପହଁଚାଇପାରୁଛୁ। ପ୍ରଯୁକ୍ତିବିଦ୍ୟା ବିକାଶର ପରିବର୍ତ୍ତନ ଯୋଗୁଁ ଆମକୁ ମିଳିଥିବା ଏହି ନୂତନ ଶକ୍ତିକୁ ଆମେ ଚିହ୍ନି ପାରିଛୁ, କିନ୍ତୁ ଆମେ ଏପର୍ଯ୍ୟନ୍ତ ଏହାକୁ ସଠିକ୍ ଭାବରେ ବ୍ୟବହାର କରିପାରୁନାହୁଁ। ପାରମ୍ପରିକ ଧାରଣା ଅନୁଯାୟୀ ଗଣମାଧ୍ୟମର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୂଚନା, ଶିକ୍ଷା ଏବଂ ମନୋରନ। କିନ୍ତୁ ବର୍ତ୍ତମାନ ସମୟରେ ଅନ୍ୟମାନଙ୍କଠାରୁ ଆଗରେ ରହିବାର ଦୌଡ଼ରେ ଆମେ ଖବରକୁ ମନୋରନର ଏକମାତ୍ର ମାଧ୍ୟମ କରିଚାଲିଛୁ। ଏହା ଯୋଗୁଁ ସବୁଠାରୁ ବଡ଼ କ୍ଷତି ସାଧାରଣ ଲୋକଙ୍କର ହୋଇଛି, ଯାହାଙ୍କ ଉନ୍ନତି ଏବଂ କଲ୍ୟାଣ ଆମର ପ୍ରାଥମିକ ଦାୟିତ୍ୱ। ଆମେ ତାଙ୍କୁ ଏପରି ସୂଚନାର ସମୁଦ୍ରରେ ଛାଡ଼ି ଦେଇଛୁ ଯେଉଁଠାରେ ସେ ଠିକ୍ ଏବଂ ଭୁଲ ଏବଂ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ହରାଇ ବସିଛନ୍ତି। ସେ ବୁଝିପାରୁନାହାଁନ୍ତି ଯେ କେଉଁ ସୂଚନା ତାଙ୍କ ସ୍ୱାର୍ଥରେ ଏବଂ କେଉଁଟି ତାଙ୍କ ବିରୁଦ୍ଧରେ ଯାଇପାରେ। ସ୍ୱାଧୀନ ଭାରତର ଗଣମାଧ୍ୟମ ଅର୍ଥନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ବହୁତ ଅବଦାନ ରଖିଛି। ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଗଣମାଧ୍ୟମକୁ ସୁଦୃଢ଼ କରିବା ପାଇଁ ଆମକୁ ଆମର ମୂଳକୁ ଫେରିବାକୁ ପଡିବ ଏବଂ ଚାଞ୍ଚଲ୍ୟକର ତଥ୍ୟ ଦେବାସହ ସଠିକ୍ ସୂଚନା ଏବଂ ସଠିକ୍ ଶିକ୍ଷା ପ୍ରଦାନ କରିବା ଉପରେ ମଧ ଧ୍ୟାନ ଦେବାକୁ ପଡିବ। ପ୍ରକୃତ ଏବଂ ତଥ୍ୟଭିତ୍ତିକ ସୂଚନାର ବାହକ ହୋଇ, ଗଣମାଧ୍ୟମ ଲୋକମାନଙ୍କୁ ସଠିକ୍ ବିଷୟବସ୍ତୁ ପାଇବାରେ ଏବଂ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ। ଆଜି ପ୍ରତିଯୋଗିତାର ଚକ୍ରରେ ଖବରକୁ ମସଲାଯୁକ୍ତ କରି, ଏହାର ମୂଳ ସଂରଚନା ପରିବର୍ତ୍ତେ, ଏହାକୁ ଏକ ନୂତନ ରୂପରେ ବିକୃତ କରାଯାଉଛି। ଏପରିକି ମନୋରନ ସାମଗ୍ରୀରେ ପରିଣତ କରାଯାଉଛି, ଯାହା ଫଳରେ ସେଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ପ୍ରେରଣା ଦେଇପାରୁ ନାହାଁନ୍ତି। ଗଣମାଧ୍ୟମ କେବଳ ଖବର ଭାବରେ ଖବରକୁ ଉପସ୍ଥାପନ କରିବା ଉଚିତ, ଯାହା ଦ୍ୱାରା ଏହା ପାଠକ କିମ୍ବା ଦର୍ଶକଙ୍କୁ ଚିନ୍ତା କରିବାକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରିବ।ଗଣମାଧ୍ୟମ ହେଉଛି ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସେତୁ ଏହା ସତ୍ୟ ଯେ ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର, କିନ୍ତୁ ଏହାର ଭୂମିକା ଏତିକିରେ ସୀମିତ ନୁହେଁ। ସେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି। ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ ସେ ତାଙ୍କର ମତାମତ, ଆବଶ୍ୟକତା ଏବଂ ସମସ୍ୟା ସରକାରଙ୍କ ନିକଟରେ ପହଁଚାଇପାରିବେ ଏବଂ ଜନ କଲ୍ୟାଣ ନୀତି ପ୍ରଣୟନରେ ସରକାରଙ୍କ ମାର୍ଗଦର୍ଶକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିପାରିବେ। ସେହି ସମୟରେ ସେ ସରକାରଙ୍କ ପ୍ରସ୍ତାବିତ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିପାରିବେ। ଏହା ମଧ ଜରୁରୀ କାରଣ ଅନେକ ସମୟରେ ସରକାର ଯୋଜନା ଆରମ୍ଭ କରନ୍ତି, କିନ୍ତୁ ସେଗୁଡ଼ିକ ବିଷୟରେ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଁଚି ପାରେ ନାହିଁ ଏବଂ ଅଧିକାଂଶ ଲୋକ ଏହାର ଲାଭ ଉଠାଇବାରୁ ବଞ୍ଚିତ ହୁଅଁ । ଗଣମାଧ୍ୟମ ସିଧାସଳଖ ଜନସାଧାରଣଙ୍କ ସହିତ ଜଡିତ ହୋଇଥିବାରୁ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମୁଦାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଗଣମାଧ୍ୟମରୁ ମିଳୁଥିବା ପରାମର୍ଶ ସରକାରଙ୍କୁ ଅଧିକ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ ।ଆଜି ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମର ପରିସରକୁ ଏତେ ବିସ୍ତାର କରିଛି ଯେ ଯେକୌଣସି ସୂଚନା କିମ୍ବା ଖବର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଖରେ ଗଣମାଧ୍ୟମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ପହଞ୍ଚିପାରୁଛି। ଏହି ସୁବିଧାକୁ ଏକ ଶକ୍ତିଶାଳୀ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟବହାର କରାଯାଇପାରିବ। ସାମାଜିକ ଗଣମାଧ୍ୟମ ସହିତ ମିଳିତ ଭାବରେ ଗଣମାଧ୍ୟମ ଏହି ଦିଗରେ ବୈପ୍ଳବୀକ ପରିବର୍ତ୍ତନ ଆଣିପାରିବ। ଆମକୁ କେବଳ ନିଶ୍ଚିତ କରିବାକୁ ପଡିବ ଯେ ଏପରି ସୂଚନା କେବଳ ସଠିକ୍ ଏବଂ ନିର୍ଭରଯୋଗ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରସାରିତ ହେବ।

ଏଫ୍-୩୫, ଏନ୍ ଏ ସି ଫ୍ଲାଟ, ୟୁନିଟ-୩, ଖାରବେଳନଗର, ଭୁବନେଶ୍ୱର
ମୋ-୯୮୬୧୦୬୯୫୫୩



# ୟୁଜରନେମ୍ ପ୍ରସଙ୍ଗରେ ଉତ୍ତର ରଖିଲା ହ୍ୱାଟସ୍‌ଆପ୍

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**ୟୁଜରନେମ୍ ମାମଲାରେ କେନ୍ଦ୍ର ସରକାରଙ୍କ ନିକଟରେ ହ୍ୱାଟସ୍‌ଆପ୍ ଉତ୍ତର ରଖିଛି । ସେହି ଉତ୍ତରକୁ ସରକାର ଅନୁଧ୍ୟାନ କରୁଛନ୍ତି । ଅନ୍ୟ କାହାକୁ ମୋବାଇଲ୍ ନମ୍ବର ନ ଦେଇ 'ୟୁଜରନେମ୍' ମାଧ୍ୟମରେ ହ୍ୱାଟସ୍‌ଆପରେ ବାର୍ତ୍ତାଳାପ କରିବା ପାଇଁ କମ୍ପାନି ନୂଆ ସୁବିଧା ଘୋଷଣା କରିଥିଲା । କିନ୍ତୁ ତାହା ଜରିଆରେ ପରିଚୟ ଲୁଚାଇ ସାଇବର ଅପରାଧୀମାନେ ଲୋକମାନଙ୍କୁ ଠକିବା ଆଶଙ୍କା ଥିବାରୁ ସରକାର ଏହି ସେବା ଉପରେ ରୋକ ଲଗାଇଥିଲେ ଓ କମ୍ପାନିକୁ ଜବାବ ମାଗିଥିଲେ । ଉତ୍ତରରେ ସନ୍ତୁଷ୍ଟ ନ ହେବା ପର୍ଯ୍ୟନ୍ତ ଭାରତରେ ଏହି ସେବା ଆରମ୍ଭ ନ କରିବାକୁ ସରକାର କମ୍ପାନିକୁ ସ୍ପଷ୍ଟ ଭାବେ କହିଥିଲେ । ଏହି ସେବା ଘୋଷଣା ହେବାର ଦୁଇ ଦିନ ଭିତରେ ତାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ସୋସିଆଲ ମିଡିଆରେ ବିଭିନ୍ନ ବର୍ଗର ଲୋକମାନେ ତାହାର ଅପବ୍ୟବହାର ହେବା ଆଶଙ୍କା କରିଥିଲେ । ତେଣୁ ସରକାର ତୁରନ୍ତ କମ୍ପାନିକୁ ନୋଟିସ୍ ଜାରି କରି ଜବାବ ଦାଖଲ କରିବାକୁ କହିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ପାନି ସ୍ପଷ୍ଟ କରିଥିଲା ଯେ ଆଲୋଚନା ଶେଷ ନ ହେବା ପର୍ଯ୍ୟନ୍ତ କମ୍ପାନି ଏହି ସେବାକୁ ଭାରତରେ ଆରମ୍ଭ କରିବ ନାହିଁ । ତେବେ ଜବାବ ଦାଖଲ କରିବାକୁ ଏହା ସରକାରଙ୍କଠାରୁ ଅଧିକ ସମୟ ମାଗିଥିଲା । ଗତକାଲି ରାତିରେ କମ୍ପାନି ଏହାର ଜବାବ ଦାଖଲ କରିଥିବା ଜଣାପଡ଼ିଛି । ହ୍ୱାଟସ୍‌ଆପ୍ ହେଉଛି ମାର୍କ




ଜୁକରବର୍ଗଙ୍କ ମେଟା ଅଧୀନରେ ପରିଚାଳିତ ହେଉଥିବା ମେସେଜିଂ ପ୍ଲାଟଫର୍ମ ଯାହାର ଭାରତରେ ୫୦ କୋଟିରୁ ଅଧିକ ବ୍ୟବହାରକାରୀ ଅଛନ୍ତି । ୟୁଜରନେମକୁ ନେଇ ସୂଚନା ପ୍ରଯୁକ୍ତି ଆଇନ ଅଧୀନରେ କାହିଁକି କମ୍ପାନି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ତାହା ଜଣାଇବାକୁ ହ୍ୱାଟସ୍‌ଆପକୁ ସରକାର କହିଥିଲେ । ଏହାପରେ ମେଟାର ଅଧିକାରୀମାନଙ୍କ ଏକ ଦଳ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟରେ ପହଞ୍ଚି ଆଲୋଚନା କରିଥିଲେ । ତେବେ ହ୍ୱାଟସ୍‌ଆପର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ ୟୁଜରନେମ୍ ହେଉଛି ଏକ ଇଚ୍ଛାଧୀନ ସେବା । ଏହାକୁ ବାଧ୍ୟତାମୂଳକ କରାଯାଇନାହିଁ । ଭାରତରେ ଏହି ସେବା ଆରମ୍ଭ ମଧ୍ୟ ହୋଇନାହିଁ । ପରିଚୟ ଲୁଚାଇ ସାଇବର ଠକମାନେ ଏହି ସେବାର ଅପବ୍ୟବହାର କରିପାରନ୍ତି ବୋଲି ହେଉଥିବା ଅଭିଯୋଗ ସମ୍ପର୍କରେ ସେ କହିଥିଲେ ଯେ ସେଭଳି ଘଟଣାକୁ ରୋକିବା ଲାଗି କମ୍ପାନିର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ରହିଛି । ହ୍ୱାଟସ୍‌ଆପ୍ ବ୍ୟବହାର କରିବା ପାଇଁ ମୋବାଇଲ୍ ନମ୍ବରର ଆବଶ୍ୟକତା ସବୁବେଳେ ରହିବ । ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ନାମରେ ଯେକେହି ୟୁଜରନେମ୍ ନେଇପାରିବେ ନାହିଁ ।

## ଚେକ୍ ବାଉନ୍ସ ମାମଲା

# ଅଭିନେତା ରାଜପାଲ ଯାଦବଙ୍କୁ ୩ ମାସ ଜେଲ ଦଣ୍ଡ

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**ବଲିଉଡର ଲୋକପ୍ରିୟ କମେଡି ଅଭିନେତା ରାଜପାଲ ଯାଦବଙ୍କୁ ଦିଲ୍ଲୀ ହାଇକୋର୍ଟରୁ ବଡ଼ ଝଟକା ଲାଗିଛି । ଚେକ୍ ବାଉନ୍ସ ମାମଲାରେ କୋର୍ଟ ତାଙ୍କୁ ୩ ମାସର କାରାଦଣ୍ଡ ଶୁଣାଇଛନ୍ତି । ଶୁକ୍ରବାର ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେବା ସହ ଅଭିନେତାଙ୍କ ଉପରେ ଜରିମାନା ମଧ୍ୟ ଲାଗୁ କରିଛନ୍ତି । ଏହାସହ କୋର୍ଟ ସଜାକୁ ବଜାୟ ରଖି ରାଜପାଲ ଯାଦବଙ୍କ ଆଚରଣକୁ 'ସନ୍ଦେହଜନକ' ବୋଲି କହିଛନ୍ତି ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ତାଙ୍କୁ ପୁଣିଥରେ ଜେଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିମ୍ନ ଅଦାଲତଙ୍କ ରାୟକୁ ରଦ୍ଦ କରିବା ପାଇଁ ରାଜପାଲ ଯାଦବ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଏହାଫଳରେ ଚେକ୍ ବାଉନ୍ସ ମାମଲାରେ ତାଙ୍କ ଦୋଷସିଦ୍ଧ ଓ ୩ ମାସର କାରାଦଣ୍ଡ ପୂର୍ବବତ ବଳବତ୍ତର ରହିବ । ଏହି ମାମଲା ଏକାଧିକ ଚେକ୍ ବାଉନ୍ସ ମାମଲା ସହ ଜଡ଼ିତ । ଏହି ସବୁ ମାମଲାରେ ଟ୍ରାଏଲ୍ କୋର୍ଟ ଅଭିନେତା ରାଜପାଲ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ରାୟକୁ ଚ୍ୟାଲେଞ୍ଜ କରି ସେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ । କିନ୍ତୁ ଶୁକ୍ରବାର ହାଇକୋର୍ଟ ତାଙ୍କ



ଆବେଦନକୁ ଖାରଜ କରିଦେଇଛନ୍ତି । ୨୦୧୮ ମସିହାରେ ଟ୍ରାଏଲ୍ କୋର୍ଟ ରାଜପାଲ ଯାଦବ ଓ ତାଙ୍କ ପତ୍ନୀଙ୍କୁ ଏହି ମାମଲାରେ ୬ ମାସର କାରାଦଣ୍ଡ ଶୁଣାଇଥିଲେ, ପରେ ସେସନ୍ସ କୋର୍ଟ ମଧ୍ୟ ସେହି ଦଣ୍ଡକୁ ବଜାୟ ରଖିଥିଲେ । ପରବର୍ତ୍ତୀ ସମୟରେ ଦିଲ୍ଲୀ ହାଇକୋର୍ଟ ସଜା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଥିଲେ ଏବଂ ବକେୟା ରାଶି ପରିଶୋଧ କରିବା ପାଇଁ ଅନେକ ସୁଯୋଗ ଦେଇଥିଲେ । କିନ୍ତୁ ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ସମ୍ପୂର୍ଣ୍ଣ ଅର୍ଥ ପରିଶୋଧ ହୋଇନଥିବାରୁ ହାଇକୋର୍ଟ ତାଙ୍କୁ ଦିଆଯାଇଥିବା ଅନ୍ତରୀଣ ରିହାତିକୁ ପ୍ରତ୍ୟାହାର କରି ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ରାଜପାଲ ଯାଦବଙ୍କ ବିରୋଧରେ ଥିବା ଏହି ମାମଲା ୨୦୧୦ ମସିହାର । ସେ ନିଜର ପ୍ରଥମ ଚଳଚ୍ଚିତ୍ର 'ଅତା ପତା ଲାପତା' ନିର୍ମାଣ ପାଇଁ ଦିଲ୍ଲୀସ୍ଥିତ ମୁରଲୀ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡଠାରୁ ୫ କୋଟି ଟଙ୍କା ଋଣ ନେଇଥିଲେ । କିନ୍ତୁ ଚଳଚ୍ଚିତ୍ର ବକ୍ସ ଅଫିସରେ ବିଫଳ ହେବା ପରେ ଏହି ବିବାଦର ସୂତ୍ରପାତ ହୋଇଥିଲା । ରାଜପାଲ ଯାଦବଙ୍କ ଦାବି ହେଉଛି, ସେ ନିଜର ୨୮ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିର ଦଲିଲ ଅଦାଲତରେ ଦାଖଲ କରିସାରିଛନ୍ତି । କିନ୍ତୁ ଅଭିଯୋଗକାରୀ ତାଙ୍କୁ ଜେଲକୁ ପଠାଇବାକୁ ଚାହୁଁଛନ୍ତି ।

# ନ୍ୟୁଜିଲାଣ୍ଡରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ମୋଦୀ, ଭବ୍ୟ ସ୍ୱାଗତ କଲେ କ୍ରିଷ୍ଟୋଫର ଲକ୍ସନ

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତିନି ଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଶୁକ୍ରବାର ନ୍ୟୁଜିଲାଣ୍ଡରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି । ଦୁଇ ଦିନିଆ ଗସ୍ତ କାଳରେ ପିଏମ୍ ମୋଦୀ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ସହ ଆର୍ଥିକ, ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିବା ସହ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ । ଏହି ଗସ୍ତ ଭାରତର 'ଆକ୍ଟ ଇଷ୍ଟ ପଲିସି' ଏବଂ ମୁକ୍ତ 'ଭାରତ-ପ୍ରଶାନ୍ତ ମହାସାଗରୀୟ' ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବ । ନ୍ୟୁଜିଲାଣ୍ଡ ପୂର୍ବରୁ ପ୍ରଧାନମନ୍ତ୍ରୀ ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜଙ୍କ ସହ



ରଣନୈତିକ ଆଲୋଚନା କରିଥିଲେ । ସେଠାରେ ଦୁଇ ଦେଶ ମଧ୍ୟରେ ଏକ ଐତିହାସିକ 'ବେସାମରିକ ଆଣବିକ ଶକ୍ତି ଚୁକ୍ତି' ସ୍ୱାକ୍ଷରିତ ହୋଇଛି, ଯାହା ଭାରତକୁ ୟୁରେନିୟମ୍ ଯୋଗାଣ ସହଜ କରିବ । ଏହାବାଦ୍ ସାମୁଦ୍ରିକ ପ୍ରତିରକ୍ଷା ସମ୍ପର୍କକୁ ଜୋରଦାର କରିବାକୁ ସହମତି ପ୍ରକାଶ ପାଇଛି । ଏହା ପୂର୍ବରୁ ମୋଦୀ ଇଣ୍ଡୋନେସିଆ ଗସ୍ତ କରି ସାମୁଦ୍ରିକ ସୁରକ୍ଷା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ୧୪ଟି ଚୁକ୍ତି ସ୍ୱାକ୍ଷର କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ନ୍ୟୁଜିଲାଣ୍ଡ ଯାତ୍ରା ତାଙ୍କର ସଫଳ ତିନି ଦେଶୀୟ ଭ୍ରମଣର ସମାପ୍ତି ଆଣିବ ।

# ମଣିପୁରରେ ୬ ନାଗା ନାଗରିକ ହତ୍ୟା ମାମଲା ଏନଆଇଏ ଦ୍ୱାରା ଦୁଇ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):** ମଣିପୁରର କଙ୍ଗାପୋକପି ଜିଲ୍ଲାରେ ୬ଜଣ ନାଗା ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ), ମଣିପୁର ପୋଲିସ ଓ ସିଆରପିଏଫର ମିଳିତ ଟିମ୍ ଶୁକ୍ରବାର ସକାଳୁ ଏକ ଗୁପ୍ତ ସୂଚନା ଆଧାରରେ ଜିଲ୍ଲାର ଲୈଲୋନ୍ ଭାଇଫେଇ ଗ୍ରାମରେ ଏକ ସ୍ୱତନ୍ତ୍ର ଅପରେସନ ଚଳାଇ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଥିବା ସୂଚନା ରହିଛି । ମହିଳା ଅଭିଯୁକ୍ତଙ୍କ ନାମ ଆୟଙ୍ଗବି ଓ ଆଉ ଜଣେ ପ୍ରଦୀପ ବୋଲି ଚିହ୍ନଟ କରାଯାଇଛି । ଗତ ମେ' ୧୩ ତାରିଖରେ ହୋଇଥିବା ହତ୍ୟାକାଣ୍ଡରେ ଏହି ଦୁହିଁଙ୍କ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି । ତେବେ ଏହି ହତ୍ୟାକାଣ୍ଡକୁ ନେଇ ସମ୍ପୂର୍ଣ୍ଣ ରାଜ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ନାଗା ଓ ମୈତେଇ ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାଙ୍ଗପୋକପି ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକୁ ଅବରୋଧ କରାଯାଇଥିଲା । ଏହି ଆର୍ଥିକ ଅବରୋଧ କାରଣରୁ ଜିଲ୍ଲାରେ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେବା ସହ କଳାବଜାରୀ ଓ ମହଙ୍ଗାମାଡ଼ ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ବର୍ତ୍ତମାନ ଏହି ଦୁଇ ଜଣଙ୍କ ଗିରଫଦାରୀ ପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ ଏନଆଇଏ ଘଟଣାର ଅଧିକ ଖୋଳତାଳ କରୁଛି ।

# ଖେମିନିଙ୍କ ଅନ୍ତିମ ସଂସ୍କାର ପରେ ଇରାନରେ ଶୁଣାଗଲା ବିସ୍ଫୋରଣ ଶବ୍ଦ

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମେନିଙ୍କ ଅନ୍ତିମ ସଂସ୍କାରର କିଛି ଘଣ୍ଟା ପରେ ଇରାନରେ ଗୁରୁବାର ପୁଣି ଥରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ଗୁରୁବାର ବିଳମ୍ବିତ ରାତିରେ ଇରାନର ପରମାଣୁ ପ୍ଲାଣ୍ଟ ଥିବା ବୁଶେହର ଓ ନିକଟସ୍ଥ ଚୋଘଡାକ ସହର ଆଖପାଖରେ ଏକାଧିକ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା । ଦାକ୍ଷିଣାତ୍ୟ ସହର କୋନାରାକରେ ମଧ୍ୟ ତିନିଟି ବିସ୍ଫୋରଣ ହୋଇଥିଲା ବୋଲି ମେହର ନ୍ୟୁଜ୍ ଏଜେନ୍ସି ସୂଚନା ଦେଇଛି । ତେବେ ଏହି ସଦ୍ୟ ଆକ୍ରମଣକୁ ଆମେରିକା ଖଣ୍ଡନ କରିଛି । ବିସ୍ଫୋରଣ ପରେ ପରେ ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଗତ କିଛି ଘଣ୍ଟା ହେଲା ଇରାନ ଉପରେ ସେ ଆକ୍ରମଣ କରିନଥିବା କହିଛି । ଜୁନରେ ଆମେରିକା-ଇରାନ ଯୁଦ୍ଧବିରତି ପାଇଁ ଚୁକ୍ତି କରିଥିଲେ ମଧ୍ୟ ଗତ ମଙ୍ଗଳବାର ଉଭୟ ପରସ୍ପର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ । ଆମେରିକାର ଇରାନ ପରେ ଆକ୍ରମଣ ପ୍ରତିବାଦରେ ତେହେରାନ୍ କତର, ବାହାରିନ୍, କୁଏତ ପରି ଉପସାଗରୀୟ ଦେଶମାନଙ୍କ ଉପରେ ଜୋରଦାର ଆକ୍ରମଣ କରିଥିଲା । ମେହର ନ୍ୟୁଜ ଏଜେନ୍ସି ବିସ୍ଫୋରଣର କାରଣ, କ୍ଷୟକ୍ଷତି କିମ୍ବା ମୃତାହତ ସମ୍ପର୍କରେ ଅଧିକ ବିବରଣୀ ପ୍ରଦାନ କରିନାହିଁ । ନ୍ୟୁଜ ଏଜେନ୍ସି ବନ୍ଦର ଆବାସରେ ବିସ୍ଫୋରଣ ସମ୍ପର୍କିତ ପୂର୍ବ ରିପୋର୍ଟକୁ ଅସ୍ୱୀକାର କରିଛି । ବୁଶେହରର ରାଜନୈତିକ ଓ ସୁରକ୍ଷା ବ୍ୟାପାର ଡେପୁଟି ଗଭର୍ନର ଏହସାନ ଜାହାନିୟାନ ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏକୁ କହିଛନ୍ତି ଯେ, ସହରରେ ବିସ୍ଫୋରଣ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ହୋଇଥିଲା । ବୁଶେହର୍ ଉପକଣ୍ଠରେ ଥିବା ଏକ ସାମରିକ କାର୍ଯ୍ୟାଳୟ ଉପରେ ପ୍ରୋଜେକ୍ଟାଇଲ ମାଡ଼ ହୋଇଥିବା ଜାହାନିୟାନ କହିଛନ୍ତି ।

## ରାମମନ୍ଦିର ଦାନ ଚୋରି ମାମଲା

# ସୋମବାର ସିବିଆଇ ତଦନ୍ତ ଦାବି ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**ଅଯୋଧ୍ୟା ରାମମନ୍ଦିରରେ ଭକ୍ତମାନଙ୍କ ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀ ଆତ୍ମସାତ୍ ହୋଇଥିବା ଅଭିଯୋଗର ସିବିଆଇ ତଦନ୍ତ ଦାବି କରି ଦାଖଲ ହୋଇଥିବା ଏକାଧିକ ଜନସ୍ୱାର୍ଥ ଆବେଦନର ଶୁଣାଣି ଜୁଲାଇ ୧୩ରେ ସୁପ୍ରିମକୋର୍ଟ କରିବେ । ସୁପ୍ରିମକୋର୍ଟର ୱେବସାଇଟ୍ ଅନୁଯାୟୀ, ସୋମବାର କୋର୍ଟ ଖୋଲିବା ପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ତିନୋଟି ଆବେଦନର ଶୁଣାଣି କରିବେ । ପୂର୍ବରୁ ଆବେଦନକାରୀମାନେ ଜରୁରି ଶୁଣାଣି ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଅଦାଲତ ସେହି ଅନୁରୋଧକୁ ଗ୍ରହଣ ନ କରି ନଥିଲେ । ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଗୋଟିଏ ପିଟିସନରେ ଏହି ଆତ୍ମସାତ ଘଟଣାର ସିବିଆଇ ତଦନ୍ତ ଓ ଟ୍ରଷ୍ଟର ଆର୍ଥିକ ସ୍ଥିତିର କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଅଡିଟ୍ କରିବାକୁ ଦାବି କରାଯାଇଛି । ଓକିଲ ଅଜୟ କୁମାର ରାୟ ଓ ଦୀନେଶ କୁମାର ଯାଦବଙ୍କ ଦ୍ୱାରା ଦାଖଲ ଦ୍ୱିତୀୟ ପିଟିସନରେ ଟ୍ରଷ୍ଟର ବ୍ୟାପାର ଓ ପ୍ରଶାସନ ସହ ଜଡ଼ିତ ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ସିବିଆଇ ନେତୃତ୍ୱାଧୀନ ମଲ୍ଟି ଡିସିପ୍ଲିନାରୀ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି) ଗଠନ କରିବାକୁ ଦାବି କରାଯାଇଛି । ଆର୍ଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା ଦାଖଲ ତୃତୀୟ ଆବେଦନରେ ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତିର



ଫୋରେନସିକ୍ ଅଡିଟ୍ ପାଇଁ ଦାବି କରାଯାଇଛି । ଆବେଦନଗୁଡ଼ିକରେ କୁହାଯାଇଛି, ଉତ୍ତରପ୍ରଦେଶ ସରକାର ଗଠନ କରିଥିବା ଏସ୍‌ଆଇଟି ତଦନ୍ତ ଜାରି ରଖିଥିଲେ ମଧ୍ୟ ଜଟିଳ ଆର୍ଥିକ ମାମଲାର ତଦନ୍ତ ପାଇଁ ଆବଶ୍ୟକ ସୁବିଧା ଓ ଦକ୍ଷତା ତାଙ୍କ ପାଖରେ ନାହିଁ । ଏଥିସହ ଟ୍ରଷ୍ଟର ପ୍ରମୁଖ ପଦାଧିକାରୀଙ୍କ ବିରୋଧରେ ମାମଲା ରୁଜୁ ନ କରି ତଦନ୍ତ ଆରମ୍ଭ କରାଯାଇଥିବାରୁ ଏହାର ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସେହି କାରଣରୁ ସିବିଆଇ ନେତୃତ୍ୱରେ ବହୁ ସଂସ୍ଥାକୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି । ଆବେଦନକାରୀମାନେ ଆହୁରି କହିଛନ୍ତି, ସିସିଟିଭି ଫୁଟେଜ୍, ଡିଭିଆର୍ ରେକର୍ଡ ଓ ଅନ୍ୟ ଇଲେକ୍ଟ୍ରୋନିକ ପ୍ରମାଣ ନଷ୍ଟ କିମ୍ବା ପରିବର୍ତ୍ତନ କରାଯିବାର ଆଶଙ୍କା ରହିଛି । ତେଣୁ ପ୍ରମାଣ ସୁରକ୍ଷିତ ରଖିବା ସହ ଅର୍ଥର ପ୍ରବାହର ସମ୍ପୂର୍ଣ୍ଣ ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରିବା ପାଇଁ ସ୍ୱାଧୀନ ତଦନ୍ତ ଜରୁରି ବୋଲି ସେମାନେ ଦର୍ଶାଇଛନ୍ତି । ଏପଟେ, ଉତ୍ତରପ୍ରଦେଶ ପୁଲିସ ଓ ଏସ୍‌ଆଇଟିର ତଦନ୍ତରେ ଏପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରାଯାଇଛି । ତଦନ୍ତ ବେଳେ ନଗଦ ଅର୍ଥ ସହ କିଛି ବ୍ୟାଙ୍କ ଖାତା ମଧ୍ୟ ଜବତ କରାଯାଇଛି । ଏହି ଘଟଣାକୁ ନେଇ ମନ୍ଦିର ପରିଚାଳନା ଓ ଦାନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଥିବାରୁ ସୁପ୍ରିମକୋର୍ଟର ଆସନ୍ତା ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି ।

# ସେନସେକ୍ସରେ ୮୨୮ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**କର୍ପୋରେଟ୍ ସଂସ୍ଥାଗୁଡ଼ିକ ଏପ୍ରିଲ-ଜୁନ ତ୍ରୈମାସିକରେ ଉଲ୍ଲେଖନୀୟ ବ୍ୟବସାୟ ଫଳାଫଳ ହାସଲ କରିବା ସମ୍ଭାବନା ଥିବାରୁ ନିବେଶକମାନେ ଆଜି ବ୍ୟାଙ୍କ ଓ ସୂଚନା ପ୍ରଯୁକ୍ତି କମ୍ପାନିର ସେୟାର ବିପୁଳ ମାତ୍ରାରେ କିଣିଥିଲେ । ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୮୨୭.୫୭ ପଏଣ୍ଟ ବୃଦ୍ଧି ପାଇ ୭୭,୫୬୯.୩୯




ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୪୪.୧୦ ପଏଣ୍ଟ ବୃଦ୍ଧି ପାଇ ୨୪,୨୦୬.୯୦ ପଏଣ୍ଟରେ ବନ୍ଦ ହୋଇଛି । ଆଇଟି କମ୍ପାନି ଟିସିଏସର ପ୍ରଦର୍ଶନ ଆଶାଠାରୁ ଅଧିକ ରହିବାରୁ ନିବେଶକମାନେ ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍, ଇନ୍ଫୋସିସ୍ ଓ ଟିସିଏସ୍ ସେୟାରରେ ନିବେଶ କରିଥିଲେ । ଆଇଟି ଶିଳ୍ପରେ ସୁଧାର ହୋଇଥିବାର ସଙ୍କେତ ଏଥିରୁ ମିଳିଥିଲା । ସେମାନେ ବ୍ୟାଙ୍କ ସେୟାର ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସେୟାରରେ ମଧ୍ୟ ନିବେଶ କରିଥିଲେ । ସେନ୍ସେକ୍ସର ଅଂଶ ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟେକ୍ ମହିନ୍ଦ୍ରା, ଆକ୍ସିସ୍ ବ୍ୟାଙ୍କ, ଟାଟା ଷ୍ଟିଲ୍ ଓ ଇନ୍ଫୋସିସର ସେୟାର ମୂଲ୍ୟ ବଢ଼ିଥିଲା । ଇଟରନାଲ୍, ଭାରତୀ ଏୟାରଟେଲ୍, ସନ୍ ଫାର୍ମା ଓ ଟ୍ରେଣ୍ଟ ସେୟାର ମୂଲ୍ୟ ହ୍ରାସ ପାଇଥିଲା ।

# ପୁଣି କରୋନା ଆତଙ୍କ !

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**ଦେଶକୁ ପୁଣି ଘାରିଲା କରୋନା ଭୟ । ଆନ୍ଧ୍ରରେ ଜଣେ ବ୍ୟକ୍ତିଙ୍କର କରୋନାରେ ମୃତ୍ୟୁ ହୋଇଥିବା ବେଳେ ୪ ସକ୍ରିୟ ମାମଲା ଚିହ୍ନଟ କରାଯାଇଛି । ଆନ୍ଧ୍ରପ୍ରଦେଶର କଡ଼ପ୍ପାରେ ୪୬ ବର୍ଷୀୟ ବ୍ୟକ୍ତି କରୋନାରେ ପ୍ରାଣ ହରାଇଛନ୍ତି । ତାଙ୍କୁ ଭେଲ୍ଲୋରର ସିଏମ୍ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିଲା ଓ ୪ ଦିନ ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ଫୁସଫୁସ୍ ଖରାପ ହୋଇଯାଇଥିଲା ଏବଂ ସେ ନିମୋନିଆର ଶିକାର ହୋଇଥିଲେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି । ତାଙ୍କୁ କଣ୍ଟେନମେଣ୍ଟ ଜୋନ୍‌ରେ ରଖାଯାଇଥିଲା । ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି । ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ କରାଯାଇଛି ।

କଡ଼ପ୍ପା ଏବଂ ତିରୁପତି ଜିଲ୍ଲାରେ ଆଉ ୪ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି । ମେଡିକାଲ ଏଜୁକେସନ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଆଇସୋଲେସନ ବେଡ୍, ଆଇସିୟୁ ବେଡ୍, ଅକ୍ସିଜେନ, ଭେଣ୍ଟିଲେଟର, ଔଷଧ, ରାପିଡ ଟେଷ୍ଟ କିଟ୍, ଆମ୍ବୁଲାନ୍ସ ଏବଂ ମେଡିକାଲ ଷ୍ଟାଫଙ୍କ ସମ୍ପର୍କରେ ତଥ୍ୟ ମାଗିଛନ୍ତି । ସରକାରୀ ତଥ୍ୟ ଅନୁସାରେ ୨୦୨୨ ଶେଷ ସୁଦ୍ଧା ପ୍ରାୟ ୫ ଦଶମିକ ୩ ଲକ୍ଷ କରୋନାରେ ପ୍ରାଣ ହରାଇଥିଲେ କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆକଳନ ଅନୁସାରେ ଏହି ସଂଖ୍ୟା ଅଧିକ ହେବ । ତେବେ କେହି ଭୟଭୀତ ନହେବା ପାଇଁ ପରାମର୍ଶ ଦିଆଯାଇଛି ।

# 'ମତେ ଚୁପ୍ କରିବାକୁ ହେଲେ ମାରିବାକୁ ପଡ଼ିବ'

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):** ପଶ୍ଚିମବଙ୍ଗର ଶାସକ ଦଳ ବିଜେପି (ଭାରତୀୟ ଜନତା ପାର୍ଟି) ଓ ଟିଏମସି (ତୃଣମୂଳ କଂଗ୍ରେସ) ମଧ୍ୟରେ ଚାଲିଥିବା ରାଜନୈତିକ ବିଦ୍ରୋହ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ନିରବତା ଭାଙ୍ଗିଛନ୍ତି । ଏକ ଭିଡିଓ ଜାରି କରି ବିଜେପି ଉପରେ ବର୍ଷିବା ସହ ଦଳକୁ ଭୟଭୀତ ଓ ଦମନ କରିବା ପାଇଁ ସମସ୍ତ ସୀମା ପାର କରିଥିବା ଅଭିଯୋଗ କରିଛନ୍ତି । ମମତା କହିଛନ୍ତି ମତେ ଚୁପ କରିବାକୁ ହେଲେ ମତେ ମାରିବାକୁ ପଡ଼ିବ, ଅବଶ୍ୟ ବିଜେପି ଏହା କରିବା ପାଇଁ କୌଣସି ଚେଷ୍ଟା ବାକି ରଖିନାହିଁ । ବିଜେପି ପକ୍ଷରୁ ମହୁଆ ମୈତ୍ରା, ଅଭିଷେକ ବାନାର୍ଜୀ ଓ କଲ୍ୟାଣ ବାନାର୍ଜୀଙ୍କ ଭଳି ବରିଷ୍ଠ ଟିଏମସି ନେତାମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ କରାଯାଇଛି, ଏପରିକି ତାଙ୍କ ଘର ଉପରକୁ ମଧ୍ୟ ଆକ୍ରମଣ କରାଯାଇଛି ବୋଲି ମମତା ଅଭିଯୋଗ କରିଛନ୍ତି । ଏହି ସଙ୍କଟ ଜନିତ ପରିସ୍ଥିତି ମଧ୍ୟରେ ମମତା ଆହୁରି କହିଛନ୍ତି ଯେ ପୁଲିସ ହେପାଜତରେ ତାଙ୍କ ଦଳର ନେତାମାନଙ୍କୁ ଅତି ଅମାନୁଷିକ ଓ ଅମାନବୀୟ ବ୍ୟବହାର କରାଯାଉଛି । ଅନେକ



ସହକର୍ମୀଙ୍କୁ ଚଟାଣରେ ଶୁଆଇ ଦିଆଯାଉଛି, ଅଣ୍ଟାରେ ଦଉଡ଼ି ଓ ଗୋଡ଼ରେ ବେଡ଼ି ପକାଇ ଚଲାଯାଉଛି, କାହାକୁ ଲଙ୍ଗଳା କରାଯାଉଛି ତ କାହା ଉପରକୁ ଅତି ଅପବିତ୍ର ଜିନିଷ ଫିଙ୍ଗାଯାଉଛି, ଯାହା ବିଷୟରେ କହିବା ମଧ୍ୟ ଲଜ୍ଜାଜନକ । ଏହା ସତ୍ତ୍ୱେ ଟିଏମସି ନିଜର ରାଜନୈତିକ ଲଢ଼େଇ ଜାରି ରଖିବ ଏବଂ କାହାକୁ ଭୟ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏହା ସହ ରାଜ୍ୟର କେତେକ ସରକାରୀ ସ୍କୁଲରେ ପାଇଲଟ୍ ପ୍ରୋଜେକ୍ଟ ଅଧୀନରେ ମଧ୍ୟାହ୍ନ ଭୋଜନରୁ ଅଣ୍ଡା ହଟାଇ ନିରାମିଷ ଖାଦ୍ୟ ଦେବା ପାଇଁ ବିଜେପି ସରକାରଙ୍କ ନିଷ୍ପତ୍ତିକୁ ସେ ତୀବ୍ର ସମାଲୋଚନା କରିଛନ୍ତି । ମମତା କହିଛନ୍ତି ଯେ ଗରିବ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ମିଳୁନାହିଁ, କିନ୍ତୁ ସରକାର କେବଳ ରାଜନୈତିକ ପ୍ରତିଶୋଧ ନେବାରେ ବ୍ୟସ୍ତ ଅଛନ୍ତି, ଯାହା ବେଙ୍ଗଲର ସଂସ୍କୃତି କେବେ ନଥିଲା । ସେ ନିଜର ୧୫ ବର୍ଷର ଶାସନ କାଳରେ କେବେ ପୁଲିସ ଦ୍ୱାରା ଏଭଳି କାର୍ଯ୍ୟ କରାଇନାହାନ୍ତି ବୋଲି କହିବା ସହ ଏହି ଯୋଜନାରେ ସାମିଲ ଥିବା ରୋଷେୟା ଓ ସହଯୋଗୀମାନେ ମଧ୍ୟ ବର୍ତ୍ତମାନ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପ୍ରକାଶ କରିଛନ୍ତି ।

# ଇରାନ ଟ୍ରମ୍ପଙ୍କୁ ମାରିବାକୁ ଯୋଜନା କରୁଥିବା ଆମେରିକାକୁ ଗୁଇନ୍ଦା ତଥ୍ୟ ପ୍ରଦାନ କଲା ଇସ୍ରାଏଲ

**ନୂଆଦିଲ୍ଲୀ,୧୦।୭(ଏଜେନ୍ସି):**ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଇସ୍ରାଏଲ ଗୁଇନ୍ଦା ତଥ୍ୟ ବିବାଦକୁ ଅଧିକ ବୃଦ୍ଧି କରିବାକୁ ଇନ୍ଧନ ଯୋଗାଇଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ଶୁକ୍ରବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ପୁଣି ଥରେ ଷଡ଼ଯନ୍ତ୍ର କରୁଥିବା ଇସ୍ରାଏଲ ୱାସିଂଟନକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି । ଟ୍ରମ୍ପଙ୍କ ରାଷ୍ଟ୍ରପତି ଭାବେ ପ୍ରଥମ କାର୍ଯ୍ୟକାଳ ସମୟରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର କୁଦ୍ସ ଫୋର୍ସର ପୂର୍ବତନ କମାଣ୍ଡର କାସେମ୍ ସୋଲେମାନିଙ୍କ ହତ୍ୟାକୁ



ନେଇ ମଧ୍ୟ ଇରାନ ଦୀର୍ଘ ଦିନ ହେଲା ଟ୍ରମ୍ପଙ୍କୁ ହତ୍ୟା କରିବାକୁ ପଣ କରିଛି । ଅନ୍ୟପକ୍ଷରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ବେଳେ ମଧ୍ୟ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ତେହେରାନରେ ଦାବି ଉଠିଥିଲା । ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ଚେତାବନୀ ଚଳିତ ସପ୍ତାହରେ ଦିଆଯାଇଥିଲା । ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ ଗତ କିଛି ସପ୍ତାହ ଧରି ଟ୍ରମ୍ପଙ୍କୁ ଟାର୍ଗେଟ କରି ହତ୍ୟା ଷଡ଼ଯନ୍ତ୍ର କରିବାକୁ ସୂଚନା ଦେଉଥିବା ଏକ ସୂତ୍ର ଉପରେ ନଜର ରଖିଥିଲେ । ତଥାପି ଇସ୍ରାଏଲୀ ଚେତାବନୀ ନୂତନ ରହିଛି କାରଣ ଏହା ଏକ ନିର୍ଦ୍ଦିଷ୍ଟ କଥିତ ଷଡ଼ଯନ୍ତ୍ରକୁ ଉଲ୍ଲେଖ କରିଛି । ତେବେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଇସ୍ରାଏଲ ଏହି ଗୁଇନ୍ଦା ରିପୋର୍ଟ ପ୍ରଦାନ କରିଥାଇ ପାରେ ବୋଲି ଅନେକ ଆମେରିକୀୟ ଅଧିକାରୀ କହିଛନ୍ତି । ଆମେରିକା ଇରାନ ଉପରେ ଆକ୍ରମଣକୁ ଅଧିକ ଜୋରଦାର କରିବ କି ନାହିଁ ସେ ଉପରେ ଟ୍ରମ୍ପ ବିଚାର କରୁଥିବାବେଳେ ଇସ୍ରାଏଲ ଏପରି ସୂଚନା ଅଧିକ ଉତ୍ତେଜନା ବୃଦ୍ଧି କରିବାର ସମ୍ଭାବନା ରହିଛି । ବୁଧବାର ଟ୍ରମ୍ପ ତୁର୍କୀର ଆଙ୍କାରାରେ ମଧ୍ୟ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତା ବେଳେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା କହିଥିଲେ । ଅନ୍ୟ ପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ପରେ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମ୍ପର୍କ ଗତ କିଛି ସପ୍ତାହ ହେଲା ତିକ୍ତ ହୋଇଯାଇଛି । ଇସ୍ରାଏଲ ତା'ର ଲକ୍ଷ୍ୟ ହାସଲ କରିବାକୁ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବାକୁ ଚାହୁଁଥିଲାବେଳେ ବିଶ୍ୱ ଅର୍ଥନୀତି ଉପରେ ଚାପ ସୃଷ୍ଟି ହେବା ଆଶଙ୍କାରେ ଟ୍ରମ୍ପ ଯୁଦ୍ଧ ବନ୍ଦ ହେଉ ବୋଲି ଚାହୁଁଥିଲେ । ଆମେରିକା-ଇରାନ ଗତସପ୍ତାହରେ ଯୁଦ୍ଧବିରତି ପାଇଁ ଶାନ୍ତି ଚୁକ୍ତି କରିଥିଲେ । ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଗୁରୁବାର ଟ୍ରମ୍ପ ଓ ନେତାନ୍ୟାହୁ ଫୋନ୍ ଯୋଗେ କଥା ହୋଇଥିଲେ । ଦୁଇ ରାଷ୍ଟ୍ରମୁଖ୍ୟ ଦୁଇ ଦେଶ ମଧ୍ୟରେ ସମନ୍ୱୟ ଜାରି ରଖିବାକୁ ସହମତ ହୋଇଛନ୍ତି । ବିବୃତିରେ ଆହୁରି କୁହାଯାଇଛି ଯେ, ଟ୍ରମ୍ପ ନେତାନ୍ୟାହୁଙ୍କୁ ମଧ୍ୟପ୍ରାଚ୍ୟରେ ସାମ୍ପ୍ରତିକ ଆମେରିକାର କାର୍ଯ୍ୟକଳାପ ବିଷୟରେ ମଧ୍ୟ ସୂଚନା ଦେଇଥିଲେ । ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ପୂର୍ବ ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ରମ୍ପ ଓ ନେତାନ୍ୟାହୁ ବାରମ୍ବାର ଯୋଗାଯୋଗରେ ଥିଲେୟ ଇସ୍ରାଏଲୀ ନେତା ବିଳମ୍ବିତ ରାତିର ଫୋନ ଯୋଗେ ଗୁପ୍ତ ସୂଚନା ଓ ସାମରିକ ଲକ୍ଷ୍ୟ ବିଷୟରେ ଆଲୋଚନା କରୁଥିଲେ । କିନ୍ତୁ ଯୁଦ୍ଧବିରତି ଚୁକ୍ତି ହେବା ପରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ସମ୍ପର୍କ ଖରାପ ହୋଇଥିଲା ।



## ବାୟୋମେଟ୍ରିକ୍ ପ୍ରମାଣୀକରଣ ଆଧାରିତ ୟୁପିଆଇ କାରବାର ୬୦୦ ନିୟୁତ ଟପିଲା

ଭୁବନେଶ୍ୱର, ୧୦।୭ (ନି.ପ୍ର) : ଚଳିତ ବର୍ଷ ଜୁନ୍ ମାସରେ ୟୁପିଆଇ ଅନ୍-ଡିଭାଇସ୍ ବାୟୋମେଟ୍ରିକ ପ୍ରମାଣୀକରଣ ଭିତିକ ପେମେଂଟ୍ ୬୧୧ ନିୟୁତ ଅତିକ୍ରମ କରିଛି ଯାହାର ମୂଲ୍ୟ ହେଉଛି ୨୫,୪୧୬ କୋଟି ଟଙ୍କା। ସାରା ଦେଶରେ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହାର ବ୍ୟବହାର କରାଯାଉଥିବା ଏଥିରୁ ପ୍ରତୀତ ହେଉଛି। ଏହି ବ୍ୟବସ୍ଥାରେ ଗ୍ରାହକମାନେ ନିଜର ସ୍ମାର୍ଟଫୋନ୍‌ର ଫିଙ୍ଗରପ୍ରିଂଟ୍ କିମ୍ବା ଫେସିଆଲ ରେକଗ୍ନିସନ୍ ସୁବିଧା ବ୍ୟବହାର କରି ୟୁପିଆଇ ପେମେଂଟ୍ କରୁଛନ୍ତି।

ୟୁପିଆଇ ବ୍ୟବହାରକାରୀମାନେ ନିଜର ଦୈନନ୍ଦିତ ପେମେଂଟ୍ ପାଇଁ ବାୟୋମେଟ୍ରିକ୍ ଆଧାରିତ ପ୍ରମାଣୀକରଣକୁ ବ୍ୟବହାର କରୁଛନ୍ତି ଯାହା ଏକ ଦ୍ରୁତ, ସରଳ ଓ ଅଧିକ ସୁବିଧାଜନକ ଡିଜିଟାଲ ପେମେଂଟ୍ ଅନୁଭୂତି ପ୍ରଦାନ କରୁଛି। ଏଥିରେ ବ୍ୟକ୍ତିରୁ ବ୍ୟକ୍ତିଙ୍କୁ ଏବଂ ବ୍ୟକ୍ତିରୁ ମର୍ଚ୍ଚାଂଟଙ୍କୁ ପେମେଂଟ୍ କରଯାଇପାରୁଛି, ଯାହା ଫଳରେ ବ୍ୟବହାରକାରୀମାନେ ଶୀଘ୍ର ଓ ଅବିରତ ପେମେଂଟ୍ କରିପାରୁଛନ୍ତି। ୟୁପିଆଇ କାରବାରରେ ରୁପେ କ୍ରେଡିଟ୍ କାର୍ଡ ପାଇଁ ବାୟୋମେଟ୍ରିକ୍ ପ୍ରମାଣୀକରଣ ଉପଲବ୍ଧ ରହିଛି ଯେଉଁଥିରେ ପିନ୍ ଦାଖଲ ନ କରି ୟୁପିଆଇ ଜରିଆରେ କ୍ରେଡିଟ୍ ପେମେଂଟ୍ ହୋଇପାରୁଛି। ତେଣୁ ସଂଚୟ ଖାତା ପେମେଂଟ୍ ଭଳି ଶୀଘ୍ର ଓ ସୁବିଧାରେ ଋଣ କାରବାର ହୋଇପାରୁଛି। ଏନ୍‌ପିସିଆଇର ନିର୍ଦ୍ଦେଶକ-ଗ୍ରୋଥ୍ ସୋହିନି ରାଜୋଲା କହିଛନ୍ତି ଯେ, 'ବାୟୋମେଟ୍ରିକ୍ ପ୍ରମାଣିକରଣର ଗ୍ରହଣୀୟତାରେ ବୃଦ୍ଧିରୁ ଏହା ପ୍ରତିଫଳିତ ହେଉଛି ଯେ ୟୁପିଆଇ ବ୍ୟବହାରକାରୀ ମାନେ ସରଳ ଓ ପ୍ରଭାବଶାଳୀ ପେମେଂଟ୍ ଅନୁଭୂତିକୁ ଅଧିକ ପସନ୍ଦ କରୁଛନ୍ତି। ଜୁନ ମାସରେ ୬୦୦ ନିୟୁତରୁ ଅଧିକ କାରବାର ସହିତ ଏହି ସମାଧାନର ଗ୍ରହଣୀୟତା ୟୁପିଆଇରେ ରୁପେ କ୍ରେଡିଟ୍ କାର୍ଡ ସମେତ ବିଭିନ୍ନ ବ୍ୟବହାରରେ ଦୃଢ଼ ଭାବେ ଗ୍ରହଣୀୟ ହୋଇଛି। ବିଭିନ୍ନ ବ୍ୟାଙ୍କ ଓ ୟୁପିଆଇ ଆପ୍ ସେମାନଙ୍କ ଗ୍ରାହକମାନଙ୍କୁ ବାୟୋମେଟ୍ରିକ୍ ପ୍ରମାଣୀକରଣ ସୁବିଧା ପ୍ରଦାନ କରୁଛି ଏବଂ ଅଧିକରୁ ଅଧିକ ବ୍ୟବହାରକାରୀ ଏହି ସୁରକ୍ଷିତ ଓ ସୁବିଧାଜନକ ଉପାୟକୁ ପେମେଂଟ୍ ପାଇଁ ବ୍ୟବହାର କରୁଥିବାରୁ ଏହାର ଗ୍ରହଣୀୟତା ଆହୁରି ବଢ଼ିବ ବୋଲି ଆମେ ଆଶା କରୁଛୁ। ଡିଭାଇସ୍‌ରେ ଥିବା ଫିଙ୍ଗରପ୍ରିଂଟ୍ କିମ୍ବା ଫେସିଆଲ ରେକଗ୍ନିସନ ଜରିଆର ବାୟୋମେଟ୍ରିକ୍ ପ୍ରମାଣୀକରଣ ଦ୍ୱାରା ୟୁପିଆଇ ପିନ୍ ଉପରେ ନିର୍ଭରଶୀଳତା କମ୍ ହୋଇଛି ଏବଂ ଶୀଘ୍ର କାରବାର ସମ୍ପନ୍ନ ହେବା ସହ ସଫଳତା ହାରର ଉନ୍ନତି ହୋଇଛି। ଅଧିକ ବ୍ୟାଙ୍କ ଓ ୟୁପିଆଇ ଆପ୍ ଏହାକୁ ବ୍ୟବହାର କରୁଥିବାରୁ ଆଗାମୀ ଦିରେ ଭାରତୀୟଙ୍କ ଦୈନନ୍ଦିନ ପେମେଂଟ୍‌ରେ ବାୟୋମେଟ୍ରିକ୍ ପ୍ରମାଣୀକରଣର ଭୂମିକା ବଢ଼ିବାକୁ ଯାଉଛି।

## ତନେଇରା ପକ୍ଷରୁ ହସ୍ତତନ୍ତ ଶାଢ଼ି ଓ ପାରମ୍ପରିକ ପୋଷାକ ଉପରେ ସ୍ୱତନ୍ତ୍ର ସେଲ୍

ଭୁବନେଶ୍ୱର,୧୦।୭ (ନି.ପ୍ର) : ଟାଟା ଉତ୍ପାଦ 'ତନେଇରା' ପକ୍ଷରୁ ସେଲ୍ ଘୋଷଣା କରାଯାଇଛି। ଏହା ଗ୍ରାହକଙ୍କୁ ଅବିଶ୍ୱସନୀୟ ଦରରେ ହସ୍ତତନ୍ତ ଶାଢ଼ି ଓ ପୋଷାକ କିଣିବାର ସୁଯୋଗ ପ୍ରଦାନ କରୁଛି। ୨୦୨୬ ଜୁଲାଇ ୧ରୁ ଆରମ୍ଭ ଏ ସେଲ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଚାଲିବ। ଏହି ସେଲ୍ ମାଧ୍ୟମରେ ଗ୍ରାହକ ତନେଇରା ଷ୍ଟୋର୍ ଓ ଅନ୍‌ଲାଇନ୍‌ରେ ବଛା ବଛା ଶାଢ଼ି ଉପରେ ୪୦ଧ ପର୍ଯ୍ୟନ୍ତ ରିହାତି ଏବଂ କୁର୍ତ୍ତା ଓ କୁର୍ତ୍ତା ସେଟ୍ ଉପରେ ୫୦ଧ ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ସେଲ୍ ଗ୍ରାହକଙ୍କୁ ସମଗ୍ର ଋତୁରେ ବିବାହ, ପାର୍ବଣ ଏବଂ ଅନ୍ୟାନ୍ୟ

ସେଲିବ୍ରେଶନ୍ ପାଇଁ କାଳଜୟୀ ପୋଷାକରେ ନିବେଶ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ଭାରତର ସମୃଦ୍ଧ ବୟନ ଐତିହ୍ୟକୁ ପାଳନ କରିବା ପାଇଁ ପରିଚିତ ତନେଇରା ଦେଶର ବିଭିନ୍ନ ପ୍ରସିଦ୍ଧ ବୟନ କ୍ଲଷ୍ଟରରୁ ସଂଗୃହିତ ହସ୍ତତନ୍ତର ଏକ ବ୍ୟାପକ ସଂଗ୍ରହକୁ ଏକାଠି ଆଣିଛି। ଏହି ସେଲ୍‌ରେ ବ୍ରାଣ୍ଡର ବିଭିନ୍ନ ପ୍ରମୁଖ ଶାଢ଼ି କଲେକ୍ସନ୍‌କୁ ଉପଲବ୍ଧ କରାଯାଇଛି। ଏଗୁଡ଼ିକ ହେଲା କାଞ୍ଜିବରମ୍, ବନାରସୀ, ସାଉଥ୍ ସିଲ୍କ, ଟସର, ଜାମ୍‌ଦାନୀ, ସମ୍ବଲପୁରୀ, ଇକତ୍, ଚନ୍ଦେରୀ, ମାହେଶ୍ୱରୀ, କୋଟା ଦୋରିଆ ଇତ୍ୟାଦି। ପ୍ରତ୍ୟେକଟି ଶାଢ଼ି ଭିନ୍ନ ଭିନ୍ନ ବୟନ କ୍ଲଷ୍ଟରର ଅନନ୍ୟ ପରମ୍ପରାର ପ୍ରତିନିଧିତ୍ୱ କରୁଛି।

ଆଗାମୀ ମାସଗୁଡ଼ିକରେ ବିବାହ, ପାର୍ବଣ ଉତ୍ସବ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଉତ୍ସବ ପାଇଁ ଗ୍ରାହକ ପ୍ରସ୍ତୁତି ଆରମ୍ଭ କରୁଥିବାରୁ ତନେଇରାର ଏହି ସେଲ୍ ଶୁଦ୍ଧ ଓ ପ୍ରାକୃତିକ ଫ୍ୟାବ୍ରିକ୍ସରୁ ପ୍ରସ୍ତୁତ ତଥା ଚିନ୍ତନଶୀଳ ଭାବେ ତିଆରି ହୋଇଥିବା ହସ୍ତତନ୍ତ ଶାଢ଼ି ସହିତ ଅତିସୁନ୍ଦର କୁର୍ତ୍ତା, କୁର୍ତ୍ତା ସେଟ୍, ବ୍ଲାଉଜ୍ ଓ ଅନ୍-ଷ୍ଟିଚ୍‌ଡ ପୋଷାକ ସମ୍ଭାର ମଧ୍ୟରୁ ନିଜ ପସନ୍ଦର ପୋଷାକ ଚୟନ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି। ଚିରନ୍ତନ ତଥା ଉତ୍ତରାଧିକାରୀ-ଯୋଗ୍ୟ ଶାଢ଼ି ଚୟନ ହେଉ କିମ୍ବା ପ୍ରତ୍ୟେକ ଅବସର ପାଇଁ ସମସାମୟିକ ପାରମ୍ପରିକ ପୋଷାକ, ଗ୍ରାହକ ଭାରତର ସମୃଦ୍ଧ ବୟନ ପରମ୍ପରାକୁ ପ୍ରତିଫଳିତ କରୁଥିବା ଷ୍ଟାଇଲକୁ ଆବିଷ୍କାର କରିପାରିବେ। ବିଶ୍ୱସନୀୟତା ଓ ଶୁଦ୍ଧତା ପ୍ରତି ଅଙ୍ଗୀକାରବଦ୍ଧ ତନେଇରା। ପ୍ରତ୍ୟେକ ଶୁଦ୍ଧ ରେସମ ଶାଢ଼ି 'ସିଲ୍କ ମାର୍କ' ଦ୍ୱାରା ପ୍ରମାଣିତ। କେତେକ ସମ୍ଭାରଗୁଡ଼ିକରେ 'ଜରି ପ୍ରମାଣପତ୍ର' ମଧ୍ୟ ରହିଛି, ଯାହା ବ୍ରାଣ୍ଡର ପ୍ରକୃତ ଗୁଣବତ୍ତାର ପ୍ରତିଶ୍ରୁତିକୁ ପାଳନ କରୁଛି। ବିଶ୍ୱସର ସ୍ଥାୟୀ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହୋଇ ତନେଇରା ଦେଶର ବୟନ ପରମ୍ପରାକୁ ପାଳନ ଓ ସାଇତି ରଖିବା ସହିତ ସଚେତନ ଗ୍ରାହକଙ୍କ ପାଇଁ ହସ୍ତତନ୍ତର ଉତ୍କୃଷ୍ଟତାକୁ ସୁଲଭ କରିଆସୁଛି। ଏହି ସେଲ୍ ସମ୍ପର୍କରେ ତନେଇରାର ମୁଖ୍ୟ ବିକ୍ରି ଓ ବିପଣନ ଅଧିକାରୀ ସୋମପ୍ରଭ କୁମାର ସିଂ କହିଛନ୍ତି ଯେ, 'ତନେଇରାରେ ପ୍ରତ୍ୟେକ ଉତ୍ପାଦ ଭାରତର ସମୃଦ୍ଧ ବୟନ ଐତିହ୍ୟରେ ନିହିତ ଓ ବିଶ୍ୱସନୀୟତା ସହିତ ପ୍ରସ୍ତୁତ। ଏହି ସିଜନ୍ ସେଲ୍ ମାଧ୍ୟମରେ ଆମେ ଗ୍ରାହକଙ୍କୁ ଚିନ୍ତନଶୀଳ ଭାବେ ସଂଗୃହିତ ହସ୍ତତନ୍ତ ଶାଢ଼ି ଓ ପୋଷାକର ଏକ ସଂଗ୍ରହକୁ ଦେଖିବା ପାଇଁ ଆମନ୍ତ୍ରଣ କରୁଛୁ, ଯାହା କାରିଗରୀ ଓ ସ୍ଥାୟୀ ଷ୍ଟାଇଲକୁ ପାଳନ କରୁଛି। ଗ୍ରାହକ ତନେଇରାର ମାଷ୍ଟର୍‌କ୍ୟାଣ୍ଟିନ, ଚନ୍ଦ୍ରଶେଖରପୁର ଷ୍ଟୋର ଏବଂ କଟକ ସିଡିଏ ସେକ୍ଟର-୬ ଷ୍ଟୋରରେ ଚମତ୍କାର ସମ୍ଭାରଗୁଡ଼ିକୁ ଦେଖିପାରିବେ। ଗ୍ରାହକ ତନେଇରା ଷ୍ଟୋର ପରିଦର୍ଶନ କରିପାରିବେ କିମ୍ବା www.taneira.com ରେ ଅନ୍‌ଲାଇନ୍‌ରେ କିଣାକିଣି କରି ବିଶେଷ ଅଫର୍‌ଗୁଡ଼ିକର ଆନନ୍ଦ ନେଇପାରିବେ। ତନେଇରା ବିଷୟରେ: ତନେଇରା ହେଉଛି ଟାଟା ଗ୍ରୁପ୍ କମ୍ପାନି ଅଧୀନ ଟାଇଟନ୍ ପକ୍ଷରୁ ମହିଳାଙ୍କ ଏଥନିକ୍ ୱେର୍ ବ୍ରାଣ୍ଡ। ଏହା ଅନନ୍ୟ ଡିଜାଇନ୍ ଶାଢ଼ି, ବ୍ଲାଉଜ୍ ଏବଂ ରେଡି-ଟୁ-ୱେର୍ କୁର୍ତ୍ତା ସେଟ୍ ଉପଲବ୍ଧ କରାଇଥାଏ। ଭାରତର ୧୦୦ରୁ ଉର୍ଦ୍ଧ୍ୱ ବୟନ କ୍ଲଷ୍ଟରରୁ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ଏସବୁ ପ୍ରସ୍ତୁତ। ଦେଶର କୋଣ ଅନୁକୋଣରୁ ସର୍ବଶ୍ରେଷ୍ଠ କାରିଗରୀକୁ ଗୋଟିଏ ଛାତ ତଳେ ଉପଲବ୍ଧ କରାଇଛି ତନେଇରା। ଟାଟାର ଭରସାରୁ ପ୍ରସ୍ତୁତ ତନେଇରା ପ୍ରଗତିଶୀଳ ଭାରତୀୟ ମହିଳାଙ୍କୁ ବହୁବିଧ କାରିଗରୀ ଏବଂ ଅନନ୍ୟ କ୍ରାଫ୍ଟ ଓ ଡିଜାଇନ୍‌ରେ ପ୍ରସ୍ତୁତ ଉତ୍ପାଦ ଯୋଗାଉଛି। ଉତ୍ସବ ହେଉ ଅବା ବିବାହ କିମ୍ବା ସ୍ୱତନ୍ତ୍ର ଅବସର, ତନେଇରା ମହିଳାଙ୍କ ପ୍ରତିଦିନ ଫ୍ୟାଶନ ତଥା ପ୍ରତି ଅବସର ପାଇଁ ଉତ୍ପାଦ ଯୋଗାଉଛି। ସମଗ୍ର ଦେଶରେ ବୁଣାକାର ସମୁଦାୟ ସହିତ କାର୍ଯ୍ୟ କରୁଛି ତନେଇରା। ବୟନ ପ୍ରଯୁକ୍ତିକୁ ଆଧୁନିକ କରିବା ନିମନ୍ତେ ଏହା ମଧ୍ୟ 'ୱେଭରଶାଳା' ନାମରେ ଏକ ଅଭିଯାନ ଆରମ୍ଭ କରିଛି। ଏହାସହିତ ପରବର୍ତ୍ତୀ ପିଢ଼ି ପାଇଁ ହାତବୁଣା ପାରମ୍ପରିକ ପଦ୍ଧତିକୁ ବି ବଞ୍ଚାଇ ରଖିଛି ତନେଇରା। ସ୍ଥାନୀୟ ବୁଣାକାର ନେତୃତ୍ୱାଧିନ ସଂସ୍ଥାଗୁଡିକ ସହଯୋଗିତାରେ ଏହା ବୁଣାକାରମାନଙ୍କ ପାଇଁ ଫ୍ରେମ୍ ଲୁମ୍ ସହିତ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟଶାଳା ସୁବିଧା ଉପଲବ୍ଧ କରାଇଛି। ସମ୍ପ୍ରତି ଦେଶବ୍ୟାପୀ ୨୦ଟି ୱେଭରଶାଳା କାର୍ଯ୍ୟ କରୁଛି। ୨୦୧୭ରେ ଆରମ୍ଭ ହୋଇଥିବା ତନେଇରା ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ଏବଂ ଆରାମଦାୟକ ବ୍ରାଉଜିଂ ଅନୁଭୂତି ପଦାନ କରୁଛି। ଷ୍ଟୋରରେ ଥିବା ଷ୍ଟାଫମାନଙ୍କର ଉତ୍ପାଦ ଉପରେ ବିସ୍ତୃତ ଜ୍ଞାନ ରହିଛି। ୪୧ଟି ସହରରେ ୭୯ ଷ୍ଟୋର ସହିତ ଏକ ମଜଭୁତ ନେଟ୍‌ୱର୍କ ମାଧ୍ୟମରେ ଏହା ମାନଯୁକ୍ତ ସେବା ପ୍ରଦାନ କରୁଛି। ସମସ୍ତ ପ୍ରମୁଖ ମେଟ୍ରୋ ହବ୍‌ଗୁଡ଼ିକରେ ତନେଇରାର ଉପସ୍ଥିତି ରହିଛି। ପ୍ରମୁଖ ଟିୟର-୧ ଏବଂ ଟିୟର-୨ ସହରଗୁଡ଼ିକରେ ଏହା ଉପସ୍ଥିତି ମଜଭୁତ କରୁଛି। ତନେଇରା ମଧ୍ୟ ଅନ୍‌ଲାଇନ୍ www.taneira.com ରେ ଉପଲବ୍ଧ।



## ଏନ୍‌ବିସି ବିଅରିଂସ୍ ନୂତନ ଅଟୋମୋଟିଭ ପାର୍ଟସ୍ ବର୍ଗମାଳା ପ୍ରଚଳନ ସହିତ ଆଫ୍ଟରମାର୍କେଟ ବିଭାଗକୁ ସମ୍ପ୍ରସାରିତ କଲା

ଦିଲ୍ଲୀ, ୧୦।୭ (ନି.ପ୍ର) : ଭାରତର ଅଗ୍ରଣୀ ବିଅରିଂସ୍ ଉତ୍ପାଦନକାରୀ ଏବଂ ଏକ ବିଶ୍ୱସନୀୟ ଯାନବାହନ ସମାଧାନକାରୀ ସହଭାଗୀ ନ୍ୟାସନାଲ ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ ଲିମିଟେଡର ବ୍ରାଣ୍ଡ ଏନବିସି ବିଅରିଂସ୍ ଏକ ବ୍ୟାପ ନୂତନ ବର୍ଗର ଯାନବାହନ ଆଫ୍ଟରମାର୍କେଟ ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି, ଯାହା କମ୍ପାନୀର ଅଭିବୃଦ୍ଧି ଓ ବିବିଧକରଣ ରଣକୌଶଳରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି। ବିଅରିଂସ୍ ଏବଂ ଆନୁଷଙ୍ଗିକ ଉତ୍ପାଦସମୂହ ତଥା ସେବାରେ ମଜଭୁତ ପୃଷ୍ଠଭୂମି ଆଧାରରେ ଏନବିସି ବିଅରିଂସ୍ ସମ୍ପ୍ରତି ଦୁଇ / ତିନି ଚକିଆ ଏବଂ ଯାତ୍ରୀବାହୀ କାରଗୁଡ଼ିକ ନିମନ୍ତେ ୱାଇପର ବ୍ଲେଡସ୍, ବ୍ରେକ ପ୍ୟାଡସ୍, ବେଲ୍ଟସ୍, ଷ୍ଟିଅରିଂ ରଡ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯାନବାହନ ଉପକରଣ ସମେତ ବହୁଧା ଉଚ୍ଚ-ସମ୍ଭାବ୍ୟ ଯାନବାହନ ଆଫ୍ଟରମାର୍କେଟ ବିଭାଗକୁ ପ୍ରବେଶ କରୁଛି। ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ପୂର୍ଣ୍ଣାଙ୍ଗ ଯାନବାହନ ସମାଧାନଗୁଡ଼ିକ ଯୋଗାଇବା ଏବଂ ସେହି ସମୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଯାନବାହନ ଆଫ୍ଟରମାର୍କେଟର ସୁଯୋଗ ନେବା ନିମନ୍ତେ ଏନବିସି ବିଅରିଂସ୍‌ର ପ୍ରତବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅବସରରେ ପ୍ରକାଶ କରି ରୋହିତ ସାବୁ, ପ୍ରେସିଡେଣ୍ଟ ଓ ସିଇଓ କହିଥିଲେ, 'ଭାରତୀୟ ଯାନବାହନ ଆଫ୍ଟରମାର୍କେଟରେ ଯାନବାହନର ବର୍ଦ୍ଧିତ ମାଲିକାନା, ଯାନବାହନଗୁଡ଼ିକର ଦୀର୍ଘ ଜୀବନ ଚକ୍ର ଏବଂ ଗୁଣାତ୍ମକ ଯନ୍ତ୍ରାଂଶଗୁଡ଼ିକ ନିମନ୍ତେ ବର୍ଦ୍ଧିତ ଚାହିଦା ଦ୍ୱାରା ପରିଚାଳିତ ଅପ୍ରତ୍ୟାଶିତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଉଛି। ଦୀର୍ଘ ଦଶନ୍ଧିର ଇଞ୍ଜିନିୟରିଂ ଉତ୍କର୍ଷକୁ ନେଇ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବରେ ଏନବିସି ବିଅରିଂସ୍ ଏହି ସୁଯୋଗର ଫାଇଦା ଉଠାଇବାକୁ ଅନନ୍ୟ ଭାବରେ ନିଜକୁ ଅବସ୍ଥାପିତ କରାଇଛି। ଆମର ସମ୍ପ୍ରସାରିତ ଯାନବାହନ ଯନ୍ତ୍ରାଂଶ ବର୍ଗମାଳାର ଶୁଭାରମ୍ଭ ଆମ ବ୍ୟବସାୟ ବିବିଧକରଣ, ଆମର ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ବିଅରିଂସ୍ ଉର୍ଦ୍ଧରେ ଅଭିବୃଦ୍ଧିର ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ରଣକୌଶଳାତ୍ମକ ପଦକ୍ଷେପ ହୋଇଛି।' ନୂଆକରି ପଚଳନ କରାଯାଇଥିବା ଉତ୍ପାଦ ବର୍ଗମାଳା ଏନବିସି ବ୍ରାଣ୍ଡ ସହିତ ସଂଯୁକ୍ତ ହୋଇଥିବା ଗ୍ରାହକମାନେ ଚାହୁଁଥିବା ମାନଗତ, ପ୍ରଦର୍ଶନ ଏବଂ ନିର୍ଭରଯୋଗ୍ୟ ମାନକ ଦିଗକୁ କଡାକଡି ଭାବରେ ପୂରଣ କରିବାକୁ ତିଆରି କରାଯାଇଛି। ଏହି ଉତ୍ପାଦଗୁଡ଼ିକ ସମଗ୍ର ଭାରତରେ ଆବଣ୍ଟନ ନେଟୱର୍କ ଜରିଆରେ ଉପଲବ୍ଧ କରାଯିବ, ଯଦ୍ୱାରା ଡିଲର, ୱର୍କସପ ଏବଂ ଗ୍ରାହକଙ୍କ ନିମନ୍ତେ ଏହାର ପରିବ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ। ଏହି ସମ୍ପ୍ରସାରଣ ଏକ ପୂର୍ଣ୍ଣାଙ୍ଗ ଗମନା ଗମନ ସମାଧାନ ଯୋଗାଣକାରୀ ହେବା ଏବଂ ଚାନେଲ ସହଭାଗୀ ଓ ଗ୍ରାହକଙ୍କ ନିମନ୍ତେ ମୂଲ୍ୟ ପରିବର୍ଦ୍ଧିତ କରିବା ନିମନ୍ତେ ଏନସିବି ବିଅରିଂସ୍‌ର ଦୀର୍ଘସୂତ୍ରୀ ଲକ୍ଷ୍ୟ ସହିତ ମେଳ ଖାଉଛି। ଏହାର ପ୍ରଚଳନ ସହିତ ଏନବିସି ବିଅରିଂସ୍ ନବସୃଜନ, ଗ୍ରାହକ-କୈନ୍ଦ୍ରିକ ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପ୍ରତି ନିଜର ପ୍ରତିବଦ୍ଧତା ପୁନଃସୁଦୃଢ଼ୀକରଣ କରିବା ସହିତ ଭାରତର ଗତିଶୀଳ ଯାନବାହନ ପରିବ୍ୟବସ୍ଥାରେ ଏହାର ସ୍ଥିତିକୁ ପୁନଃ ସୁଦୃଢ଼ କରୁଛି।

## ରୟାଲ କଲେଜ୍ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜିରେ ସ୍ୱାଗତ ଉତ୍ସବ

ଭୁବନେଶ୍ୱର୧୦।୭ (ନି.ପ୍ର) : ମଂଚେଶ୍ୱର ଶିକ୍ଷାଂଚଳସ୍ଥିତ ଓଡ଼ିଶାର ସଂପୂର୍ଣ୍ଣ ଆବାସିକ +୨ ମହାବିଦ୍ୟାଳୟ ରୟାଲ କଲେଜ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ପରିସରରେ ନବାଗତ ୨୪ତମ ବ୍ୟାଚ୍ ଓ ରୟାଲ ପବ୍ଲିକ୍ ସ୍କୁଲର ୭ମ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।




କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆର.ସି. ଏସ୍.ଟି ବନ୍ଦନା ଗାନ କରାଯାଇଥଲ୍।। ଏହି ଅବସରରେ କଲେଜର୍ ପ୍ରାଚୀର ପତ୍ର "ରିଜନ୍ ଦି ଏଟ୍ରା"ର ସ୍ୱାଗତ ଉତ୍ସବ ସଂଖ୍ୟା ମୁଖ୍ୟ ଅତିଥି ତଥା କଲେଜର ଚେୟାରମ୍ୟାନ ଡ଼. ବିଷ୍ଣୁମୋହନ ମହାନ୍ତି ଉନ୍ମୋଚିତ କରିଥିଲେ ଏବଂ କଠୋର ପରିଶ୍ରମ ଦ୍ୱାରା ନିଜସ୍ୱ ଲକ୍ଷ୍ୟ ସ୍ଥଳରେ ପହଂଚିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ। ବିଜେବି କଲେଜର ପୂର୍ବତନ ଅଧକ୍ଷ ଡ. ଆର.ପି. ରଥ୍, ଓ ପରିବେଶବତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ନିଷ୍ଠାପର ଭାବରେ ଅଧ୍ୟୟନ କରି ଦେଶ ତଥା ସମାଜର ଗୌରବ ବୃଦ୍ଧି ନିମନ୍ତେ ଧୈର୍ଯ୍ୟ ନିଷ୍ଠାବାନ ହେବାନିମନ୍ତେ ପରାମର୍ଶ ଦେଇଥିଲେ।

## ଇନଭେସ୍କୋ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ସମିଟ ଇକ୍ୱିଟିଲଙ୍ଗ-ସର୍ଟ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, ୧୦।୭ (ନି.ପ୍ର) : ସମିଟ୍‌ଏସଆଇଏଫ ବ୍ରାଣ୍ଡ ନାମରେ ସ୍ୱତନ୍ତ୍ର ନିବେଶ ପାଣ୍ଠି (ଏସଆଇଏଫ) ବର୍ଗରେ ପ୍ରବେଶକରିଥିବା ସମ୍ପର୍କରେ ଇନଭେସ୍କୋମ୍ୟୁଚୁଆଲ ଫଣ୍ଡ ପକ୍ଷରୁଘୋଷରାକରାଯାଇଛି। ଏଥି ସହିତକମ୍ପାନିଏହାର ପ୍ରଥମ ଏସଆଇଏଫ ନିବେଶରଣନୀତି ଅନୁସାରେ ସମିଟଇକ୍ୱିଟିଲଣ୍ଡ-ସର୍ଟ ଫଣ୍ଡରଶୁଭାରମ୍ଭ କରିଛି।ଏହାହେଉଛି ଏକ ଓପନ ଏଣ୍ଡେଡଇକ୍ୱିଟି ନିବେଶରଣନୀତି ଯେଉଁଥିରେ ପାଣ୍ଠିକୁ ତାଲିକାଭୁକ୍ତ ଇକ୍ୱିଟି ଓ ଇକ୍ୱିଟି ସମ୍ପର୍କିତ ଉପକରଣରେ ନିବେଶ କରାଯିବ। ସମିଟଇକ୍ୱିଟିଲଣ୍ଡ-ସର୍ଟ ଫଣ୍ଡରେ ଦୀର୍ଘକାଳୀନ ଉପସ୍ଥାପନା ଜରିଆରେ ଦିଗଗତବୃଦ୍ଧି ଓ ଚତୁର ଉପସ୍ଥାପନା ଜରିଆରେ ହ୍ରାସ ସମୟର ସୁଯୋଗ ହାସଲ କରିବାକୁ ଉଦ୍ୟମ କରାଯିବ। ବଜାର ସ୍ଥିତି ସହ ଖାପଖୁଆଇ ଆଗକୁ ବଢ଼ିବାସହ ଆଲଫା ହାସଲ କରିବା ପାଇଁ ଉଦ୍ୟମ କରିବା ନିମରନ୍ତେ ସମିଟ ଏସଆଇ ଏଫର ରହିଥିବା ମୂଳ ଦର୍ଶନକୁ ଏହି ରଣନୀତି ପ୍ରତିଫଳିତ କରୁଛି। ଏହି ନିବେଶ ରଣନୀତିକୁ ଶ୍ରୀହିତେନ ଜୈନ ପରିଚାଳନା କରିବେ ଏବଂ ଏହାକୁ ବିଏସଇ ୫୦୦ ଟିଆରଆଇରେ ବେଂଚ ମାର୍କ କରାଯିବ। ଏହି ଅବସରରେ ଇନଭେସ୍କୋ ଆସେଟ ମ୍ୟାନେଜମେଂଟ (ଇଣ୍ଡିଆ) ପ୍ରାଇଭେଟଲିମିଟେଡରଏମଡି ଓ ସିଇଓଶ୍ରୀସୌରଭ ନାନାବତୀ କହିଛନ୍ତି ଯେ, 'ଭାରତୀୟ ସଂପତ୍ତି ପରିଚାଳନାରେ ଆମେ ଏକ ନିର୍ଣ୍ଣାୟକ ମୁହୁର୍ତ୍ତରେ ଅଛୁ। ଏସଆଇଏଫ ବର୍ଗ ଅଭିଜ୍ଞ ନିବେଶକ ମାନଙ୍କୁ ପୋର୍ଟଫୋଲିଓରେ ନମନୀୟତାର ସେହିସ୍ତର ପ୍ରଦାନ କରୁଛି ଯାହା ପୂର୍ବରୁ ସଂସ୍ଥାଗତ ପୁଞ୍ଜି ପାଇଁ ସଂରକ୍ଷିତ ରହିଥିଲା। ଭାରତର ପରବର୍ତ୍ତୀ ପିଢ଼ିର ସମ୍ପତ୍ତି ଗଠନକାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ନିବେଶଭାବନା ଆଣିବା ପାଇଁ ଆମ ପ୍ରତିବଦ୍ଧତାର ଫଳ ହେଉଛି ସମିଟ୍‌ଏସଆଇଏଫ।'

ଇନଭେସ୍କୋମ୍ୟୁଚୁଆଲ ଫଣ୍ଡର ଫଣ୍ଡ ମ୍ୟାନେଜର ଶ୍ରୀହିତେନ ଜୈନ କହିଛନ୍ତି ଯେ, 'ଆଜିର ପରିବର୍ତ୍ତିତ ବଜାରରେ ଆଲଫା ସୃଷ୍ଟି କରିବା କେବଳ ବଜାରର ଅସ୍ଥିରତାକୁ ଅତିକ୍ରମ କରିବା ଠାରୁ ଢ଼େର ଅଧିକ। ଏଥିପାଇଁ ଉଭୟ ସୁଯୋଗ ଓ ରିସ୍କକୁ ଅତିକ୍ରମ କରିବାକୁ ପଡ଼ିବ। ପାରମ୍ପରିକ କେବଳ-ଲମ୍ୱା ସମୟ ଧରି ରଖାଯାଉଥିବା ପାଣ୍ଠିରେ ଷ୍ଟକ ମୂଲ୍ୟ ବଢ଼ିଲେ ହିଁ ଟଙ୍କା ବଢ଼ିବ। କିନ୍ତୁ ବଜାବରରେ ରିଟର୍ଣ୍ଣ ହାସଲ କରିବା ନିୟମିତ ସ୍ଥାନ ପରିବର୍ତ୍ତନ ଉପରେ ନିର୍ଭର କରୁଛି। ଉଭୟ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ସୁଯୋଗକୁ ତୋଳି ଧରିବା ପାଇଁ ସମିଟ ଇକ୍ୱିଟିଲଙ୍ଗ-ସର୍ଟ ଫଣ୍ଡକୁ ପ୍ରସ୍ତୁତ କରାଯାଇଛି ଯାହା ଅସ୍ଥିର ବଜାର ଓ ଉଦୀୟମାନ ସୁଯୋଗକୁ ହାସଲ କରିବା ସକ୍ଷମ କରିବ।

## ନେକ୍ସସ ଏସପ୍ଲାନେଡ୍‌ରେ ଖୁସିର ଆଠ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର, ୧୦।୭ (ନି.ପ୍ର) : ନେକ୍ସସ ଏସପ୍ଲାନେଡ୍, ସହରର ସବୁଠାରୁ ପସନ୍ଦଯୋଗ୍ୟ ଲାଇଫଷ୍ଟାଇଲ ଗନ୍ତବ୍ୟସ୍ଥଳ ଆସନ୍ତା ୧୨ ଜୁଲାଇରେ ନିଜର ୮ମ ବର୍ଷିକୋତ୍ସବ ପାଳନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ସଫଳତା ସହ ଗ୍ରାହକମାନଙ୍କ ପାଇଁ ବହୁ ପ୍ରତିକ୍ଷିତ ଫ୍ଲାଟ ୫୦% ରିହାତିରେ ଏକ ସ୍ୱତନ୍ତ୍ର ଅଫର ଅଣାଯାଇଛି, ଯାହା ଗ୍ରାହକମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବ। ଏହି ବାର୍ଷିକୋତ୍ସବ ସପ୍ତାହନ୍ତରେ ଗ୍ରହକମାନେ ଆଇକନିକ୍, ଲାଇଫ ଷ୍ଟାଇଲ, ରେଗାଲ, ନାଏକା, ହେଲ୍ଥ ଆଣ୍ଡ ଗ୍ଲୋ, ଆଇଏନସି ୫, ପୁମା, ବିବା, ମାର୍କସ ଆଣ୍ଡ ସ୍ପେନ୍ସର, ହୋମ ସେଣ୍ଟର, ଅରୁଳିଆ, ଆଲେନ ସୋଲି, ଡ଼ବ୍ଲୁ ଭଳି ଅନେକ ପ୍ରମୁଖ ବ୍ରାଣ୍ଡରୁ ଆକର୍ଷଣୀୟ ଅଫରର ଲାଭ ଉଠାଇ କେବଳ ସପିଙ୍ଗ ନୁହେଁ ବରଂ ଅନେକ କିଛି ସଞ୍ଚୟ ମଧ୍ୟ କରିପାରିବେ। ଏହି ମାଇଲଖୁଣ୍ଟିକୁ ସ୍ମରଣୀୟ କରିବା ପାଇଁ, ମଲ ପକ୍ଷରୁ ବିଭିନ୍ନ ଆନନ୍ଦଦାୟକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଯେଉଁଥିରେ ଏକ ସ୍ୱତନ୍ତ୍ର ସେଲଫି ଜୋନ, ମନୋରମ ସାଂସ୍କୃତିକ ପ୍ରଦର୍ଶନ ଏବଂ ସବୁ ବୟସବର୍ଗର ଦର୍ଶକଙ୍କ ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମ ସାମିଲ ରହିଛି। ବାର୍ଷିକୋତ୍ସବର ଏକ ସ୍ୱତନ୍ତ୍ର ଉପହାର ସ୍ୱରୂପ, ମଲକୁ ଆସୁଥିବା ପ୍ରଥମ ୮ଜଣ ଗ୍ରାହକଙ୍କୁ ମାଗଣା ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ନେକ୍ସ ୱାନ ଆପ ବ୍ୟବହାରକାରୀମାନେ ସେମାନଙ୍କ କ୍ରୟ ଉପରେ ଦୁଇଗୁଣା ଅଧିକ ରିୱାର୍ଡ଼ ପଏଣ୍ଟ ପାଇପାରିବେ, ଯାହା ଏହି ଉତ୍ସବକୁ ଆହୁରି ଅଧିକ ଆକର୍ଷଣୀୟ କରିବ। ଏହି ବାର୍ଷିକୋତ୍ସବ କେବଳ ସପିଙ୍ଗ ନୁହେଁ, ବରଂ ଗ୍ରାହକମାନଙ୍କୁ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଗତ ଆଠବର୍ଷ ମଧ୍ୟରେ, ଏହି ମଲ ଏଭଳି ଏକ ପ୍ରିୟ ସ୍ଥାନରେ ପରିଣତ ହୋଇଛି ଯେଉଁଠାରେ ସହରବାସୀ ଏକାଠି ହୋଇ ସପିଙ୍ଗ, ଖାଦ୍ୟପେୟ ଏବଂ ଉତ୍ସବର ଆନନ୍ଦ ନେଇଥାନ୍ତି। ଆସନ୍ତା ୧୨ ଜୁଲାଇରେ ଆୟୋଜିତ ହେବାକୁ ଥିବା ଏହି ବାର୍ଷିକୋତ୍ସବରେ ସାମିଲ ହୋଇ ମନୋରନ, ପୁରସ୍କାର ଏବଂ ସ୍ମରଣୀୟ ମୁହୂର୍ତ୍ତ ଗୁଡ଼ିକର ମଜା ନେବାକୁ ସମସ୍ତ ଗ୍ରାହକଙ୍କୁ ନିମନ୍ତ୍ରଣ କରାଯାଇଛି।

## ଫ୍ଲିପକାର୍ଟର ଫୁଡ୍ ଓ ନ୍ୟୁଟ୍ରିସନ୍ ବର୍ଗରେ ୫୦% ଅଭିବୃଦ୍ଧି

ଭୁବନେଶ୍ୱର, ୧୦।୭ (ନି.ପ୍ର) : ଭାରତର ସ୍ୱଦେଶୀ ଇ-କମର୍ସ ମାର୍କେଟପ୍ଲେସ୍, ଫ୍ଲିପକାର୍ଟର ଫୁଡ୍ ଓ ନ୍ୟୁଟ୍ରିସନ୍ ବର୍ଗରେ ବର୍ଷକୁ ବର୍ଷ ୫୦% ଅଭିବୃଦ୍ଧି ରେକର୍ଡ କରାଯାଇଛି। ଏହି ଅଭିବୃଦ୍ଧିରେ ଜେନ୍-ଜେଡ୍ ଗ୍ରାହକ ଏବଂ ଧୂଳିଆ, ଭାଲ, ଧାରୱାଡ, ଉଜ୍ଜୟିନ, ହୁବଲି, ମିରଗ ଓ ଲାହାରପୁର ଭଳି ଟିୟର-୨ ଓ ତା'ଠାରୁ ଉର୍ଦ୍ଧ୍ୱ ସହରର ଗ୍ରାହକମାନେ ସର୍ବାଧିକ ଅବଦାନ ରଖିଛନ୍ତି। କ୍ୱିକ୍ କମର୍ସ ମଧ ଏହି ବୃଦ୍ଧିର ଏକ ପ୍ରମୁଖ ଆଧାର ହୋଇଥିବାବେଳେ, ଫ୍ଲିପକାର୍ଟ ମିନିଟ୍ସ ସମୁଦାୟ ଚାହିଦାର ୨୫% ଯୋଗଦାନ କରିଛି। ରେସିପି, କଂଟେଟ କ୍ରିଏଟରଙ୍କ ସୁପାରିଶ ଓ ୱେଲନେସ୍ ଟ୍ରେଣ୍ଡ ମାଧ୍ୟମରେ ଯୁବ ଗ୍ରାହକମାନେ ନୂତନ ଖାଦ୍ୟ ଉତ୍ପାଦ ସହ ପରିଚିତ ହେଉଥିବାବେଳେ, ମେଟ୍ରୋ ସହର ବାହାରର ଗ୍ରାହକମାନେ ମଧ୍ୟ ସ୍ୱାସ୍ଥ୍ୟକର ରୋଷେଇ ସାମଗ୍ରୀ ଓ ଆଧୁନିକ ପୋଷକ ଉତ୍ପାଦକୁ ବ୍ୟାପକ ଭାବେ ଗ୍ରହଣ କରୁଛନ୍ତି। ଏହି ପ୍ରବୃତି ଫ୍ଲିପକାର୍ଟ ଫୁଡ୍ ଫେଷ୍ଟ ୨୦୨୬ର ତୃତୀୟ ସଂସ୍କରଣରେ ମଧ ପ୍ରତିଫଳିତ ହୋଇଥିଲା, ଯେଉଁଠାରେ ୫୦ରୁ ଅଧିକ ପ୍ରମୁଖ ବ୍ରାଣ୍ଡ, ୧୦୦୦ରୁ ଅଧିକ କଂଟେଟ କ୍ରିଏଟର ଏବଂ ପ୍ରସିଦ୍ଧ ସେଲିବ୍ରିଟି ସେଫ୍ ଫରାହ ଖାନ, ସେଫ୍ କୁନାଲ କପୁର ଓ ସେଫ୍ ରଣବୀର ବ୍ରାର ଯୋଗଦେଇଥିଲେ। ଏହି ଅବସରରେ ଫ୍ଲିପକାର୍ଟର ଭାଇସ୍ ପ୍ରେସିଡେଂଟ, କନଜ୍ୟୁମେବୁଲ (ଏଫ୍‌ଏମସିଜି ଓ ଜେନେରାଲ୍ ମର୍ଚ୍ଚାଣ୍ଡାଇଜ୍), ନିଶାନ୍ତ ଦଲାଲ କହିଛନ୍ତିଯେ, 'ଭାରତରେ ଖାଦ୍ୟ ଏବେ କେବଳ ଦୈନିକ ଅଭ୍ୟାସରେ ସୀମିତ ନୁହେଁ। ଏହା ସ୍ୱାସ୍ଥ୍ୟ, ବ୍ୟକ୍ତିତ୍ୱ ଓ ନୂତନ ଅନୁଭବର ପ୍ରତୀକ ହୋଇଛି। ଫ୍ଲିପକାର୍ଟ ଏଭଳି ଏକ ପରିବେଶ ଗଢ଼ି ତୋଳୁଛି, ଯେଉଁଠାରେ ସମସ୍ତ ପ୍ରକାରର ବ୍ରାଣ୍ଡ ଉନ୍ନତି କରିପାରିବେ, କ୍ରିଏଟରମାନେ ଗ୍ରାହକଙ୍କୁ ଉତ୍ସାହିତ କରିବେ ଏବଂ ଗ୍ରାହକମାନେ ନିଜ ଜୀବନଶୈଳୀ ସହ ସମନ୍ୱୟ ରଖୁଥିବା ଉତ୍ପାଦକୁ ଆତ୍ମବିଶ୍ୱାସର ସହ ବାଛିପାରିବେ।' ଜେନ୍-ଜେଡ୍ ଗ୍ରାହକମାନଙ୍କ ଚାହିଦାରେ ବର୍ଷକୁ ବର୍ଷ ୬୦% ଅଭିବୃଦ୍ଧି ଦେଖାଯାଇଛି। ପ୍ରୋଟିନ୍ ଓଟ୍ସ, ହାଇ ପ୍ରୋଟିନ୍ ପିନଟ୍ ବଟର, ଗୋର୍ମେ ଚକୋଲେଟ୍ ଓ ପ୍ରୋଟିନ୍ ମ୍ୟୁସ୍କି ଭଳି ଉତ୍ପାଦଗୁଡ଼ିକ ସର୍ବାଧିକ ଚାହିଦାରେ ରହିଛି। କୋରିଆନ୍ ସ୍ୱାଦଯୁକ୍ତ କପ୍ପା ନୁଡୁଲ୍ସ ଓ ଚିପ୍ସ ଭଳି ସ୍ନାକ୍ସ ବେଙ୍ଗାଲୁରୁ ଓ ନୂଆଦିଲ୍ଲୀ ଭଳି ସହରରେ ଦ୍ରୁତ ଲୋକପ୍ରିୟ ହେଉଛି। ପୁରୁଷ ଗ୍ରାହକମାନେ ବାଦାମ ଓ ଶୁଖିଲା ଫଳ, ଚକୋଲେଟ୍ ଏବଂ ଜାମ୍-ସ୍ପ୍ରେଡ୍ ପ୍ରତି ଅଧିକ ଆଗ୍ରହ ଦେଖାଉଥିବାବେଳେ, ମହିଳାମାନେ ଭାଲ୍ୟୁ -ଆଡେଡ୍ ଚା', କଫି ଏବଂ ଖାଦ୍ୟଯୋଗ୍ୟ ବୀଜକୁ ଅଧିକ କ୍ରୟ କରୁଛନ୍ତି। ଫଳରେ ଫଙ୍କସନାଲ୍ ନ୍ୟୁଟ୍ରିସନ, ପ୍ରିମିୟମ୍ ସ୍ନାକିଂ ଓ ଦୈନିକ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଚାହିଦା ବଢୁଛି।

## ଏନ୍‌ବିସି ବିଅରିଂସ୍ ନୂତନ ଅଟୋମୋଟିଭ ପାର୍ଟସ୍ ବର୍ଗମାଳା ପ୍ରଚଳନ ସହିତ ଆଫ୍ଟରମାର୍କେଟ ବିଭାଗ ସମ୍ପ୍ରସାରିତ


ଦିଲ୍ଲୀ, ୧୦।୭ (ନି.ପ୍ର) : ଭାରତର ଅଗ୍ରଣୀ ବିଅରିଂସ୍ ଉତ୍ପାଦନକାରୀ ଏବଂ ଏକ ବିଶ୍ୱସନୀୟ ଯାନବାହନ ସମାଧାନକାରୀ ସହଭାଗୀ ନ୍ୟାସନାଲ ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ ଲିମିଟେଡର ବ୍ରାଣ୍ଡ ଏନବିସି ବିଅରିଂସ୍ ଏକ ବ୍ୟାପ ନୂତନ ବର୍ଗର ଯାନବାହନ ଆଫ୍ଟରମାର୍କେଟ ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି, ଯାହା କମ୍ପାନୀର ଅଭିବୃଦ୍ଧି ଓ ବିବିଧକରଣ ରଣକୌଶଳରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି। ବିଅରିଂସ୍ ଏବଂ ଆନୁଷଙ୍ଗିକ ଉତ୍ପାଦସମୂହ ତଥା ସେବାରେ ମଜଭୁତ ପୃଷ୍ଠଭୂମି ଆଧାରରେ ଏନବିସି ବିଅରିଂସ୍ ସମ୍ପ୍ରତି ଦୁଇ / ତିନି ଚକିଆ ଏବଂ ଯାତ୍ରୀବାହୀ କାରଗୁଡ଼ିକ ନିମନ୍ତେ ୱାଇପର ବ୍ଲେଡସ୍, ବ୍ରେକ ପ୍ୟାଡସ୍, ବେଲ୍ଟସ୍, ଷ୍ଟିଅରିଂ ରଡ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯାନବାହନ ଉପକରଣ ସମେତ ବହୁଧା ଉଚ୍ଚ-ସମ୍ଭାବ୍ୟ ଯାନବାହନ ଆଫ୍ଟରମାର୍କେଟ ବିଭାଗକୁ ପ୍ରବେଶ କରୁଛି। ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ପୂର୍ଣ୍ଣାଙ୍ଗ ଯାନବାହନ ସମାଧାନଗୁଡ଼ିକ ଯୋଗାଇବା ଏବଂ ସେହି ସମୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଯାନବାହନ ଆଫ୍ଟରମାର୍କେଟର ସୁଯୋଗ ନେବା ନିମନ୍ତେ ଏନବିସି ବିଅରିଂସ୍‌ର ପ୍ରତବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅବସରରେ ପ୍ରକାଶ କରି ରୋହିତ ସାବୁ, ପ୍ରେସିଡେଣ୍ଟ ଓ ସିଇଓ କହିଥିଲେ, 'ଭାରତୀୟ ଯାନବାହନ ଆଫ୍ଟରମାର୍କେଟରେ ଯାନବାହନର ବର୍ଦ୍ଧିତ ମାଲିକାନା, ଯାନବାହନଗୁଡ଼ିକର ଦୀର୍ଘ ଜୀବନ ଚକ୍ର ଏବଂ ଗୁଣାତ୍ମକ ଯନ୍ତ୍ରାଂଶଗୁଡ଼ିକ ନିମନ୍ତେ ବର୍ଦ୍ଧିତ ଚାହିଦା ଦ୍ୱାରା ପରିଚାଳିତ ଅପ୍ରତ୍ୟାଶିତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଉଛି। ଦୀର୍ଘ ଦଶନ୍ଧିର ଇଞ୍ଜିନିୟରିଂ ଉତ୍କର୍ଷକୁ ନେଇ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବରେ ଏନବିସି ବିଅରିଂସ୍ ଏହି ସୁଯୋଗର ଫାଇଦା ଉଠାଇବାକୁ ଅନନ୍ୟ ଭାବରେ ନିଜକୁ ଅବସ୍ଥାପିତ କରାଇଛି। ଆମର ସମ୍ପ୍ରସାରିତ ଯାନବାହନ ଯନ୍ତ୍ରାଂଶ ବର୍ଗମାଳାର ଶୁଭାରମ୍ଭ ଆମ ବ୍ୟବସାୟ ବିବିଧକରଣ, ଆମର ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ବିଅରିଂସ୍ ଉର୍ଦ୍ଧରେ ଅଭିବୃଦ୍ଧିର ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ରଣକୌଶଳାତ୍ମକ ପଦକ୍ଷେପ ହୋଇଛି।' ନୂଆକରି ପଚଳନ କରାଯାଇଥିବା ଉତ୍ପାଦ ବର୍ଗମାଳା ଏନବିସି ବ୍ରାଣ୍ଡ ସହିତ ସଂଯୁକ୍ତ ହୋଇଥିବା ଗ୍ରାହକମାନେ ଚାହୁଁଥିବା ମାନଗତ, ପ୍ରଦର୍ଶନ ଏବଂ ନିର୍ଭରଯୋଗ୍ୟ ମାନକ ଦିଗକୁ କଡାକଡି ଭାବରେ ପୂରଣ କରିବାକୁ ତିଆରି କରାଯାଇଛି। ଏହି ଉତ୍ପାଦଗୁଡ଼ିକ ସମଗ୍ର ଭାରତରେ ଆବଣ୍ଟନ ନେଟୱର୍କ ଜରିଆରେ ଉପଲବ୍ଧ କରାଯିବ, ଯଦ୍ୱାରା ଡିଲର, ୱର୍କସପ ଏବଂ ଗ୍ରାହକଙ୍କ ନିମନ୍ତେ ଏହାର ପରିବ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ। ଏହି ସମ୍ପ୍ରସାରଣ ଏକ ପୂର୍ଣ୍ଣାଙ୍ଗ ଗମନା ଗମନ ସମାଧାନ ଯୋଗାଣକାରୀ ହେବା ଏବଂ ଚାନେଲ ସହଭାଗୀ ଓ ଗ୍ରାହକଙ୍କ ନିମନ୍ତେ ମୂଲ୍ୟ ପରିବର୍ଦ୍ଧିତ କରିବା ନିମନ୍ତେ ଏନସିବି ବିଅରିଂସ୍‌ର ଦୀର୍ଘସୂତ୍ରୀ ଲକ୍ଷ୍ୟ ସହିତ ମେଳ ଖାଉଛି। ଏହାର ପ୍ରଚଳନ ସହିତ ଏନବିସି ବିଅରିଂସ୍ ନବସୃଜନ, ଗ୍ରାହକ-କୈନ୍ଦ୍ରିକ ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପ୍ରତି ନିଜର ପ୍ରତିବଦ୍ଧତା ପୁନଃସୁଦୃଢ଼ୀକରଣ କରିବା ସହିତ ଭାରତର ଗତିଶୀଳ ଯାନବାହନ ପରିବ୍ୟବସ୍ଥାରେ ଏହାର ସ୍ଥିତିକୁ ପୁନଃ ସୁଦୃଢ଼ କରୁଛି।


## ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍‌ର ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରେକର୍ଡ ପିଗ୍ ଆଇରନ୍ ଉତ୍ପାଦନ

ଭୁବନେଶ୍ୱର, ୧୧।୭ (ନି.ପ୍ର) : ସେସା ଆଇରନ୍ ଓର, ଇଏସ୍‌ଏଲ୍ ଷ୍ଟିଲ୍ ଏବଂ ୱେଷ୍ଟର୍ଣ୍ଣ କ୍ଲଷ୍ଟର ଲିମିଟେଡ୍ ମାଧ୍ୟମରେ ଲୁହାପଥର ଖଣି ଖନନ, ପ୍ରକ୍ରିୟାକରଣ ଓ ଇସ୍ପାତ ଉତ୍ପାଦନ ପରିଚାଳନା କରୁଥିବା ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍‌ଏଲ) ୨୦୨୬ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ପାଇଁ ମୋଟ ୨୯୧ କେଟି ପିଗ୍ ଆଇରନ୍ ଉତ୍ପାଦନ ରିପୋର୍ଟ କରିଛି ଯାହା ଗୋଟିଏ ବର୍ଷ ପୂର୍ବର ୨୬୯ କେଟିରୁ ୮% ଅଧିକ ଏବଂ କ୍ରମାଗତ ଭାବରେ (ପୂର୍ବ ତ୍ରୈମାସିକ ତୁଳନାରେ) ୫% ଅଧିକ। ଏହା କମ୍ପାନିର ଏପର୍ଯ୍ୟ'ର ସର୍ବୋଚ୍ଚ ତ୍ରୈମାସିକ ପିଗ୍ ଆଇରନ୍ ଉତ୍ପାଦନ ଥିଲା ଓ ଏକ ରେକର୍ଡ ଭାଙ୍ଗିବା ପ୍ରଦର୍ଶନ ଯାହା ସମଗ୍ର ବ୍ୟବସାୟରେ ଉନ୍ନତ କାର୍ଯ୍ୟକ୍ଷମ ପ୍ରଦର୍ଶନକୁ ପ୍ରଦର୍ଶନ କରୁଛି।

କମ୍ପାନିର ଗୋଆ ଖଣିରୁ ଲୁହାପଥର ଉତ୍ପାଦନ ଚଳିତ ତ୍ରୈମାସିକରେ ବାର୍ଷିକ ଆଧାରରେ ୧୬୬% ବୃଦ୍ଧି ପାଇ ୦.୬ ନିୟୁତ ଡିଏମ୍‌ଡି ହୋଇଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୨ ନିୟୁତ ଡିଏମ୍‌ଟି ଥିଲା ଏବଂ ଏହା ପୂର୍ବ ତ୍ରୈମାସିକର ୦.୯ ନିୟୁତ ଡିଏମ୍‌ଟି ତୁଳନାରେ କମ୍ ଥିଲା। ଗୋଆ ପ୍ଲାଂଟରୁ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ଆଧାରରେ ୧୨% ଏବଂ କ୍ରମାଗତ ଭାବରେ ୧୧% ବୃଦ୍ଧି ପାଇ ୨୩୮ କେଟି ହୋଇଛି ଯାହା ଏହାର ଏପର୍ଯ୍ୟ'ର ସର୍ବୋଚ୍ଚ ତ୍ରୈମାସିକ ଉତ୍ପାଦନ ଅଟେ। କମ୍ପାନି ଏହି ଅଭିବୃଦ୍ଧିର ଶ୍ରେୟ ଉଚ୍ଚ ଖଣି କାର୍ଯ୍ୟକଳାପ ଏବଂ ପ୍ରକ୍ରିୟାକରଣ କ୍ଷମତାର ସମ୍ପ୍ରସାରଣକୁ ଦେଇଛି ଯେଉଁଥିରେ ଗୋଆ କାର୍ଯ୍ୟକଳାପ ଉଭୟ ଖଣି ଖନନ ଏବଂ ପିଗ୍ ଆଇରନ୍‌ରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି।

କମ୍ପାନିର ଓଡ଼ିଶା କାର୍ଯ୍ୟକଳାପରୁ ବିକ୍ରୟ ଯୋଗ୍ୟ ଲୁହାପଥର ଉତ୍ପାଦନ ଉଚ୍ଚ କାର୍ଯ୍ୟକ୍ଷମ ଦକ୍ଷତା ଯୋଗୁଁ ବାର୍ଷିକ ଆଧାରରେ ୫୯% ଏବଂ କ୍ରମାଗତ ଭାବରେ ୭୮% ବୃଦ୍ଧି ପାଇ ୧.୨ ନିୟୁତ ଡିଏମ୍‌ଟି ହୋଇଛି। ଚଳିତ ତ୍ରୈମାସିକରେ ଭିଆଇଏସ୍‌ଏଲ୍‌ର ମୋଟ ୨.୬ ନିୟୁତ ଡିଏଟି ବିକ୍ରୟ ଯୋଗ୍ୟ ଲୁହାପଥର ଉତ୍ପାଦନର ପ୍ରାୟ ଅଧା ଓଡ଼ିଶାରୁ ଆସିଛି ଯାହା ବାର୍ଷିକ ଆଧାରରେ ୪% ବୃଦ୍ଧି ପାଇଛି ଏବଂ ଏହା ସ୍ପଷ୍ଟ କରୁଛି ଯେ ଓଡ଼ିଶା କେବଳ କ୍ଷମତାର ବ୍ୟବହାର ନୁହେଁ ବରଂ ଦକ୍ଷତା ଆଧାରିତ ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି।

କର୍ଣ୍ଣାଟକରୁ ଲୁହାପଥର ଉତ୍ପାଦନ ବାର୍ଷିକ ଆଧାରରେ ୪୬% ଏବଂ କ୍ରମାଗତ ଭାବରେ ୨୮% ହ୍ରାସ ପାଇ ୦.୯ ନିୟୁତ ଡିଏମ୍‌ଟି ହୋଇଛି। କମ୍ପାନି କହିଛି ଯେ ପରବର୍ତ୍ତୀ ତ୍ରୈମାସିକଗୁଡ଼ିକରେ ଉଚ୍ଚ ଉତ୍ପାଦନ ପରିମାଣକୁ ସମର୍ଥନ କରିବା ପାଇଁ କରାଯାଇଥିବା ଖଣି ଯୋଜନା ଯୋଗୁଁ ଏହି କମ୍ ଉତ୍ପାଦନ ହୋଇଛି। କର୍ଣ୍ଣାଟକ ସଂଖ୍ୟାରେ ୦.୫ ନିୟୁତ ଡିଏମ୍‌ଡିର ବ୍ୟାଣ୍ଡେଡ୍ ହେମାଟାଇଟ୍ କ୍ୱାର୍ଟଜାଇଟ୍ ସାମଗ୍ରୀ ଅର୍ନ୍ତଭୁକ୍ତ ଅଛି ଯାହା ଏକ ବେନିଫିସିଏସନ୍ ପ୍ଲାଂଟ କାର୍ଯ୍ୟକ୍ଷମ ହେବା ପରେ ପ୍ରକ୍ରିୟାକରଣ କରାଯିବ ବୋଲି ଆଶା କରାଯାଉଛି ଏବଂ କର୍ଣ୍ଣାଟକ ବେନିଫିସିଏସନ୍ ଓ ଖଣି ଯୋଜନା ମାଧ୍ୟମରେ ଭବିଷ୍ୟତର ଅଭିବୃଦ୍ଧି ତାହା ଅକ୍ଷୁର୍ଣ୍ଣ ରଖିଛି।

ସାମଗ୍ରିକ ଭାବେ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇ ୬୦୧ କେଟି ହୋଇଥିବାବେଳେ ବିକ୍ରୟ ଯୋଗ୍ୟ ଇସ୍ପାତ ଉତ୍ପାଦନ ୪% ବୃଦ୍ଧି ପାଇ ୫୮୨ କେଟି ହୋଇଛି ଯାହା ଉଚ୍ଚ ହଟ୍ ମେଟାଲ୍ ଏବଂ ବିକ୍ରୟ ଯୋଗ୍ୟ ଉତ୍ପାଦନ ସହିତ ଇସ୍ପାତ ଉତ୍ପାଦନ କ୍ରମାଗତ ଭାବେ ସମ୍ପ୍ରସାରିତ ହେଉଥିବା ଦର୍ଶାଉଛି। ବିଲେଟ୍ ଉତ୍ପାଦନ ବାର୍ଷିକ ଆଧାରରେ ତିନି ଗୁଣରୁ ଅଧିକ ବୃଦ୍ଧି ପାଇ ୨୦ କେଟି ହୋଇଛି ଏବଂ ପିଗ୍ ଆଇରନ୍ ୮% ବୃଦ୍ଧି ପାଇଛି ଯେଉଁଠାରେ ଟିଏମ୍‌ଟି ବାର୍ ଉତ୍ପାଦନ ୨% ହ୍ରାସ ପାଇଛି, ୱାୟାର ରଡ୍ ଉତ୍ପାଦନ ପ୍ରାୟ ଅପରିବର୍ତ୍ତିତ ରହିଛି ଏବଂ ଡକ୍ଟାଇଲ୍ ଆଇରନ୍ ପାଇପ୍ ଉତ୍ପାଦନ ୨୮% ହ୍ରାସ ପାଇଛି। ବୋକାରୋ କାର୍ଯ୍ୟକଳାପରୁ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ଆଧାରରେ ୨% ହ୍ରାସ ପାଇ ୩୬୩ କେଟି ହୋଇଛି।

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୈମାସିକ ମଧ୍ୟରେ ବେଦା' ଲିମିଟେଡ୍‌ରୁ ଭିଆଇଏସ୍‌ଏଲ୍‌ର ଡିମର୍ଜର କରାଯାଇଥିଲା ଏବଂ କମ୍ପାନି ଐତିହାସିକ ପ୍ରଦର୍ଶନ ସହିତ ତୁଳନା କରିବାକୁ ସକ୍ଷମ କରିବା ପାଇଁ,ଅବଧି ଶେଷରେ ଭିଆଇଏସ୍‌ଏଲ୍‌ର ଅଂଶ ଗଠନ କରୁଥିବା ବ୍ୟବସାୟିକ ଉପାଦାନଗୁଡ଼ିକ ଆଧାରରେ ସମ୍ପୂର୍ଣ୍ଣ ତ୍ରୈମାସିକ ପାଇଁ ଏହାର ଉତ୍ପାଦନ ପ୍ରଦର୍ଶନ ଉପସ୍ଥାପନ କରିଥିଲା। ଗୁରୁତ୍ୱପୂର୍ଣ୍ଣ ଭାବରେ ତାଲିକାଭୁକ୍ତ ହେବା ପରଠାରୁ ଏହା କମ୍ପାନିର ପ୍ରଥମ ତ୍ରୈମାସିକ ଉତ୍ପାଦନ ତଥ୍ୟ ଅଟେ ଯାହା ଏକ ଉତ୍ସାହଜନକ କାର୍ଯ୍ୟକ୍ଷମ ଆରମ୍ଭ ପ୍ରଦାନ କରୁଛି ଓ ପରିଚାଳନାଗତ ଅଭିବୃଦ୍ଧିର ଆଖ୍ୟାନକୁ ଅଧିକ ମଜବୁତ କରୁଛି।



# କୁଚିଣ୍ଡା ମହାବିଦ୍ୟାଳୟ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**କୁଚିଣ୍ଡା,୧୦।୦୭(ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଚିଣ୍ଡା ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଉପ ଜିଲ୍ଲାପାଳ ସର୍ବାନନ ସି ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫରେଷ୍ଟର ଅନୁରାଧା ଖର୍ସେଲ,ଫରେଷ୍ଟ ଗାର୍ଡ ଝରଣା ପ୍ରଧାନ, ପୂରାତନ ଛାତ୍ର ସଂସଦ ସଭାପତି ପ୍ରଫୁଲ୍ଲ ସାହୁ ଯୋଗ ଦେଇ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏଠାରେ ପ୍ରାୟ ଏକ ସହ ଚାରା ରୋପଣ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମରେ କୁଚିଣ୍ଡା ଏନସିସି ର ଅଫିସର ରୋଶନ କୁଲ୍ଲୁ ଓ କ୍ୟାଡଡ,ଏନଏସଏସ ଯୁକ୍ତ ତିନି ଅଫିସର କାହ୍ନୁ ଚରଣ ମୁନ୍ନା, ଯୁକ୍ତ ଦୁଇ ଅଫିସର ଖୁର୍ଶିଦକ୍ଷରା ବେଗମ ଓ ଛାତ୍ରଛାତ୍ରୀ, ରେଡକ୍ରସ ଅଫିସର ଭିକାରୀ ଓରାମ ଓ ଛାତ୍ରଛାତ୍ରୀ, ଇକୋ କ୍ଲବ ଅଫିସର ଦେବଦତ୍ତ ଭୋଇ, ବହୁ ସଂଖ୍ୟାରେ କଲେଜ ଛାତ୍ରଛାତ୍ରୀ ଏବଂ ଅଧାପକ ଅଧାପିକା, କର୍ମଚାରୀ ଉପସ୍ଥିତ ରହିଥିଲେ।

# ମଦ ଦୋକାନକୁ କେନ୍ଦ୍ରକରି ମହିଳାଙ୍କ ବିକ୍ଷୋଭ

**ଜଟଣୀ,୧୦।୭ (ନି.ପ୍ର):** ଜଟଣୀର ଦୁର୍ଭାଗ୍ୟ ଓ ପରିତାପର ବିଷୟ, ପୌରାଞ୍ଚଳରେ ଦୁଇ ଦୁଇଟା ବିଦେଶୀ ଠିପି ବନ୍ଦ ମଦ ଦୋକାନ ଖୋଲା ଯାଇଛି । ଉଭୟ ମଦ ଦୋକାନ ଜଟଣୀର ସମ୍ବେଦନଶୀଳ ଯାଗାରେ ଖୋଲା ଯାଇଛି । ପ୍ରଥମଟି ୪ନଂ ୱାର୍ଡକୁ ମିଳିଛି, ସରକାରଙ୍କ ବିଗତ ବର୍ଷରୁ ସତର୍କ ନିର୍ଦ୍ଦେଶ, ଲିଖିତ ଆଦେଶ ଥିଲା, ସମ୍ବେଦନଶୀଳ ଯାଗା ଠାରୁ ୫୦୦ ମିଟର ଦୁର ନିରୋଳା ଯାଗାରେ ଖୋଲିବା ପାଇଁ । ଜଟଣୀର ଦୁର୍ଭାଗ୍ୟ, ପୌର କର୍ତ୍ତୃପକ୍ଷ, ଗ୍ୟାନି ଗୁଣି ଏବଂ ଜଟଣୀ ବେବସାଇ ସଙ୍ଘ, ମହାସଂଘ ଗଲେ କୁଆଡେ ? ଜିଲ୍ଲା ଏବଂ ଜଟଣୀ ପ୍ରଶାସନ ଅଧିକାରୀ ମାନେ କୁମ୍ଭକର୍ଣ୍ଣ ନିଦ୍ରାରେ, ଚାଞ୍ଚଲ୍ୟ ସୃଷ୍ଟି କରିଛି ସାଧାରଣ ଜନତାଙ୍କ ମଧରେ । ସମ୍ବେଦନଶୀଳ ଘଟଣା ଏବଂ ସମ୍ବେଦନଶୀଳ ପରିବେଶ, ଉଡନ୍ତା ପୋଲ ତଳେ, ଜନଗହଳ ପୁର୍ଣ୍ଣ ପରିବେଶ ହୋଇଥିବା ସତ୍ତ୍ୱେ ସିତାରାମ ଛକରେ ଥିବା ବାଲୁଙ୍କେଶ୍ୱର ମନ୍ଦିରକୁ ଲାଗିରହିଛି ମଦ ଦୋକାନ । ଗୋଟାଏ କାନ୍ଥରେ ଏପଟେ ମଦ ସେପଟେ ପୂଜାର୍ଚ୍ଚନା । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗେ ବହୁ ମହିଳା ମାନଙ୍କର । ତାହା ସହିତ ପ୍ରତେକ ବାବସାୟୀ ଦୋକାନ ବ୍ୟବସାୟ କରିବା ପୁର୍ବରୁ, ରାସ୍ତାରେ ଯିବା ଆସିବା ସାଧାରଣ ଜନତା, ବାବା ବାଲୁଙ୍କେଶ୍ୱରଙ୍କୁ ଦର୍ଶନ କରି ଗନ୍ତବ୍ୟରେ ବାହାରିଥାନ୍ତି । ଦୁର୍ଭାଗ୍ୟର କଥା, ସ୍ଥାନିୟ ଦୋକାନିଙ୍କ କହିବା କଥା ଏହି ମଦ ଦୋକାନ କରିବାରେ ଖୁବ୍ ସହୋଯାଗ କରିଛନ୍ତି, ଜଟଣୀ ପୌରାଞ୍ଚଳର ଅଧକ୍ଷ । ପ୍ରତେକ ଦିନ ପୌରାଧକ୍ଷଙ୍କ କାର ଏଠାକୁ ଆସିଥାଏ, ମଦ ଦୋକାନର ମାଲିକ, ସବିତା ବେହେରା, ପୌରାଧକ୍ଷଙ୍କ ଖୁଦ୍ ସମ୍ପର୍କିୟ । ଏହି ସମ୍ବେଦନଶୀଳ ଘଟଣାକୁ ଗତ ୭ ଜୁଲାଇରେ ପ୍ରଥମେ ଉଠାଇଥିଲେ ୪ ନଂ ୱାର୍ଡର କାଉନ୍ସିଲର ଫର୍ମିଦା ବେଗମ୍ । ଦିତିୟ ମଦ ଦୋକାନ କ୍ରିଷ୍ଣାରାନୀ ମହାପାତ୍ରଙ୍କର, ରେଳବାଇ ବଜାର, ରେଳ ଷ୍ଟେସନକୁ ଜିବା ଆସିବା ରାସ୍ତାରେ ଖୋଲା ଯାଇଛି । ସରକାରୀ ଅନୁଧ୍ୟାନରୁ ଜଣାଯାଏ ମଦ ଦୋକାନ ଜଟଣୀର ୧୬ ନଂ ୱାର୍ଡ ପାଇଁ ସରକାରୀ ପ୍ରସ୍ତାବ ଥିବା ବେଳେ, ୧୮ ନଂ ୱାର୍ଡରେ କେମିତି ଖୋଲାଗଲା ହଁ ଆଜ୍ଞା ଏଠାରେ ସମସ୍ତେ




ଚତୁର, ୧୬ ନଂ ୱାର୍ଡଟି ଜନ ବସତି ଆକାଉଣ୍ଟସ୍ ରେଳ କଲୋନି, ରେଳ କର୍ମଚାରୀଙ୍କ ପାଇଁ ଉଦିଷ୍ଟ । ପୌର କର୍ତ୍ତୃପକ୍ଷଙ୍କ ସହୋଯାଗରେ ଉକ୍ତ ମହିଳା ପାଇଥିବା ମଦ ଦୋକାନକୁ ୧୮ ନଂ ୱାର୍ଡରେ ଖୋଲିବା ପାଇଁ ପଛାଇଲେ ନାହିଁ । ଏଠି ପ୍ରଶ୍ନ ଉଠୁଛି ପୌର କର୍ତ୍ତୃପକ୍ଷଙ୍କ ଜ୍ଞାତରେ ଏଭଳି ଅସାମାଜିକ ଘଟଣା ଘଟି ଯାଉଛି, ସେଥିପାଇଁ ସହରାଞ୍ଚଳ ଜନ ସାଧାରଣ ଅତ୍ୟନ୍ତ ଅତିଷ୍ଠ । ୧୮ ନଂ ୱାର୍ଡରେ ଯାହା ଦେଖିବାକୁ ମିଳୁଛି ଅଭିଯୋଗକାରୀ କିମ୍ବା ଧାରଣାରେ ବସିବା ଟିକେ କମ୍ । ନୂତନ ବିଦେଶୀ ମଦ ଦୋକାନ ଖୋଲିବାରେ ସ୍ଥାନୀୟ ଲୋକଙ୍କ ମଧରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗତ ୭ ଜୁଲାଇରେ ସ୍ଥାନୀୟ କାଉନସିଲର ଫର୍ମିଦା ବେଗମ୍ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ସ୍ଥାନରେ ମଦ ଦୋକାନ ବନ୍ଦ କରିବା ପାଇଁ ଜିଲାପାଳଙ୍କୁ, ସ୍ଥାନୀୟ ଶିବ ମନ୍ଦିର ପରିଚାଳନା କମିଟିକୁ, ଅବକାରୀ କମିଶନର କଟକ ନିକଟଙ୍କୁ, ପୁର୍ବତଟ ରେଳ ଅଧିକାରୀଙ୍କୁ ଓ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଏକ୍ସାଇଜ୍ ଖୋର୍ଦ୍ଧା ନିକଟକୁ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନଥିବାରୁ, ବୁଧବାର ତଥା ୭ ଜୁଲାଇରେ ମଦ ଦୋକାନ ବନ୍ଦ କରିବା ଦାବି ନେଇ ସ୍ଥାନୀୟ ଅଞ୍ଚଳର ଶହଶହ ମହିଳା, ପୁରୁଷଙ୍କୁ ଏକତ୍ରିତ କରି ମଦ ଦୋକାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ମନ୍ଦିର କମିଟି ପକ୍ଷରୁ ମଦ ଦୋକାନରେ ତାଲା ମଧ ପକା ଯାଇଥିଲା । ଘଟଣାର ସତ୍ୟତା ହେଉଛି, ?ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ଦ୍ୱାରା ଲଟେରି ମାଧ୍ୟମରେ ନୂତନ ମଦ ବିକ୍ରି ଲାଇସେନ୍ସର ପଞ୍ଜୀକରଣ କରାଗଲା ସର୍ବସାଧାରଣଙ୍କ ପାଇଁ । ଯେଉଁଥିରେ ସାରା ରାଜ୍ୟରେ ନୂତନ ମଦ ବେବସାଇ ଦେଖିବାକୁ ମିଳିଥିଲେ, ପ୍ରାୟ ବାହାର ରାଜ୍ୟର ବେବସାଇ, ଯେଉଳିକି ବିହାରୀ ବେବସାଇଙ୍କ ସଂଖ୍ୟା ଅଧିକ ହୋଇଥିବା ଅନୁମାନ କରାଯାଉଛି । ଜଟଣୀରେ ପାଇଥିବା ବ୍ୟକ୍ତି ଜଣଙ୍କ ସିତାରାମ ଛକଠାରେ ଗତ ୭ ଜୁଲାଇରେ ଏହି ମଦ ଦୋକାନ ଖୋଲିଥିଲେ । ବିଶେଷକରି ମଦ ଦୋକାନ ନିକଟରେ ଥିବା ବାବା ବାଲୁଙ୍କେଶ୍ୱରଙ୍କ ମନ୍ଦିର ରହିଛି । ବର୍ଷସାରା ଏଠାରେ ବିଭିନ୍ନ ଯାନିଯାତ୍ରା ହୋଇଥାଏ । ତେବେ ଏଠାରେ ମଦ ଦୋକାନ ଖୋଲିବାରେ ବିଭିନ୍ନ ସମସ୍ୟା ଉପୁଜିବାର ସମ୍ଭାବନା ବେସି । ସଂକୀର୍ଣ୍ଣ ରାସ୍ତା ପାଇଁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଏଠାରେ ଘଟି ଚାଲିଛି, ଏବାଦରେ ସମସ୍ତ ପ୍ରଶାସନ ଅବଗତ ଅଛନ୍ତି । ଦୋକାନ ଖୋଲା ରହିଲେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଏକାଧିକ ସମସ୍ୟା ଉପୁଜିବ । ଆଖି ଆଗରେ ଦେଖା ଯାଉଛି । ଜଟଣୀ ସାଧାରଣ ଜନତାଙ୍କ କହିବା କଥା, ଏଭଳି ସମ୍ବେଦନଶୀଳ ସ୍ଥାନରେ ମଦ ଦୋକାନ ବନ୍ଦ କରି ଅନ୍ୟତ୍ର ଖୋଲିବା ପାଇଁ ଦାବି କରୁଛନ୍ତି । ଘଟଣାର ?ଖବରପାଇ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ଏବଂ ପୋଲିସ ବୃନ୍ଦ ଓ ଜଟଣୀ ତହସିଲଦାର ଶିବାଶିଷ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ସ୍ଥଗିତ ରହିବା ସହ ଦୋକାନ ତାଲା ଖୋଲିବା ପାଇଁ ଅନୁମତି ଦେଇଥିଲେ ଏବଂ କହିଥିଲେ, ଘଟଣା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ସରକାରୀ ନିୟମ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ପରିଡ଼ା ପ୍ରତିଶୃତି ଦେଇଛନ୍ତି । ମୁଖ୍ୟ ବିଷୟବସ୍ତୁ, ଘଟଣା: ଜଟଣୀ ସିତାରାମ ଛକ ନିକଟରେ ନୂତନ ଭାବେ ଖୋଲିଥିବା ଏକ ବିଦେଶୀ ମଦ ଦୋକାନକୁ ସ୍ଥାନୀୟ ମହିଳା ଓ ମନ୍ଦିର କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି ।

# ଜେରଙ୍ଗ ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି ପକ୍ଷରୁ ୭୭ ତମ ବନ ମହୋତ୍ସବ ପାଳିତ

## ରାଜ୍ୟ ସ୍ତରୀୟ ଶ୍ରେଷ୍ଠ ବନ ସଂରକ୍ଷଣ ସମିତି ଭାବେ ମିଳିଲା ମୁଖ୍ୟମନ୍ତ୍ରୀ ପୁରସ୍କାର

**ଛେଣ୍ଡିପଦା ,୧୦/୭ (ନି.ପ୍ର) :** ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ଅନ୍ତର୍ଗତ ଜେରଙ୍ଗ ଦେହୁରୀ ସାହି ଗ୍ରାମ ପଞ୍ଚାୟତ ଅଧୀନ ଜେରଙ୍ଗ ଗ୍ରାମ ସ୍ଥିତ ସ୍ୱନାମ ଧନ୍ୟ ତଥା ଅଗ୍ରଣୀ ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି ପକ୍ଷରୁ ଶୁକ୍ରବାର ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ସ୍ୱରୂପ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟ ପକ୍ଷରେ ଗତ ୭ ତାରିଖ ଦିନ ଭୁବନେଶ୍ୱର ଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ଆୟୋଜିତ ୭୭ ତମ ବନ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଶ୍ରେଷ୍ଠ ବନ ସଂରକ୍ଷଣ ସମିତି ଭାବେ ମନୋନୀତ ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଯାହାକି ସମିତି ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ କର କମଳରେ ସମିତି ସଭାପତି ବୃକ୍ଷ ବାହନ ଗଡ଼ନାୟକ ଏବଂ ପରିବେଶବିତ୍ ବାଙ୍କନିଧି ଦାଶ ଏବଂ ସମିତି ସଦସ୍ୟ ମାନଙ୍କୁ ମାନପତ୍ର ଉପଢୌକନ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ପୁରସ୍କାର ରାଶି ସ୍ୱରୂପ ନଗଦ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମିତି ପକ୍ଷରୁ ମଧ ଏକ ବିଜୟ ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗୀୟ ସର୍ବୋଚ୍ଚ ପଦସ୍ତ ଅଧିକାରୀ ଙ୍କୁ ଗଭୀର କୃତଜ୍ଞତା ଏବଂ



ଧନ୍ୟବାଦ ଅର୍ପଣ କରାଯାଇଥିଲା । ତେବେ ସମିତି ଏବଂ ଜରପଡା ଜଙ୍ଗଲ ବିଭାଗ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସମିତି ସଭାପତି ବୃକ୍ଷ ବାହନ ଗଡ଼ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଜନପ୍ରିୟ ବିଧାୟକ ଅଗସ୍ତି ବେହେରା ଯୋଗ ଦେଇ ସମିତି କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିବା ସହ ବନ ମହୋତ୍ସବ ପାଳନ କରାଯିବାର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ଉପକାରିତା ସମ୍ପର୍କରେ ସବିଶେଷ ଭାବେ ଆଲୋକପାତ କରିଥିଲେ । ଏଥିସହ ରାଜ୍ୟ ମୁଖ୍ୟମନ୍ତ୍ରୀ ପୁରସ୍କାପ୍ରାପ୍ତ ଏହି ସମିତିକୁ ଗଭୀର କୃତଜ୍ଞତା ଜ୍ଞାପନ କରିବା ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ତଥା ବିଜେପି ସମ୍ପାଦକ ସୁଦୀପ୍ କୁମାର ବୁ ଗଡ଼ନାୟକ , ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ , ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର , ଜରପଡା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ , ସରପଞ୍ଚ ଯଶୋମତି ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ସମିତି ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ପରିବେଶବିତ ବାଙ୍କନିଧି ଦାଶ ସ୍ୱାଗତ ଅଭିଭାଷଣ , ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ସଭା ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମିତି ପକ୍ଷରୁ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ସମିତି ସ୍ମୃତି ଫଟୋ ଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜନଗଣନା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

**କଟକ,୧୦।୭ (ନି.ପ୍ର):** ଜନଗଣନା-୨୦୨୭ର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ଆଜି ସଫଳତାର ସହ ସମାପ୍ତ ହୋଇଛି । ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ଶ୍ରୀମତୀ ମିଳିତା ଦତ୍ତ ଓ ଜିଲ୍ଲା ଜନଗଣନା ନୋଡାଲ ଅଫିସର ଶ୍ରୀ ଦେବେନ୍ଦ୍ର କୁମାର ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ District Census Handbook (DCHB) ଜିଲ୍ଲା ଜନଗଣନା ହସ୍ତପୁସ୍ତିକାର ଉଦ୍ଦେଶ୍ୟ, କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଭୂମିକା ଓ ଦାୟିତ୍ୱ, ଗ୍ରାମ ନିର୍ଦ୍ଦେଶିକା ଅନୁସୂଚୀ (Village Directory schedule), ସହର ନିର୍ଦ୍ଦେଶିକା ଅନୁସୂଚୀ (Town Directory schedule), ଡିସିଏଚ୍‌ବି ମୋବାଇଲ୍ ଆପ୍ ?ର ବ୍ୟବହାର ଏବଂ ଡିସିଏଚ୍‌ବି ପୋର୍ଟାଲରେ ତଥ୍ୟ ପ୍ରଦାନ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରରେ ରାଜସ୍ୱ ନିରୀକ୍ଷକ (ଆରଆଇ), ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ), ଅମିନ, ଚାର୍ଜ ଅଫିସର ଏବଂ ଅତିରିକ୍ତ ଚାର୍ଜ ଅଫିସରମାନେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ସୁଚାରୁରୂପେ ଜନଗଣନା କାର୍ଯ୍ୟ ସମ୍ପାଦନ ନିମନ୍ତେ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟ, ସର୍ଭେ ସମୟରେ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପରିଦର୍ଶନ କରି ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ ଆଦି ବିଭିନ୍ନ ମୌଳିକ ସୁବିଧା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବେ । ଗ୍ରାମାଞ୍ଚଳ ପାଇଁ ୪୦୦ଟି ଏବଂ ସହରାଞ୍ଚଳ ପାଇଁ ୪୨୦ଟି ପ୍ରଶ୍ନର ତଥ୍ୟ ସଂଗ୍ରହ କରାଯିବ । ଏହି ସର୍ଭେ କାର୍ଯ୍ୟକ୍ରମ ଚଳିତ ବର୍ଷ ଜୁଲାଇ ୧୬ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରଶିକ୍ଷଣ ମାଧ୍ୟମରେ କ୍ଷେତ୍ରସ୍ତରୀୟ କର୍ମଚାରୀ ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ଜନଗଣନା-୨୦୨୭ କାର୍ଯ୍ୟକୁ ସୁଚାରୁ, ନିର୍ଭୁଲ ଓ ସଫଳତାର ସହ ସମ୍ପାଦନ କରିବାରେ ସହାୟକ ହେବ ବୋଲି ଡେପୁଟି କଲେକ୍ଟର,(ଜନଗଣନା) ନୁରି ପରଭିନ ମତ ପ୍ରକାଶ କରିଛନ୍ତି ।

# ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ଶିଳ୍ପମନ୍ତ୍ରୀଙ୍କ ସ୍ୱତନ୍ତ୍ର ସମୀକ୍ଷା ବୈଠକ

**ପାରାଦୀପ, ୧୦।୭ (ନି.ପ୍ର):** ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଅତ୍ୟାଧୁନିକ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ଏବଂ ପାରାଦ୍ୱୀପର ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାର ମିଳିତ ସହଯୋଗରେ ଭୂତମୁଣ୍ଡାଇ ଠାରେ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ୍ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ପାରାଦୀପ ସ୍ଥିତ ନୂତନ ସର୍କିଟ ହାଉସ ଠାରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଅଧକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ଅତିରିକ୍ତ



ଜିଲ୍ଲାପାଳ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ଏବଂ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ପାରାଦ୍ୱୀପର ସମସ୍ତ ବୃହତ୍ ଶିଳ୍ପର କର୍ତ୍ତୃପକ୍ଷ ଯୋଗଦେଇ ହସ୍ପିଟାଲର ଡ୍ରଇଁ ଏବଂ ଡିଜାଇନିଂର ସମୀକ୍ଷା କରିଥିଲେ। ଏହି ହସ୍ପିଟାଲ୍ ପ୍ରତିଷ୍ଠା ହେଲେ ପାରାଦୀପ ସମେତ ନିର୍ବାଚନ ମଣ୍ଡଳୀ ଅଞ୍ଚଳବାସୀଙ୍କୁ ଜଟିଳ ଚିକିତ୍ସା ପାଇଁ ଆଉ କଟକ କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ଏଠାରେ ହୃଦ୍‌ରୋଗ, ସ୍ନାୟୁରୋଗ, ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁରୋଗ ଏବଂ ଅସ୍ଥିଶଲ୍ୟ ଭଳି ବିଭିନ୍ନ ଜଟିଳ ରୋଗର ଚିକିତ୍ସା ସହ ପ୍ରତିଦିନ ବିଶେଷଜ୍ଞ ଡାକ୍ତରମାନେ ସେବା ଯୋଗାଇଦେବେ। ସମସ୍ତ ଅଂଶୀଦାର ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନସାଧାରଣଙ୍କ ସୁସ୍ଥ ଜୀବନଶୈଳୀ ପାଇଁ ରାଜ୍ୟ ସରକାରଙ୍କର ଏହି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ତେବେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦୀର୍ଘଦିନ ହେବ ସାଧାରଣରେ ଦାବୀ ହୋଇ ଆସୁଥିବା ଅତ୍ୟାଧୁନିକ ହସ୍ପିଟାଲ ନିର୍ମାଣ ର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଏହି ପ୍ରୟାସ ଏବଂ ଉଦ୍ୟମ ପାଇଁ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# କୋଇଡାରେ DMF ଯୋଗାଇଥିବା ALS -BLS ଆମ୍ବୁଲାନ୍ସ ଗୁରୁତର ରୋଗୀଙ୍କ ପାଇଁ କେତେ ସୁରକ୍ଷିତ ?

**କୋଇଡା, ୧୦/୦୭ (ନି.ପ୍ର)):** ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଗୁରୁତର ରୋଗୀଙ୍କୁ ରାଉରକେଲା ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ୨୦୨୩–୨୦୨୪ ମସିହାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (DMF) ପାଣ୍ଠିରୁ BLS ଓ ALS ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ତେବେ ଏହି ସେବାର କାର୍ଯ୍ୟକ୍ଷମତାକୁ ନେଇ ପ୍ରଶ୍ନ ବାଚକ ସୃଷ୍ଟି ହୋଇଛି।

ଚିକିତ୍ସା ବିଜ୍ଞାନ ଅନୁସାରେ ଦୁର୍ଘଟଣା, ହୃଦ୍‌ଘାତ କିମ୍ବା ଷ୍ଟ୍ରୋକ୍ ପରବର୍ତ୍ତୀ ପ୍ରଥମ ୬୦ ମିନିଟ୍ ?କୁ "ଗୋଲଡେନ୍ ଆୱାର୍" କୁହାଯାଏ। ଏହି ସମୟରେ ଉନ୍ନତ ଜରୁରୀ ଚିକିତ୍ସା ମିଳିଲେ ରୋଗୀଙ୍କ ଜୀବନ ବଞ୍ଚିବାର ସମ୍ଭାବନା ବହୁତ ଗୁଣ ବଢ଼ିଥାଏ। ସେଥିପାଇଁ ALS ଆମ୍ବୁଲାନ୍ସକୁ ଏକ ଚଳନ୍ତା ICU କୁହାଯାଏ କାରଣ ସେଥିରେ କାର୍ଡିଆକ୍ ମନିଟର, ଭେଣ୍ଟିଲେଟର, ଡିଫିବ୍ରିଲେଟର, ଅକ୍ସିଜେନ୍ ସପୋର୍ଟ ଓ ଅନ୍ୟାନ୍ୟ ଜୀବନରକ୍ଷାକାରୀ ଉପକରଣ ସହ ସଜ୍ଜିତ କରାଯାଇଥାଏ।

କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କୋଇଡାରେ ଥିବା ALS ଆମ୍ବୁଲାନ୍ସର ଲାଇଫ୍ ସପୋର୍ଟ ଉପକରଣ ଓ ଏୟାର କଣ୍ଡିସନର (AC) ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ହେଉନାହିଁ ।




ନିକଟରେ ହୃଦ୍‌ଘାତରେ ଆକ୍ରାନ୍ତ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ରାଉରକେଲାକୁ ସ୍ଥାନାନ୍ତର ସମୟରେ ଆମ୍ବୁଲାନ୍ସର ଆବଶ୍ୟକ ଜୀବନରକ୍ଷାକାରୀ ବ୍ୟବସ୍ଥା କାର୍ଯ୍ୟକ୍ଷମ ନଥିବା ନେଇ ରୋଗୀଙ୍କ ଉପସ୍ଥିତ ସମ୍ପର୍କୀୟ ମଧ ଜଣାଇଥିଲେ ମଧ ସେମାନେ ନିରୁପାୟ ଥିଲେ। ଖଣି ଅଞ୍ଚଳରେ ଆଉ ଏକ ଚ୍ୟାଲେଞ୍ଜ ଧୂଳି : କୋଇଡା ଏକ ଖଣି ଅଞ୍ଚଳ ହୋଇଥିବାରୁ ଲୁହାପଥର ପରିବହନ ଯୋଗୁଁ ଅଧିକ ଧୂଳି ସୃଷ୍ଟି ହୁଏ। ଏପରି ସ୍ଥିତିରେ ରୋଗୀଙ୍କ ସୁରକ୍ଷା ପାଇଁ ଆମ୍ବୁଲାନ୍ସର ଝରକା ବନ୍ଦ ରଖିବା ଆବଶ୍ୟକ ହୁଏ। କିନ୍ତୁ AC କାର୍ଯ୍ୟକ୍ଷମ ନଥିଲେ ଭିତରେ ଅସହ୍ୟ ଗରମ ପରିବେଶ ସୃଷ୍ଟି ହେବାରୁ ଗୁରୁତର ରୋଗୀଙ୍କ ପରିବହନ ଆହୁରି କଷ୍ଟକର ହୋଇପଡୁଥିବା ଅଭିଯୋଗ ରହିଛି।ଏହି ପରିସ୍ଥିତିରେ ଉଗର ପାଣ୍ଠିରେ କ୍ରୟ ହୋଇଥିବା BLS–ALS ଆମ୍ବୁଲାନ୍ସଗୁଡ଼ିକର ନିୟମିତ ଯାଞ୍ଚ, ରକ୍ଷଣାବେକ୍ଷଣ ଓ ସମସ୍ତ ଜୀବନରକ୍ଷାକାରୀ ଉପକରଣର କାର୍ଯ୍ୟକ୍ଷମତାଆବଶ୍ୟକ ମରାମତି କରିବା ସ୍ୱାସ୍ଥ୍ୟ ପ୍ରଶାସନର ଦାୟିତ୍ୱ। କାରଣ ଜରୁରୀ ସେବାରେ ପ୍ରତ୍ୟେକ ମିନିଟ୍ ଓ ପ୍ରତ୍ୟେକ ଉପକରଣ ଗୋଟିଏ ଜୀବନ ସହ ସିଧାସଳଖ ଭାବେ ଜଡ଼ିତ।

# ବଲଙ୍ଗା ପୋଲିସର ତ୍ୱରିତ ପଦକ୍ଷେପ

## ଅପହରଣର ୮ ଘଣ୍ଟା ମଧରେ ନାବାଳିକା ଉଦ୍ଧାର : ଅଭିଯୁକ୍ତ ଗିରଫ

**ବଲଙ୍ଗା, ୧୦।୭ (ନି.ପ୍ର):** ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୪ବର୍ଷୀୟା ନାବାଳିକା ଅପହରଣ ଅଭିଯୋଗର ମାତ୍ର ୮ଘଣ୍ଟା ମଧରେ ପୋଲିସ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ମଣିପୁର ଗ୍ରାମର ସଂଗ୍ରାମ ଦଳାଇ (୨୦) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଅଭିଯୁକ୍ତ ସଂଗ୍ରାମ ନିଜ ପରିବାର ସହ ସତ୍ୟବାଦୀ ଥାନା କାଦୁଆ ଅଞ୍ଚଳରେ ରହୁଛନ୍ତି। ଗତ ୭ତାରିଖ ସକାଳ ସମୟରେ ବଲଙ୍ଗା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୪ବର୍ଷିୟା ନାବାଳିକା ଘରୁ ସାଇକେଲ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲା। ଫଳରେ ନାବାଳିକା ମା



ସେ ନେଇଥିବା ମୋବାଇଲକୁ ଯୋଗାଯୋଗ କରିବାରେ ତାହା ସୁଇଚ ଅଫ ଥିଲା। ପରିବାର ଲୋକେ ବହୁତ ଖୋଜ ଖବର ନେବାରେ ନାବାଳିକାକୁ ଅଭିଯୁକ୍ତ ସଂଗ୍ରାମ ମିଥ୍ୟା ପ୍ରଲୋଭନ ଦେଇ ଅପହରଣ କରିଥିବା ଜାଣିବାକୁ ପାଇଥିଲେ। ପରେ ପରିବାର ଲୋକେ କାଦୁଆ ସ୍ଥିତ ସଂଗ୍ରାମଙ୍କ ପରିବାର ରହୁଥିବା ଘରେ ପହଞ୍ଚି ନାବାଳିକାକୁ ଛାଡ଼ିବାକୁ କହିଥିଲେ। ସଂଗ୍ରାମଙ୍କ ପରିବାର ନାବାଳିକାକୁ ଛାଡ଼ିବେନି ବୋଲି କହିବା ସହ ଓଲଟି ଧମକ ଚମକ ଦେଇଥିଲେ ବୋଲି ନାବାଳିକା ମା ଗତକାଲି ଅପରାହ୍ନରେ ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଗତକାଲି ରାତିରେ ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ କାଦୁଆ ଠାରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରି ନାବାଳିକାକୁ ଉଦ୍ଧାର କରିଥିଲେ। ନାବାଳିକାକୁ ପୋଲିସ ପୁରୀ ସି ଡବ୍ଲୁ ସିରେ ଛାଡ଼ିଥିଲା ବେଳେ ଅଭିଯୁକ୍ତ ସଂଗ୍ରାମକୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାର ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ନିମାପଡା ଉପ କାରାଗାରକୁ ପଠାଇ ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

## ମତ୍ସ୍ୟ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ଓ ସରକାରୀ ଯୋଜନାର ସଦୁପଯୋଗ ଉପରେ ଗୁରୁତ୍ୱ

**କଟକ,୧୦।୭ (ନି.ପ୍ର):** ଜାତୀୟ ମତ୍ସ୍ୟଚାଷୀ ଦିବସ ଅବସରରେ ଆଜି ସର୍ବେ ?କ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ ଓ ମଣ୍ଡଳ ସମବାୟ ନିରୀକ୍ଷକ ଶ୍ରୀ ରମେଶ ସ୍ୱାଇଁ ଓ ସଫଳ ମତ୍ସ୍ୟ ଉଦ୍‌ଯୋଗୀ ଶ୍ରୀ ସୌରଭ ବିଶ୍ୱାଳ ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଉପ-ମତ୍ସ୍ୟ ନିର୍ଦ୍ଦେଶିକା ଶ୍ରୀମତୀ




ବବିତା ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ସରକାରୀ ମାଛଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ପ୍ରତି ବର୍ଷ ରେ ଜୁଲାଇ ୧୦ ତାରିଖକୁ ସାରା ଭାରତରେ ଜାତୀୟ ମତ୍ସ୍ୟଜୀବୀ ଦିବସ ରୂପେ ପାଳନ କରାଯାଉଛି । ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଜୀବୀ / ମତ୍ସ୍ୟଚାଷୀ / ମତ୍ସ୍ୟ ଉଦ୍‌ଯୋଗୀ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମତ୍ସ୍ୟ ସହ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନକୁ ସ୍ମରଣ କରିବା ସହ ଆଧୁନିକ ଜ୍ଞାନ କୌଶଳର ପ୍ରସାର ଓ ପରିବେଶକୁ ସୁରକ୍ଷିତ ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ମତ୍ସ୍ୟଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏଥିସହ ଜିଲ୍ଲାର ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ, ମତ୍ସ୍ୟ ଉଦ୍‌ଯୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାର ଅଗ୍ରଣୀ ମତ୍ସ୍ୟଚାଷୀ ଓ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଶ୍ରୀମତୀ ସଞ୍ଜନା ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ,ମୁଖ୍ୟ କାର୍ଯ୍ୟାଳୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୩ରେ ବଡମ୍ବା ବ୍ଲକ୍ କାର୍ଯ୍ୟାଳୟରେ

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୧୦।୭ (ନି.ପ୍ର):** ଜୁଲାଇ ୧୩ ତାରିଖ ସୋମବାର ବଡମ୍ବା ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ । ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

